ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଡିସେମ୍ବର ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ଔ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, December 2023, Issue No. IX

ISSN NO. 2583-147X (P)

RNI No. : ODIODI/2015/64435

P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଦେହ ଓ ଦହନ ପ୍ରସଙ୍ଗ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ : ଏକ ଆଲେଖ୍ୟ
– ଯୁଗିରାମ ପୁଟେଲ ୦୭

ହିତୈଷିଣୀର ସମ୍ପାଦନା ଓ ନୀଳମଣି ବିଦ୍ୟାରତ୍ନ
– ଡ. ସନ୍ତୋଷ କୁମାର ପଣ୍ଡା ୧୪

ମହାପାତ୍ର ନୀଳମଣି ସାହୁଙ୍କର ଗଳ୍ପ ଏକ ଦୃଷ୍ଟିପାତ
– ଡକ୍ଟର ସ୍ୱପ୍ନାରାଣୀ ସିଂ ୨୦

ଉପନ୍ୟାସ ସୃଜନରେ ଗୌରହରିଙ୍କ ଗୌରବ
– ହରେନ୍ଦ୍ର ଗାଁଣ ୩୩

ଲୋକକଥା କଳ୍ପନାରେ ଉତ୍ତରଅଶୀ ଓଡ଼ିଆ ଉପନ୍ୟାସ
– ଖଗେଶ୍ୱର ମେହେର ୩୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା ....................................................... ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................

ବ୍ୟାଙ୍କ୍.......................................... ସ୍ଥାନ.......................................................

ତାରିଖ....................................... ଦସ୍ତଖତ...............................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), **Vol.- 9, Issue No.IX, October 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଦେହ ଓ ଦହନ ପ୍ରସଙ୍ଗ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ : ଏକ ଆଲେଖ୍ୟ

**ଯୁଗିରାମ ପୁଟେଲ**

ଓଡିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଭାବରେ ଗୋପୀନାଥ ମହାନ୍ତି ପରିଚିତ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଯେଉଁ କେତେଜଣ ଓଡିଆ ଉପନ୍ୟାସକୁ ଆଧୁନିକତାର ରୂପ ଦେବାରେ ସଫଳ ହୋଇପାରିଥିଲେ, ସେମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି ଅନ୍ୟତମ । ଏହି ମହାନ ସାରସ୍ୱତ ସ୍ରଷ୍ଟାଙ୍କର ଜନ୍ମ ହୁଏ ୧୯୧୪ ମସିହା କଟକ ଜିଲ୍ଲାର ନାଗାବାଲୀ ଗ୍ରାମରେ । ସେ ଔପନ୍ୟାସିକ ଭାବରେ ପରିଚିତି ଲାଭ କରିଥିଲେ ହେଁ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଭ୍ରମଣ କାହାଣୀ, ଜୀବନୀ, ଆତ୍ମଜୀବନୀ, ଅନୁବାଦ ଆଦି ବିଭାଗଗୁଡିକରେ ଲେଖନୀ ଚାଳନା କରି ସିଦ୍ଧହସ୍ତ ହୋଇପାରିଛନ୍ତି । ତାଙ୍କ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି ମନ ଗହୀରର ଚାଷ (୧୯୪୦), ଦାଦିବୁଢ଼ା (୧୯୪୪), ପରଜା (୧୯୪୬), ହରିଜନ (୧୯୪୮), ଅମୃତର ସନ୍ତାନ (୧୯୪୯), ଶରତ ବାବୁଙ୍କ ଗଳି (୧୯୫୦), ରାହୁର ଛାୟା (୧୯୫୨), ଦୁଇପତ୍ର (୧୯୫୪), ସପନମାଟି (୧୯୫୪), ଶିବଭାଇ (୧୯୫୫), ଦାନାପାଣି (୧୯୫୫), ଅପହଞ୍ଚ (୧୯୬୧), ଲୟବିଲୟ (୧୯୬୧), ତନ୍ତ୍ରିକାର (୧୯୬୩), ମାଟିମଟାଳ (୧୯୬୪), ପାହାନ୍ତା (୧୯୭୧), ଅକାଶ ସୁନ୍ଦେରୀ (୧୯୭୨), ଅନଳନଳ (୧୯୭୩), ଦିଗଦିହୁଡ଼ି (୧୯୭୯), ବୁନ୍ଦାଏପାଣି (୧୯୮୮), କିଛି କିହିବାକୁ ଚାହେଁ (୧୯୮୯), ଜାନକାମ୍ବା (୧୯୯୧), ଅନାମ (୧୯୯୩) । ଉକ୍ତ ଉପନ୍ୟାସଗୁଡିକରେ ପ୍ରେମ, ଜମିଦାରୀ ଶୋଷଣ, ଯୁଦ୍ଧ, ଯୌନ ଜୀବନଚର୍ଯ୍ୟା, ଆଦିବାସୀ ସଂସ୍କୃତି, ପରମ୍ପରା, ମଧ୍ୟବର୍ତ୍ତି ପରିବାରବର୍ଗଙ୍କ ଅସହାୟତା, ନିଃସଙ୍ଗବୋଧ, ଆଦି ଭାବ ବସ୍ତୁଗୁଡିକ ରହିଥିଲେ ହେଁ ଦେହ ଓ ଦହନ ପ୍ରସଗ ତାଙ୍କ ଅର୍ଦ୍ଧାଧିକ ଉପନ୍ୟାସରେ ରହିଛି ।

ସୃଷ୍ଟି ପ୍ରକ୍ରିୟା କହିଲେ ଯୌନତାକୁ ବୁଝାଏ । ଜୀବନକୁ ଅନୁଭବ କରିବା ହେଉଛି ଯୌନବେଗ । ଏହି ଯୌନବେଗ ସହିତ ଜଡ଼ିତ ରହିଛି ମଣିଷ ତଥା ପ୍ରାଣୀ ଓ ଉଦ୍ଭିଦ ଜଗତର ବଂଶୋଦ୍ଭବ ପ୍ରକ୍ରିୟା । ବିନା ଯୌନ ପ୍ରକ୍ରିୟାରେ ସୃଷ୍ଟିର ବିକାଶ ଅସମ୍ଭବ । ଯେକୌଣସି ପ୍ରାଣୀ ହେଉ କି ଉଦ୍ଭିଦଜଗତ ପ୍ରତ୍ୟେକଙ୍କ ଭିତରେ ବିଦ୍ୟମାନ ଥାଏ ଯୌନ ପ୍ରକ୍ରିୟା; ଯାହା ଜୀବଜଗତକୁ ସଂଚାଳିତ କରେ । ଏଣୁ ଯୌନ କ୍ରିୟାକୁ ବାଦଦେଇ ସୃଷ୍ଟିର ବିକାଶ ଅସମ୍ଭବ । ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ତାକୁ ଖାଦ୍ୟ, ପାନୀୟ ଓ ନିଦ୍ରାର ଯେପରି ଆବଶ୍ୟକତା ରହିଛି, ସେପରି ଆବଶ୍ୟକତା ରହିଛି ମୈଥୁନର ମଧ୍ୟ । ଏଥିରେ ଅସ୍ୱାଭିକତା ବୋଲି କିଛି ନାହିଁ ।

ସାମ୍ପ୍ରତିକ ସମୟରେ ପ୍ରେମ ମଣିଷ ପାଇଁ ଏକ ଜୈବିକ ଆବଶ୍ୟକତା ରୂପେ ଦେଖା ଦେଇଛି । ଫଳରେ ସାହିତ୍ୟରୁ ଦୂରେଇ ଯାଇଛି ସୌନ୍ଦର୍ଯ୍ୟବୋଧ ଏବଂ ସର୍ବତ୍ର ଦେଖା ଦେଇଛି ଯୌନତାର ଛାପ । ବିଂଶ ଶତାବ୍ଦୀରେ ପୃଥିବୀ ଇତିହାସରେ ଯେଉଁ ବିରାଟ ପରିବର୍ତ୍ତନ ଦେଖା ଦେଇଛି, ତାର ପରିଣାମ ସ୍ୱରୂପ ପୁରାତନ ସଂସ୍କୃତି ଓ ମୂଲ୍ୟବୋଧ ଭାଙ୍ଗିଯାଇଛି । ଯୌଥ ପରିବାର ପରିବର୍ତ୍ତେ ଏକକ ପରିବାର ଦୃଷ୍ଟିଗୋଚର ହୋଇଛି । ସ୍ନେହ, ପ୍ରୀତି, ଭଲପାଇବା ମୂଲ୍ୟହୀନ ହୋଇପଡିଛି । ପୁରାତନ ସଂସ୍କୃତି, ସଭ୍ୟତା ଭାଙ୍ଗି ନୂତନ ସସ୍କୃତି ଗଢ଼ିଉଠିଛି । ବ୍ୟକ୍ତି କେନ୍ଦ୍ରୀକତା ପ୍ରାଧନ୍ୟ ଲାଭ କରିଛି । ଫଳରେ ମଣିଷ ଅସହାୟ ଓ ନିସଂଗ ଜୀବନଯାପନ

କରିଛି । ଏହି ନିସଂଗ ପଣରୁ ଜନ୍ମଲାଭ କରିଛି ଯୌନଲାଳସା; ଯାହା ସାମ୍ପ୍ରତିକ ସାହିତ୍ୟରେ ମୁଖ୍ୟ ବିଭାବ ରୂପେ ଉଭା ହୋଇଛି ।

୧୯୪୪ ମସିହାରେ ଗୋପୀନାଥ ମହାନ୍ତିଙ୍କ ଦ୍ୱିତୀୟ ଉପନ୍ୟାସ ଦାଦିବୁଢ଼ା ପ୍ରକାଶିତ ହୁଏ । କନ୍ଧ ଆଦିବାସୀ ମାନଙ୍କର ଚାଲି, ଚଳଣି, ରୀତି, ନୀତି, ପ୍ରଥା, ପରମ୍ପରା ଏଥିରେ ରୂପାୟିତ ହେବା ସହିତ ଦେହ ଓ ଦହନ କଥା ଉଲ୍ଲେଖିତ ହୋଇଛି । ଗୋଟିଏ ଥୁଣ୍ଟା ବରଗଛକୁ ଦାଦିବୁଢ଼ା ରୂପେ ପ୍ରତିକିତ କରାଯାଇଛି । ଦାଦିବୁଢ଼ା ହେଉଛି ତାଙ୍କର ଗ୍ରାମ୍ୟ ଦେବତା । ସମସ୍ତେ ନିଜ ନିଜର ମନୋକାମନା ପୂର୍ଣ୍ଣ ନିମନ୍ତେ ଦାଦିବୁଢ଼ା ନିକଟରେ ଗୁହାରି ହୁଅନ୍ତି । ରାମ ନାୟକ ତା'ପୁଅ ଠେଙ୍ଗା ଜାନି ପାଇଁ, ଘର ତୋଳିବ, ବିଭାକରିବ, ବୋହୂ ଆଣିବ ବୋଲି ସ୍ୱପ୍ନ ଦେଖେ । ଠେଙ୍ଗା ଜାନି କିନ୍ତୁ ସନ୍ତୋଷ କୁମାରୀ ରୂପରେ ମୋହିତ ହୋଇ ତା'ସହ ଦୈହିକ ସମ୍ପର୍କ ରଖେ । "ତୁଣ୍ଡ ନ ଖୋଲି ଠେଙ୍ଗା ଜାନି ଦୁଇ ହାତରେ ତାକୁ ଉଠେଇନେଲା । ଛାତିରେ ଚାପିକରି ଫୁଲପରି ଟେକି ନେଇଗଲା ପାଣିଝରା ପଥର ସେ ପାଖକୁ ।[୧] ଲେଖକ ବହୁ ମାର୍ଜିତ ଭାବରେ ଦାଦିବୁଢ଼ା ଉପନ୍ୟାସରେ ଦେହ ଓ ଦହନ କଥା ଉଲ୍ଲେଖ କରିଛନ୍ତି । ଉପନ୍ୟାସର ବର୍ଣ୍ଣନାଛଟା ମଧ୍ୟରେ ରୂପକଳ୍ପର ପ୍ରୟୋଗ କରି ଯୌନତାର ଚିତ୍ର ଅଭିବ୍ୟକ୍ତି କରିଛନ୍ତି ।" ସନ୍ତୋଷ କୁମାରୀ ହସିହସି ଠେଙ୍ଗା ଜାନିର ମୁହଁଟିକୁ ଟେକି ଧରିଲା । ତା'ପରେ ଏତାମୁହଁକୁ ସେ ୟାମୁହଁକୁ ଅନେଇ ଏକା ଧାରକେ ଦୁଇଜଣଯାକ କାନ୍ଦି ପକେଇଲେ । କୁଣ୍ଡାକୁଣ୍ଡି ହୋଇ କାନ୍ଦିକାନ୍ଦିକା ଲଟା ଭିତରକୁ ପଶିଗଲେ" ।[୨]

ସେହିପରି ତାଙ୍କର ଅନ୍ୟଏକ ଉପନ୍ୟାସ 'ପରଜା' ପ୍ରକାଶିତ ହୁଏ ୧୯୪୬ ମସିହାରେ । ପରଜା ଜୀବନର ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ, ରୀତି-ନୀତି ଏଥିରେ ରୂପାୟିତ ହେବା ସହିତ ସାହୁକାରମାନଙ୍କ ଶୋଷଣର ଚିତ୍ର ବର୍ଣ୍ଣିତ ହୋଇଛି । ଏ ଶୋଷଣ ଦୁଇ ପ୍ରକାର-ଗୋଟେ ଆର୍ଥିକ ଅନ୍ୟଟି ଶାରୀରିକ ।

କୋରାପୁଟ ଜିଲ୍ଲା ଅନ୍ତର୍ଗତ ଶରଶୁପଦର ଗାଁରେ ଥିବା ଶୁକ୍ରୁଜାନିର ପରିବାରକୁ ନେଇ ପରଜା ଉପନ୍ୟାସ ପର୍ଯ୍ୟବେଶିତ । ଶୁକ୍ରୁର ପରିବାର କହିଲେ ଦୁଇପୁଅ-ମାଣ୍ଡିଆ ଜାନି ଓ ଟିକ୍ରା ଜାନି; ଦୁଇଝିଅ ଜିଲି ଓ ବିଲି । ଉପନ୍ୟାସରେ ଦେଖାଯାଏ ଯେ ଜଙ୍ଗଲ ଜମାନର ଲୋଲୁପ ଦୃଷ୍ଟି ପଡେ ଜିଲି ଉପରେ । ଶୁକ୍ରୁ ଜାନି ମନା କରିବାରୁ ଜଙ୍ଗଲ ଜମାନର କୋପଦୃଷ୍ଟି ପଡ଼େ ଶୁକ୍ରୁଜାନିର ପରିବାର ଉପରେ । ପରିଣାମ ସ୍ୱରୂପ ରାମ ବିଶୋଇର କରଜ ସୁଝିବା ନିମନ୍ତେ ବାପ-ପୁଅକୁ ଗୋତି ଖଟିବାକୁ ଯିବାକୁ ପଡ଼େ ।

ଅନ୍ୟପଟେ ଜିଲି ବିଲି ଖାଇବାକୁ ନପାଇ ରୋଡ୍ ପାଇଟି କାମ କରିବାକୁ ଘରୁ ଗୋଡ଼ କାଢ଼ନ୍ତି । ସେଠି ଗୁମାସ୍ତାଙ୍କ ଲୋଲୁପ ଦୃଷ୍ଟିପଡ଼େ ଜିଲି ବିଲି ଉପରେ । ତେଣୁ ସେ ରାମୀକୁ ହାତବାରିସି କରି ଜିଲିବିଲିକୁ ଉପଭୋଗ କରେ । ତାର କାମନାକୁ ଚରିତାର୍ଥ କରେ । ପରେ ଜିଲି ବିଲି ପାଖରେ ଏହା ଦେହସୁହା ହୋଇଯାଏ । "ଦିନଯାଏ କିନ୍ତୁ ଆଉ ରାମୀ ଆସିବାର ଦରକାର ହୁଏ ନାହିଁ । ଗୁମାସ୍ତା ମନଇଛା ଓରଉଣ୍ଡି କେଉଁଟି ଜିଲି ସାଙ୍ଗେ, କେଉଁଟି ବିଲି ସାଙ୍ଗେ ଦେଖା କରେ, କେହି ପଛରେ ଯାଏ ନାହିଁ । ଆଉ ଗୁମାସ୍ତା ଯେତେବେଳେ ନଆସେ ଦଳ ଭିତରେ ନିଶାପାଣି ପଙ୍ଗତରେ ଆଉ କିଏ ଝିଙ୍କାଓଟରା କଲେ ସୁଦ୍ଧା ଜିଲିବିଲି ସଙ୍କୁଚିତ ହୋଇଯାନ୍ତି ନାହିଁ । ଗୋଷ୍ଠୀ ଭିତରେ ଧାଙ୍ଗଡ଼ା ପଞ୍ଝାକୁ ଘେରି ଆଉ ଦଶଟା ଟୋକି ଯେପରି ନାଳିଚାଲି ହୁଅନ୍ତି, ଧରାଧରି ହୁଅନ୍ତି, ସେମାନେ ବି ସେହିପରି ମିଶିଯାନ୍ତି, ସବୁ ଦେହସୁହା ହୋଇଯାଏ । ସବୁ ଅଭ୍ୟାସର କଥା । ମନ ଭିତରେ ଆଞ୍ଚବି ରହେ ନାହିଁ ତାର । ଭାବିଲେ ସୁଖ ଲାଗେ" ।[୩]

ସୂକ୍ଷ୍ମ ଭାବରେ ଅନୁଧ୍ୟାନ କଲେ ଜଣାଯିବ ଯେ ଲେଖକ କିପରି ବିସମ ଲିଙ୍ଗୀ ଯୌନ ସମ୍ପର୍କ ମଧ୍ୟରେ ସମଲିଙ୍ଗୀ ଯୌନ ସମ୍ପର୍କ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ଗୁମାସ୍ତା ନ ଆସିବା ଦିନ ରୋଡପାଇଟିରେ କାମ କରୁଥିବା ଝିଅ ଝିଅ ମଧ୍ୟରେ ଦୈହିକ ସମ୍ପର୍କ ରକ୍ଷା ହୁଏ, ଆଉ ସେଥିପାଇଁ ସେମାନେ ଦୁଃଖ ମଧ୍ୟ ପ୍ରକାଶ କରନ୍ତି ନାହିଁ । ଗୋଟେ ଅଭ୍ୟାସରେ ପରିଣତ ହୋଇଯାଏ ।

ସେହିପରି ରାମ ବିଶୋଇ ମଧ୍ୟ ଜିଲିର ରୂପରେ ମୋହିତ ହୋଇଛି । ସେ ଦେଖିଛି ଜିଲି ଖାଲି ରୂପରେ ନୁହେଁ ତାର ତେଜ ମଧ୍ୟ ଅଛି । ତାକୁ ରୂପର ଆବଶ୍ୟକତା ନାହିଁ, ଅଛି ଦେହର ଆବଶ୍ୟକତା । ତେଣୁ ସେ ମଧୁଘାସୀ ମାଧ୍ୟମରେ ଜିଲିକୁ ରକ୍ଷିତା କରି ରଖିଛି ।

ମେହେନ୍ତର ମାନଙ୍କର କରୁଣ ବିଳାପ ଓ ଜୀବନ ଯନ୍ତ୍ରଣାର ଚିତ୍ର ରୂପାୟିତ ହୋଇଛି 'ହରିଜନ' (୧୯୪୮) ଉପନ୍ୟାସରେ । ଏଥିରେ ହରିଜନମାନଙ୍କର ମୌଳିକ ସମସ୍ୟା, ଶୋଷଣ, ଅତ୍ୟାଚାର, ସଂଭ୍ରାନ୍ତ ବ୍ୟକ୍ତିମାନଙ୍କର ବସ୍ତୁବିଳାସ ଜୀବନ ଆଦି ବର୍ଣ୍ଣିତ ହୋଇଛି । ଉକ୍ତ ଉପନ୍ୟାସରେ ମଧ୍ୟ ହରିଜନମାନଙ୍କୁ ଦୁଇ ପ୍ରକାରରେ ଶୋଷଣ କରାଯାଇଛି-ଗୋଟେ ଆର୍ଥିକ ଅନ୍ୟଟି ଦୈହିକ ।

ଉଦରର କ୍ଷୁଧା ପ୍ରଶମିତ ହେଲାପରେ ମଣିଷ ଦେହର କ୍ଷୁଧା ବିଷୟରେ ଚିନ୍ତା କରେ । ଗୋଟିଏ ଦେହ ପାଇଁ ଦରକାର

ଆଉ ଗୋଟେ ଦେହ । ସେଥିପାଇଁ ସେ ଉଚ୍ଚ-ନିଚ୍ଚ, କଳା-ଗୋରା, ଜାତି-ଅଜାତି କାହାର ବିଚାର କରେ ନାହିଁ । ଦିନର ଆଲୁଅରେ ଯାହାକୁ ସେମାନେ ଛି, ଛି, ମାର, ମାର୍ କରନ୍ତି ରାତ୍ରିର ଅନ୍ଧକାରରେ ସେମାନେ ପୁଳା ପୁଳା ଟଙ୍କାଦେଇ ତା ସହ ଦୈହିକ ସମ୍ପର୍କ ରଖନ୍ତି । ଉପନ୍ୟାସରେ ଅବିନାଶ, ଅଘୋର, ମ୍ୟୁନିସିପାଲଟିର ମିସ୍ତ୍ରୀ ଆଦି ଏ ଧରଣର ଚରିତ୍ର; ଯେଉଁମାନେ ପୁଳା ପୁଳା ଟଙ୍କା ଦେଇ ଦେହର ଭୋକ ମେଣ୍ଟାଇଛନ୍ତି ଏବଂ ଅଭାବ ଅନାଟନରେ ହେଉ ବା ଅର୍ଥ ଲାଳସାରେ ହେଉ ଜେମା ମେହେନ୍ତାଣୀ, ଟଭ, କଜଳମତୀ ଆଦି ନାରୀ ଚରିତ୍ର ନିଜ ଦେହଦାନ କରିଛନ୍ତି ।

ଉପନ୍ୟାସରେ ଦେଖାଯାଏ ଯେ ଜେମା ମେହେନ୍ତାଣୀ ମାତୃତ୍ୱ ଲାଭକରି ମଧ୍ୟ ନିଜ ପତିର ସୁଖ ପାଇପାରି ନାହିଁ ବରଂ ନିଜ ଭାଗ୍ୟକୁ ଦୋଷ ଦେଇଛି । ଧନ ତାନ୍ତ୍ରିକ ଅବିନାଶବାବୁଙ୍କ ସହ ମିଳିତ ହୋଇ ଗର୍ଭବତୀ ହୋଇଛି । ଯେଉଁ ଅବିନାଶ ବାବୁ ତାକୁ ଦିନର ଆଲୁଅରେ ପଚାରନ୍ତି ନାହିଁ, ସାମ୍ନାରେ ଦେଖିଲେ ଛେପ ପକାଇ ଚାଲିଯାନ୍ତି, ସେହି ଅବିନାଶ ବାବୁ ରାତ୍ରିର ଅନ୍ଧକାରରେ ତା ସହ ମିଳିତ ହୁଅନ୍ତି । ନିଜର ଯୌନକାଂକ୍ଷା ପୂରଣ କରନ୍ତି । ଫଳ ସ୍ୱରୂପ ପୁନିର ଜନ୍ମ ହୁଏ ।

ଉପନ୍ୟାସର ନାୟିକା ପୁନି ମଧ୍ୟ ବଡ ହେଲାପରେ ପେଟ ପାଇଁ ବିପଥଗାମୀ ହୁଏ । ନିଜର ସାଙ୍ଗ ଟଭ, କଜଳମତୀ ତାକୁ ବିପଥଗାମୀ କରାନ୍ତି । ଅବିନାଶ ବାବୁଙ୍କ ଘରକୁ ମଇଳା ସଫା କରିବାକୁ ଯାଇ ସେ ମଧ୍ୟ ପାଲଟି ଯାଇଛି ମଇଳା ଗଦା । ବଡ ମଣିଷର ବାସ୍ନା ତାକୁ ଏତେ ପାଗଳ କରେ ଯେ ସେ ବାରମ୍ବାର ଅବିନାଶ ବାବୁଙ୍କ ଘରକୁ ଦେହଦାନ କରିବାକୁ ଚାଲିଯାଏ । ପୁନି ପରି ମେହେନ୍ତର ବସ୍ତିରେ ରହୁଥିବା ଅନ୍ୟ ଝିଅ କମଳା, ରଂଗ, ଟଭ ଆଦିମାନେ ସ୍ନୋ ପାଉଡର, ବାସ୍ନା ତେଲ ପାଇଁ ଅଘୋର ବାବୁ, ଅବିନାଶ ବାବୁମାନଙ୍କୁ ଦେହଦାନ କରନ୍ତି ସେହିପରି ଯଶୋଦା ନାମ୍ନୀ ଏକ ନିମ୍ନ ଶ୍ରେଣୀର କନ୍ୟାକୁ ଅବିନାଶ ବାବୁ ରାଣୀ କରିବାର ସ୍ୱପ୍ନ ଦେଖେଇ ତା ସହ ଦୈହିକ ସମ୍ପର୍କ ରଖିଛନ୍ତି ଏବଂ ତାଙ୍କ କାମନା ଚରିତାର୍ଥ ହେଲାପରେ ତାକୁ ଚାକିରାଣୀ କରି ରଖନ୍ତି ।

ତଳ ଶ୍ରେଣୀର ନାରୀ ଓ ମେହେନ୍ତାଣୀମାନଙ୍କର ଜୀବନ ବଞ୍ଚିବାର ମୋହ ଅଧିକ । ତେଣୁ ସେମାନେ ଯେତେ ବାଧା, ବିଘ୍ନ, ଝଡ, ଝଂଜା ଆସିଲେ ମଧ୍ୟ ମୁଣ୍ଡପାତି ସହି ନିଅନ୍ତି । ଯେତେ ପ୍ରକାର ଶୋଷଣ ହେଲେ ମଧ୍ୟ ଭାଗ୍ୟକୁ ଆଦରି ରହି ଯାଆନ୍ତି ।

କନ୍ଧ ଆଦିବାସୀମାନଙ୍କର ଜୀବନ ଚିତ୍ର ହେଉଛି 'ଅମୃତର ସନ୍ତାନ' (୧୯୪୯); ଯାହା ୧୯୫୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି । କାବ୍ୟିକ ବର୍ଣ୍ଣନାଛଟା ମାଧ୍ୟମରେ କନ୍ଧମାନଙ୍କର ସଂସ୍କୃତି, ପରମ୍ପରା, ପର୍ବ-ପର୍ବାଣୀ, ରୀତି-ନୀତି ଏ ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ଉପନ୍ୟାସରେ ଲେଖକ କନ୍ଧ ଆଦିବାସୀ ଯୁବକ-ଯୁବତୀଙ୍କ ମନୋବିଶ୍ଳେଷଣ ଅତି ସଫଳ ଭାବରେ କରିଛନ୍ତି ।

ଉପନ୍ୟାସର ମୁଖ୍ୟ ଚରିତ୍ର ଦିଉଡୁ,ଏକ ସୁସ୍ଥସବଳ କନ୍ଧ ଯୁବକ । ତାକୁ ନେଇ ଉପନ୍ୟାସର ଅନ୍ୟ ଚରିତ୍ର ପୁୟୁ, ସୋନାଦେଇ ଓ ପିଉଟି ଘୂରି ବୁଲନ୍ତି । ଦିଉଡୁର ସ୍ତ୍ରୀ ପୁୟୁ, ହାକିନାର ମାଁ । ଜନନୀ ହେବାପରେ ତାର ସ୍ୱାସ୍ଥ୍ୟର ଅବନତି ଘଟେ । ସୁନ୍ଦରତା କମିଯାଏ । ତା'ର ଡଉଲ ଡାଉଲ ଚେହେରା ହରାଇ ବସେ । ତା ଭିତରେ ଆଉ ରୋମାଞ୍ଚ ସୃଷ୍ଟି କରିବାର ଶକ୍ତି ରହେନାହିଁ । ଦିଉଡୁ ଖୋଜେ ଦେହ, ଯାହା ପିୟୁ ଦେଇପାରେ ନାହିଁ । ଲେଖକ ଭାଷାରେ "ସ୍ୱାସ୍ଥ୍ୟବନ୍ତ ସବଳପୁରୁଷ ସ୍ୱାସ୍ଥ୍ୟ ଖୋଜେ, ସୁନ୍ଦରପଣ ଖୋଜେ । ସେଠି ହାଡଚମର ଅଳଙ୍କାର ଶୋଭା ପାଏନାହିଁ" ।[୪] ଦିଉଡୁର ଯୌନଲାଳସା ପତି-ପତ୍ନୀ ଭିତରେ ଫାଟ ସୃଷ୍ଟି କରେ । ଦିଉଡୁ ଦେହର ଉନ୍ମାଦନାରେ ମଉହୋଇ ଦେହ ଖୋଜିବାକୁ ଚାଲିଯାଏ ସୋନାଦେଇ ପାଖକୁ । ମାତ୍ର ଖ୍ରୀଷ୍ଟିୟାନ ଡମ୍ବ ସୋନାଦେଇ ପାଖରେ ତା'ର କାମନା ଚରିତାର୍ଥ ହୁଏ ନାହିଁ । ଫଳ ସ୍ୱରୂପ ଦିଉଡୁ ଚାଲିଯାଏ ଦୂର କଲିଙ୍ଗରୁ ଉଡି ଆସିଥିବା ବନ୍ଧିକାର ଗାଁର ପିଓଟି ପାଖକୁ, ପିଓଟି ତାକୁ ଆଶ୍ରା ଦିଏ । ଦିଉଡୁର ଯୌନଲାଳସାକୁ ଦେହଦାନ କରି ତାକୁ ପ୍ରଶମିତ କରେ ।

ଉପନ୍ୟାସର ଅନ୍ୟଏକ ପ୍ରମୁଖ ନାରୀ ଚରିତ୍ର ସୋନାଦେଇ; ଯାହାର ଯୌନଲାଳସା ଉପନ୍ୟାସରେ ରୂପାୟିତ ହୋଇଛି । ଜଙ୍ଗଲ ଜମାନ ତାକୁ ସମସ୍ତଙ୍କ ସାମ୍ନାରେ ଟାଣି ନେଇ ତା' କାମନାର ଚରିତାର୍ଥ କରେ । କ୍ଷଣିକ ମୂହୁର୍ତ୍ତ ମଧ୍ୟରେ ତା ଜୀବନର ସର୍ବସ୍ୱ ହରାଇ ବସେ । ତିନିକୋଡ଼ି ଟଙ୍କା ବଦଳରେ ସେ ବିବାହ କରେ ଅଣପୁରୁଷ ସ୍ୱାମୀ ବାଲମୁଣ୍ଡାକୁ । ଜଙ୍ଗଲ ଜମାନ ସୋନାଦେଇ ପାଖରେ କାମନାର ଯେଉଁ ନିଆଁ ଲଗାଇ ଥିଲା, ବାଲମୁଣ୍ଡା ତାକୁ ପ୍ରଶମିତ କରିପାରେ ନାହିଁ । ତେଣୁ ସେ ବିକଳ ହୁଏ, ଛଟପଟ ହୁଏ । କହେ "ମୋର ଦେହ ଅଛି, ମନ ଅଛି, ସବୁ ଅଛି, କିନ୍ତୁ ସୁଅ ତୋଡ଼ରେ ଫୁଲ ମୁଁ, ଆଶ୍ରା ଚାହେଁ । କହେ ଦେଖ ମୋର ଯୌବନ, ଏତେ ଥାଇ ମୁଁ ଶୋଷୀ, ପାଣି ମନ୍ଦାଏ ଦେବ କିଏ ?"[୫] ସୋନାଦେଇର କାମନା ନିଆଁରେ ଜଳିଯିବା ପାଇଁ ଆସେ ଦିଉଡୁ, ଲେଂଜୁ କନ୍ଧ । ଦିଉଡୁ ଚାଲିଯାଏ, ସୋନାଦେଇ ଡମ୍ବ ବୋଲି । ଲେଂଜୁ କନ୍ଧ ରହିଯାଏ । ଲେଂଜୁ କନ୍ଧ ସର୍ବୁ ସାଓତାର ସାନଭାଇ ।

ତା'ସ୍ତ୍ରୀ ରୁକନୀକୁ ଅନେକ ଦିନୁ ବାଘ ଖାଇଗଲାଣି । ଏବେ ସେ ଏକୁଟିଆ, ନିଃସଙ୍ଗ । ନିଃସଙ୍ଗ ଜୀବନରେ ସେ ଯେତେବେଳେ ସୋନାଦେଇକୁ ଦେଖେ, ତା ମନରେ ପୁଲକ ଆସେ । ତେଣୁ ସେ ସୋନାଦେଇ ଘରକୁ ଯାଏ । ତା ସହିତ କଥା ହୁଏ । ଥଟ୍ଟା, ମଜା କରେ । କଥାରେ କଥାରେ ତା ଦେହକୁ ଆଉଁସି ଦିଏ । ସୋନାଦେଇର ବିଶେଷ କିଛି ଆପତ୍ତି ନଥାଏ । "ଏମିତି ସୋନଦେଇ କହେ । କଅଲେଇ ଆପତ୍ତି କରେ । ଅଲସେଇ ଅଲସେଇ ମଠେଇ ମଠେଇ ପାଖ ବାଟଦେଇ ଦୂରକୁ ଘୁଞ୍ଚିଯାଏ ଆତ୍ମରକ୍ଷା କରି । ଲେଂଜୁ କନ୍ଧ ବୁଝେ ସୋନାଦେଇର ବିଶେଷ କିଛି ଆପତ୍ତି ନାହିଁ" ।(୬)

ଉପନ୍ୟାସରେ ଦେଖାଯାଏ ଯେ ଲେଂଜୁ କନ୍ଧ, ଦିଉତୁ ଓ ସୋନାଦେଇର ଅବସ୍ଥା ଏକାଭଳି । ଲେଂଜୁ କନ୍ଧର ପତ୍ନୀ ନାହିଁ, ତେଣୁ ସେ ଏକୁଟିଆ । ଦିଉତୁର ପତ୍ନୀ ଥାଇ ବି ନଥିଲା ପରି, ଅବଶ୍ୟ ପରେ ପିଓଟିକୁ ବିବାହ କରିଛି । ସୋନାଦେଇର ସ୍ୱାମୀ ବାଲମୁଣ୍ଡା ଅଣପୁରୁଷ । ତେଣୁ ଏ ସମସ୍ତେ କାମନାର ନିଆଁରେ ପିଡିତ, ଜର୍ଜରିତ ହୋଇଛନ୍ତି ।

ଗୋପୀନାଥ ମହାନ୍ତିଙ୍କ ଏନ୍ୟ ଏକ ଉପନ୍ୟାସ ହେଉଛି 'ରାହୁର ଛାୟା' (୧୯୫୩) ଯେଉଁଠି ନାୟିକା ସତୀ ଜୀବନର ଉତ୍ଥାନ-ପତନ ବର୍ଣ୍ଣିତ ହେବା ସହିତ ଦେହ ଓ ଦହନର କଥା ଉଲ୍ଲେଖିତ ହୋଇଛି । "ବିଧାତାର ଶ୍ରେଷ୍ଠତମ ସୃଷ୍ଟି-ଏହି ଦେହଞ୍ଚସୁନ୍ଦର ସ୍ଥାପତ୍ୟରୁ ହୃଦୟମନ୍ଥା ରାଗିଣୀ କରି ତାକୁ ପ୍ରକାଶିବାକୁ ଅନ୍ତରରେ କାମନା, ସେ ଖାଲି ମାଟିର ଦୀପାଳିରେ ଦୀପଶଳିତା ନୁହେଁ—ଯାହାର ଧାସରେ ବାହାରର ମର୍ମ ଜିକିଜିକି କରେ, ଯାହାର ତାତିରେ ଖେଳେ ଦେହ ଚାରିପାଖେ ଅଦୃଶ୍ୟ ଜୀବନର ଉଷ୍ଣତା । ସେହି ପୁଣି ନିଭୃତ ସଂଗୀତ ଓ ସୁବାସ; ଯନ୍ତ୍ର ଉପରେ ସ୍ୱପ୍ନର ମାୟା ମରୀଚିକା । ଦେହ କ୍ଷଣଭଙ୍ଗୁର ବୋଲି, ରୋଗଜର୍ଜର ବୋଲି, କାମନା ଅତୃପ୍ତ ଓ ଅଶାନ୍ତ ବୋଲି ।"(୭)

ପୋଲିସ ଅଫିସର ଚନ୍ଦ୍ରିକା ବାବୁଙ୍କ ଅଲିଅଳି ଝିଅ ସତୀ । ସେ ଏମ୍.ଏ ପାସ୍ କରିଛି । ଦୁର୍ଭାଗ୍ୟବଶତଃ ଚନ୍ଦ୍ରିକାବାବୁଙ୍କ ମୃତ୍ୟୁ ଘଟେ । ସହାୟତାର ହାତ ବଢ଼େଇ ଘରକୁ ପଶିଆସେ ସମୀର ଏବଂ ସତୀକୁ ସାନ୍ତ୍ୱନା ଦେବା ବାହାନାରେ, ଆଶ୍ରା ଦେବାଛଳରେ ସତୀକୁ ଅସତୀ କରେ । ସତୀ ସହିତ ତା'ର ଦୈହିକ ସମ୍ପର୍କ ସ୍ଥାପିତ ହୁଏ । ଲେଖକ ଭାଷାରେ "ଅଧା ଅଧା ସ୍ମରଣରେ ସତୀର ମନେପଡ଼େ ସେହି ପହିଲି ପରିଚୟ-ଯେତେବେଳେ ଶୋକରେ ତା' ଅନ୍ତର ମେଲା ହୋଇପଡିଛି, ଲୋକ ଦେଖାଣିଆ ବ୍ୟବହାର ବର୍ମ ନାହିଁ, ସେତେବେଳେ ଅତି ଗହନକୁ ସଂଚରି ଯାଉଛି ଜଣକର ସ୍ପର୍ଶ, ପୁରୁଷପଣରେ ସାନ୍ତ୍ୱନା ଦଉଛି, ଆଶ୍ରା ଦଉଛି, ଇଚ୍ଛା ହେଉଛି ବାରମ୍ବାର ସେହି ସାହାଯ୍ୟ ଘେନିବାକୁ, ମନେପଡେ ସେ ଅନାଦି ଆଙ୍ଗୁଠିରେ ବ୍ଲାଉଜର ବୋତାମ ଫିଟେଇ ଦେଇଥିଲେ, ଲୁଗାର ଖୋଷଣୀ ଫିଟେଇ ଦେଇଥିଲେ । ଧିର ପାଖ ଖଟରେ ସୁଆଇ ଦେହ ମୁହଁରେ ପାଣି ଛାଟି ଛାଟି ଆଶ୍ଚର୍ଯ୍ୟ ହୋଇ ଅନେଇ ରହି ବିଞ୍ଚି ଦେଇଥିଲେ" ।(୮)

ସତୀ ଅସତୀ ହେବା ଦିନଠୁ ତା' ଉପରେ ରାହୁର ପ୍ରଭାବ ଘେରିକି ରହିଛି । ପରେ ସେ ଆଦରି ନେଇଛି ଶିକ୍ଷୟିତ୍ରୀ ଜୀବନ । ମାତ୍ର ସେଠି ମଧ୍ୟ ସେ ଲୋକ ଅପବାଦରୁ ବର୍ତ୍ତି ପାରିନାହିଁ । ତା' ବିରୁଦ୍ଧରେ ବହୁ ବେନାମ ଚିଠି ଆସେ । ପରିଣାମ ସ୍ୱରୂପ ତାକୁ ଚାକିରୀ ଛାଡିବାକୁ ପଡେ । ଚାକିରିରୁ ଇସ୍ତଫା ଦେଇ ଟ୍ରେନରେ ଘରକୁ ଆସୁଥିବା ବେଳେ ତା'ର ଦେଖା ହୁଏ ଇନସୁରେନେସ୍ ଏଜେଣ୍ଟ ନବେନ୍ଦୁ ସହିତ । ନବେନ୍ଦୁ ପ୍ରତି ତା'ର ଆସିଛି ସ୍ନେହସିକ୍ତ ମାତୃତ୍ୱ ବୋଧ । ଅଥଚ ନବେନ୍ଦୁ ଚାହୁଁଥିଲା ତା'ର ଦେହର ଉପାସକ ହେବାକୁ । ଟ୍ରେନରେ ସତୀ ଶୋଇଥିବା ବେଳେ ତାକୁ ଏକ ନୟନରେ ଚାହିଁ ରହିଛି । "ସତୀ ଶୋଇ ରହିଛି ନିଘୋଡ ନିଦ । ଅସ୍ଥିର ଅନିତ୍ୟ ସଂଘର୍ଷମୟ ସଂସାର ଭିତରେ ନିଧଡ଼କ ବିଶ୍ୱାସର ଘର କଣାପରି । ବସିବସି, ଚାହିଁ ଚାହିଁ ନବେନ୍ଦୁ ପହରା ଦେଉଛି । ପ୍ରଥମେ ତା'ର ସ୍ନାୟୁ ଟଣକି ଉଠୁଥିଲା, ଦେହ ଭିତରେ ତତଲା ଅସ୍ୱସ୍ତି । ଆଉ କେହି ଯାତ୍ରୀ ଏପଖାକୁ ଚାହିଁ ରହିଲେ ସେ ଫୁଲିଉଠି ଆଖି ତରାଟି ଚାହୁଁଥିଲା । ଖାଉଥିବା କୁକୁର ଅନ୍ୟ କୁକୁରକୁ ଦେଖିଲେ ଯେପରି ଅରଣା ଆଖିରେ ଅନାଏ । ସବୁ ଦୃଷ୍ଟିକୁ ସେ ଘଉଡ଼େଇ ଦେଇଛି; ନା, କେହି ଚାହିଁବେ ନାହିଁ, କେହି ଆସିବେ ନାହିଁ । ଏକା ସେ । ଥରେ ଥରେ ଚାହାଣିରେ ପରସ୍ତ ପରସ୍ତ ଲୁଗା ଉଠିଯାଏ, ପର୍ଦ୍ଦା ଉଠିଯାଏ, ଅର୍ଗଳ ଫିଟିଯାଏ । ଲାଲ୍ କାମନାର ତେଜ ଲାଲ୍ ରକ୍ତରେ ମିଶିଯାଇ ଦପ୍ ଦପ୍ ହୋଇ ଭଉଁରି ବୁଲି ଫେରିଆସେ, ନବେନ୍ଦୁ ଝାଳ ପୋଛେ, ବେକରୁ ବୋତାମ ହୁଗାଲି ଦିଏ" ।(୯) ନବେନ୍ଦୁକୁ ନେଇ ସତୀ ମନରେ କୌଣସି ଭାବନା ନଥିଲେ ହେଁ ନବେନ୍ଦୁ ମନରେ ରହିଛି ଆକୁଣ୍ଠ ଯୌନଲାଳସା । ଯାହାକୁ ସେ ଚରିତାର୍ଥ କରିବାକୁ ଚାହେଁ ।

ଅନୁରୂପ ଭାବରେ କୋଣାର୍କ ମନ୍ଦିର ବୁଲିବା ସମୟରେ ଦେଖାହୁଏ ଛାତ୍ର ବିଭୁତି ସହିତ । ବିଭୁତି ସତୀଠୁ ଚଉଦ ବର୍ଷ ସାନ । ସତୀ ଦୃଷ୍ଟିରେ ବିଭୁତି ଏକ ସରଳ ସୁନ୍ଦର ମେଣ୍ଢାଛୁଆ । ମାତ୍ର ସେ ମେଣ୍ଢାଛୁଆ ବାଘ ହୋଇ ଶୃଗାଳକୁ ଖାଇବାକୁ ଚେଷ୍ଟା

କରେ । ସତୀ ସହିତ ଦୈହିକ ସମ୍ପର୍କ ରଖିବାକୁ ଚାହେଁ । ଲେଖକ ଭାଷାରେ "ସତୀର ଦେହ ମୂର୍ଚ୍ଛା ଚିନ୍ତାର ସରୁ ଜାଲ ଛିଣ୍ଡାଇ ଦେଇ ଉପରକୁ ଉପରକୁ ଘର୍ଷଣ ଜନ୍ମାଇ ଚହଲିଗଲ । ବିଭୁତିର ଦୁଇ ହାତ, ସେ ଯେପରିକି କ'ଣ ଖୋଜୁଛି । ସତୀର ଦେହ ଥରି ଉଠିଲା । ପରମୂହୁର୍ତ୍ତରେ ଅନୁଭବ କଲା ଦୁଇଟା ଦୃଢ ମୁଠାର ଚାପ, ମାଂସକୁ ଚିପି ସ୍ୱପ୍ନ ଚିପୁଡ଼ିବାକୁ ପ୍ରୟାସ କରୁଛି । ସତୀର ଦେହରେ ଅସ୍ଥାୟିକ ତାତି" ।(୧୦)

ଉପନ୍ୟାସରେ ଫ୍ରୟେଡ଼ିୟ ମନସ୍ତତ୍ୱକୁ ସଫଳ ଭାବରେ ରୂପାୟନ କରାଯାଇଛି । ଔପନ୍ୟାସିକ ଗୋପୀନାଥ ମହାନ୍ତି ଖୁବ ସାଳିନତାର ସହିତ ସତୀର ଚରିତ୍ର ଚିତ୍ରଣ କରିଛନ୍ତି । ବହୁ ପୁରୁଷର ସଂସ୍ପର୍ସରେ ଆସିଥିଲେ ସୁଦ୍ଧା କେଉଁଟି ବିଚଳିତ ହୋଇ ନାହିଁ ।

ଗୋପୀନାଥ ମହାନ୍ତିଙ୍କ ଅନ୍ୟଏକ ସଫଳ ଉପନ୍ୟାସ 'ସପନ ମାଟି' (୧୯୫୪) । ଉପନ୍ୟାସରେ ଲେଖକ ଛାତ୍ରସମାଜ କିପରି ପୁଞ୍ଜିପତି, ଅର୍ଥଲୋଭି ବ୍ୟକ୍ତିମାନଙ୍କର ଶିକାର ହୋଇ ପଥଚ୍ୟୁତ ହେଉଛନ୍ତି, ତାକୁ ବର୍ଣ୍ଣନା କରିବା ସହିତ ଆଧୁନିକ ସମାଜରେ ମଣିଷ ନିଜର କାର୍ଯ୍ୟ ହାସଲ ପାଇଁ କେତେ ତଳକୁ ଖସିଯାଇପାରେ ତାହା ରୂପାୟିତ କରିଛନ୍ତି ।

ଉପନ୍ୟାସର ପ୍ରମୁଖ ଚରିତ୍ର ଯାଦବ ପ୍ରଧାନ, ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ର । ଏକାଧାରାରେ ସେ ଜଣେ ବକ୍ତା, ସୁସଂଗଠକ ଓ ଛାତ୍ରନେତା । ସେ ସମାଜର ପୁଞ୍ଜିପତି, ଶିଳ୍ପପତି, ଭ୍ରଷ୍ଟ ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ । ତା'ର ଏହି କାର୍ଯ୍ୟରେ ଅନ୍ୟ ଛାତ୍ରମାନେ ମଧ୍ୟ ପ୍ରଭାବିତ ହୁଅନ୍ତି । ସେ ହିଂସା ପଥକୁ ମାନେ ନାହିଁ । ଅହିଂସା ମାଧ୍ୟମରେ ଏସବୁ କରିବାକୁ ଚାହେଁ । ହଠାତ୍ ଏ ସମୟରେ ଦେଖାଦେଇଛି ବୟାଳିଶ ନମ୍ବର ଦଳ । ଏ ଦଳ ହିଂସାରେ ବିଶ୍ୱାସ କରେ । ଧ୍ୱଂସରେ ବିଶ୍ୱାସ କରେ । ଦୁହିଁଙ୍କ ପଥ ଅଲଗା, ଲକ୍ଷ୍ୟ ଗୋଟିଏ । ସମସ୍ତ ପ୍ରାଚୀନ ପରମ୍ପରାକୁ ଭାଙ୍ଗି ନୂତନ ସମାଜ ଗଢ଼ିବାର ପରିକଳ୍ପନା ଏମାନେ କରନ୍ତି । ପୁଞ୍ଜିପତି ଶିଳ୍ପପତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି । ଏ ସମୟରେ ବୟାଳିଶ ନମ୍ବର ଦଳ ଶିଳ୍ପପତି କେ.ସି ଦାସଙ୍କ କାରଖାନାରେ ଶ୍ରମିକମାନଙ୍କ ହକ୍ ପାଇଁ ହରତାଲ କରିବାର ଯୋଜନା କରେ । କୁଆତାର ମେସ୍ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ଛାତ୍ରଛାତ୍ରୀ ଏହି ଦଳରେ ଯୋଗ କରନ୍ତି କିନ୍ତୁ ଯାଦବ ଯୋଗ କରେନାହିଁ । ଏହି ସ୍ଥିତାବସ୍ଥା ସମୟରେ ଯାଦବ ଆକୃଷ୍ଟ ହୁଏ କେ.ସି ଦାସ କନ୍ୟା ସୁପ୍ରଭା ପ୍ରତି । ସୁପ୍ରଭା ତାର ସହପାଠିନୀ । ସେ ସୁନ୍ଦରୀ, ଶିକ୍ଷିତା, ତଥା ଉଗ୍ର ଆଧୁନିକ । ଯାଦବର ତା' ପ୍ରତି ଦୁର୍ବଳତାକୁ ସେ ଅସ୍ତ୍ର ରୂପେ ବ୍ୟବହାର କରେ । ବୟାଳିସ ନମ୍ବର ଦଳ ବିରୁଦ୍ଧରେ ଯାଦବକୁ ଛିଡ଼ା କରାଏ । ଯାଦବ ମଧ୍ୟ ସୁପ୍ରଭା ପାଖରେ ନିଜର ପ୍ରଚଣ୍ଡ ଆଗ୍ନେୟ ସତ୍ତା ହରାଇ ବସେ । କୁଆତାରା ମେସରେ ସାଙ୍ଗମାନଙ୍କ ସହିତ ମତ ପାର୍ଥକ୍ୟ ଯୋଗୁ ସେ ପିତାଙ୍କର ବାଲ୍ୟବନ୍ଧୁ ଉମାକାନ୍ତ ଘରକୁ ଆସେ, ସେଠି ସେ ଉମାକାନ୍ତ ଝିଅ ଛନ୍ଦା ପ୍ରତି ଆକୃଷ୍ଟ ହୁଏ । ତା'ର ବାକ୍‌ପଟୁତା, ବୁଦ୍ଧିମତ୍ତା ତାକୁ ପ୍ରଭାବିତ କରେ । ମାତ୍ର ସୁପ୍ରଭାର ସଖ୍ୟ ତାକୁ ପୁନର୍ବାର ଫେରେଇ ଆଣେ । ଏପରି ଏକ ପାରମ୍ପାରିକ ତ୍ରିକୋଣୀୟ ପ୍ରେମ ଦେଖାଯାଏ, ଯେଉଁଠି ଗୋଟେପଟେ ସୁପ୍ରଭା ହେଲେ, ଅନ୍ୟପଟେ ଛନ୍ଦା । ଏଭଳି ଏକ ସମୟରେ କଲେଜରେ ହେଉଥିବା ଷ୍ଟ୍ରାଇକୁ ଯାଦବ ସମର୍ଥନ କରି ପାରେନାହିଁ । ସୁପ୍ରଭାକୁ କଲେଜରେ ହେଉଥିବା ଆନ୍ଦୋଳନର ଦଳାଚକଟା ଭିତରୁ ଯାଦବ ତାକୁ ରକ୍ଷା କରିଥିବାରୁ ଏବଂ ବୟାଳିସ ନମ୍ବର ଦଳ ବିରୁଦ୍ଧରେ ତାକୁ ପ୍ରୟୋଗ କରିଥିବାରୁ ସେ ଦେହଦାନ କରିବାକୁ ମଧ୍ୟ କୁଣ୍ଠାବୋଧ କରେ ନାହିଁ । "ଧୀରେ ଧୀରେ ଯାଦବ ହାତକୁ ସୁପ୍ରଭା ଆଉଁସି ଲାଗିଲା । ପାଖରେ କେଉଁ ଅଜଣା ଘଡିରେ ନାଟକର ଅଭିନୟ ହେଲା ଜୀବନର ସତ୍ୟ, ଭିତରୁ ନଈମୁଣ୍ଡ ଡାକିଲା, ଦେହରେ ଘୁଟିଲା ବନ୍ୟା, ଏକା ଉଚ୍ଛାସରେ ଯାଦବ ହାତ ପାପୁଲିକୁ ଆପଣା ଓଠକୁ ନେଇ ସୁପ୍ରଭା ଆଖି ବୁଜି ଅଜାଡି ହୋଇ ପଡିଲା ଯାଦବର ବାହା ଉପରେ । ସେହି ଆଶ୍ରାରେ ସେ ତୋଫାନ ଟାଳିଗଲା ।"(୧୧)

ଉପନ୍ୟାସରେ ସୁପ୍ରଭା ଜଣେ ଛାତ୍ରୀ, ପ୍ରେମିକା ଅପେକ୍ଷା ଶିଳ୍ପପତି କେ.ସି ଦାସଙ୍କ କନ୍ୟା ରୂପେ ଅଧିକ ଚିତ୍ରିତ । ତେଣୁ ସେ ନିଜର ଓ ବାପାର କାର୍ଯ୍ୟ ହାସଲ ପାଇଁ ଦେହଦାନ କରିବାକୁ ମଧ୍ୟ ପଛେଇ ଯାଇନାହିଁ । ସେ ଉପଯୁକ୍ତ ପିତାର ଉପଯୁକ୍ତ ସନ୍ତାନ । ପିତାର ମଧ୍ୟ ରହିଛି ଏଥିରେ ଅକୁଣ୍ଠ ସମର୍ଥନ । ଯାଦବର ସାମୟିକ କାମନାରେ ନିଆଁ ଲଗାଇ ସେ ନିଜ କାର୍ଯ୍ୟକୁ ଚରିତାର୍ଥ କରିପାରିଛି ।

ଗୋପୀନାଥ ମହାନ୍ତିଙ୍କ ଅନ୍ୟତମ ବହୁଚର୍ଚ୍ଚିତ ଉପନ୍ୟାସ 'ଦାନାପାଣି' ଯାହା ୧୯୫୫ ମସିହାରେ ପ୍ରକାଶିତ ହୁଏ । କ୍ଷମତା ପ୍ରତିପତ୍ତି ପାଇଁ ମଣିଷ କେତେ ତଳକୁ ଖସିଯାଇ ପାରେ ତାର ନିଚ୍ଛକ ପ୍ରତିଛବି ଦାନାପାଣି ଉପନ୍ୟାସ । ଉପନ୍ୟାସର ନାୟକ ବଳୀଦତ୍ତ ଦାନାପାଣି ଯୋଗାଡ଼ରେ ନିଜର ସର୍ବସ୍ୱ ବଳି ଦେବା ସହିତ ମଣିଷ ମନର ଅତୃପ୍ତ ଯୌନକାଂକ୍ଷା ସଫଳ ଭାବରେ ରୂପାୟିତ ହୋଇଛି ।

ନାୟକ ବଳୀଦତ୍ତର ସ୍ତ୍ରୀ ସରୋଜିନୀ, ଡଉଲ ଡାଉଲ ଚେହେରା, ସ୍ୱାମୀଠୁ ଚାରି ଆଙ୍ଗୁଳୀ ବେଶୀ ବଡ଼, ସ୍ୱାମୀର ସରୁ ଧାର ମୁହଁକୁ ତା'ର ବଡ଼ବଡ଼ ଗୋଲ ମୁହଁ । ଶାରୀରିକ ସ୍ତରରେ ସେ ଯେମିତି ସ୍ୱାମୀଠୁ ଭିନ୍ନ, ମାନସିକ ସ୍ତରରେ ମଧ୍ୟ ସେମିତି ଭିନ୍ନ । ବଳୀଦତ୍ତ ଦିନତମାମ ଦାନାପାଣିର ଯୋଗାଡରେ ଲାଗିଥିବା ବେଳେ ସରୋଜିନୀର ସେଥିପ୍ରତି କୌଣସି ଚିନ୍ତା ନାହିଁ । ତା' ଭିତରେ ରହିଛି ମଣିଷର ସେହି ଆଦିମତମ ଯୌନକ୍ଷୁଧା, ଯାହାର ପରିତୃପ୍ତି ପାଇଁ ଅହରହ ବାଟ ଖୋଜୁଥାଏ । ଯେଉଁଥିପାଇଁ ଜାଣତରେ ବା ଅଜାଣତରେ ପଡ଼ୋଶୀ ଘର ଝରକାପଟେ ବ୍ୟାୟାମରତ କଲେଜ ଛାତ୍ରମାନଙ୍କ ପାଖକୁ ତା'ର ଆଖି ଟାଣି ହୋଇଯାଏ । ସ୍ୱାମୀକୁ ସନ୍ତୁଷ୍ଟ କରିବା ପାଇଁ ତା'ର ସର୍ବସ୍ୱ ସମର୍ପି ଦିଏ । ମାତ୍ର ବଳୀଦତ୍ତ ସେଥିପ୍ରତି ଟିକେହେଲେ ନିଘା ନାହିଁ । ଦିନଯାକ ଅକ୍ଳାନ୍ତ ପରିଶ୍ରମ କରି ରାତ୍ରିରେ ନିଘୋଡ଼ ନିଦରେ ଶୋଉଥିବା ବେଳେ ସରୋଜିନୀ କାମନାର ଜ୍ୱାଳାରେ ପୀଡ଼ିତ ହୋଇ ଛଟପଟ ହୁଏ । "ଦିନଯାକର କାମର କ୍ଳାନ୍ତି ଓ ସଂଜର ଭବିଷ୍ୟତ ଯୋଜନାରେ ବଳୀଦତ୍ତ ଯେତେବେଳେ ସୁଖରେ ଶୋଇ ଘୁଙ୍ଗୁଡି ମାରୁଥାଏ, ସରୋଜିନୀ ନାଗୁଣୀ ପରି ସଁସଁ ଦୀର୍ଘଶ୍ୱାସ ମାରୁଥାଏ, ଛଟପଟ ହେଉଥାଏ, ବାରମ୍ବାର ଉଠିପଡ଼ି ହଲଚଲ ହୁଏ, ସୁଷୁପ୍ତ ସ୍ୱାମୀ ଆଡ଼କୁ ଚାହିଲା ବେଳକୁ ତା ମନରେ ନଥାଏ ଜିକ୍ ଜିକ୍ ପିତଳର ପତି ପରମଗୁରୁ ବ୍ରତରଛାଇ, ଗୋଳମାଳିଆ ଆଉଟା ମନରୁ କଟକଟ ଆଖିବାଟେ ଝରିପଡ଼େ ବିଷାକ୍ତ ହିଂସ୍ରକ ଦୃଷ୍ଟି, ମନରେ ମେଘ ଚାହେଁ । ଡେରିରେ ନିଦ ହୁଏ, ସକାଳୁ ପୁଣି ହସି ହସି ଘରକରଣାକୁ ଆଶାୟୀ ହୋଇ ପରଖେ" ।(୧୨) ସେହି ସ୍ୱାମୀ କିନ୍ତୁ ଯେତେବେଳେ ଭେଙ୍କଟ ରାଓର ସ୍ତ୍ରୀ ସହ ତାକୁ ତୁଳନା କରି ଭେଂକଟ ରାଓର ସ୍ତ୍ରୀର ପ୍ରଶଂସା କରନ୍ତି ସେତେବେଳେ ସେ ଜଳିଉଠେ ।

ଉପନ୍ୟାସରେ ଦେଖାଯାଏ ଯେ ବଳୀଦତ୍ତ ସରୋଜିନୀକୁ ପାଥେୟ କରି ସଫଳତାର ସିଢ଼ି ଚଢିଚାଲେ । ସରୋଜିନୀ ଜୀବନରେ ପ୍ରଥମେ ଆସେ ରଣଜିତ ପଟ୍ଟନାୟକ, ବଳୀଦତ୍ତର ଉପରିସ୍ଥ ଅଫିସର । ରଣଜିତ ପଟ୍ଟନାୟକ ସହିତ ମିଶିବା ପାଇଁ ପ୍ରଥମେ ବଳୀଦତ୍ତ ହିଁ ସରୋଜିନୀକୁ କହିଛି । ତାଙ୍କର ମିଳାମିଶା ମାନସିକରୁ ଦୈହିକ ଆଡକୁ ଗତିକରେ । ତା'ପରେ ଆସନ୍ତି ମି. ଶର୍ମା । ଯାହା କଲମର ଗୋଟିଏ ଦସ୍ତଖତ ଉପରେ ନିର୍ଭରକରେ ବଳୀଦତ୍ତର ସୁଖ ଓ ସୌଭାଗ୍ୟ । ମି. ଶର୍ମା ସହିତ ମଧ୍ୟ ସରୋଜିନୀର ଦୈହିକ ସମ୍ପର୍କ ସ୍ଥାପିତ ହୁଏ ଏବଂ ବଳୀଦତ୍ତ ସଫଳତାର ଆଉ ଗୋଟେ ପାହାଚ ଚଢ଼େ ।

ଉପନ୍ୟାସରେ ଦେଖାଯାଏ ଯେ ଗୋଟେପଟେ ବଳୀଦତ୍ତ ସଫଳତାର ସିଢ଼ି ଚଢୁଛି, ଅନ୍ୟପଟେ ସରୋଜନୀ ନୈତିକତାର ଗୋଟେ ପାହାଚ ତଳକୁ ଖସୁଛି । ଶେଷରେ ଦେଖାଯାଇଛି ବଳୀଦତ୍ତ ସଫଳତାର ଶୀର୍ଷତମ ସ୍ଥାନରେ ଥାଇ ମଧ୍ୟ ଏକୁଟିଆ, ନିଃସଙ୍ଗ । ତା'ମନରେ ଶାନ୍ତି ନାହିଁ, ହତାଶ ବ୍ୟର୍ଥତାରେ ମନ ତାର କୁହୁଳି ଉଠେ । ସବୁ ଥାଇ ମଧ୍ୟ କିଛି ନାହିଁ । ସବୁ ପାଇ ମଧ୍ୟ କିଛି ପାଇଁ ନାହିଁ । ସତେ ଯେମିତି ହାଡ଼ ଭିତରେ କିଏ ନିଆଁ ଲଗେଇ ଦେଇଛି ।

ଗୋପୀନାଥ ମହାନ୍ତିଙ୍କ ଅନ୍ୟ ଏକ ଉପନ୍ୟାସ ହେଉଛି ଜାନକମ୍ମା । ଏକ ତେଲୁଗୁ ପରିବାର କାହାଣୀକୁ ନେଇ ଏହା ରଚିତ । ଜାନକାମ୍ମାର ତିନି ଝିଅ ରାଙ୍ଗାମ୍ମା, ଗଙ୍ଗାମ୍ମା ଓ ରାଜେଶ୍ୱରୀ । ଗଙ୍ଗାମ୍ମା ଓ ରାଜେଶ୍ୱରୀ ଶାନ୍ତ ସରଳ, କିନ୍ତୁ ରାଙ୍ଗାମ୍ମା ଉଗ୍ର ଚପଳା, ଜିଦ୍‌ଖୋର; ସେ ତା' ମା'ର କୌଣସି କଥା ମାନେ ନାହିଁ । ଏପଟ ସେପଟ ହୁଏ । ଚା' ଦୋକାନ, ସିନେମା ହଲ୍ ଯାଏ । ଟପୋରୀ ପିଲାମାନଙ୍କ ସହ ସାଙ୍ଗ ହୁଏ । ତେଣୁ ସାହି ମାଇପମାନେ ଜାନକାମ୍ମାକୁ କୁହନ୍ତି "ତୋର ବଡ ଝିଅକୁ କଟକଣା କରମା, ପାନ ଦୋକାନରେ, ଚା' ଦୋକାନରେ, କୁଆଡ଼ର କୁଆଡ଼ର ଟୋକାଙ୍କ ସାଂଗେ ହିଁ ହିଁ ଫିଁ ଫିଁ ହଉଛି... ଅମୁକ ଟୋକାଙ୍କ ସାଂଗରେ ସିନେମା ପଲେଇଲା ଇତ୍ୟାଦି ଇତ୍ୟାଦି" ।(୧୩) ରାଙ୍ଗାମ୍ମା ଜାନକମ୍ମାର କୌଣସି କଥା ମାନେ ନାହିଁ । ବାପା ତା'ର ଅଥର୍ବ । ତେଣୁ ସେ ପିଲାଦିନରୁ ଅବାଧ, ଜିଦ୍‌ଖୋର, ଉପରମୁହିଁ, ଉଗ୍ର ହୋଇଉଠିଛି । ତେଣୁ ସେ ବିଭିନ୍ନ ଟୋକା ସହ ମିଶେ, ଶାରୀରିକ ସମ୍ପର୍କ ରଖେ । "ଯାହାର ତା ପାଇଁ ଟିକେ ବି ମମତା ନାହିଁ, ଯେ ତାର ଦାୟିତ୍ୱ ନେବ ନାହିଁ, ଯାହା ପାଇଁ ସେ ଖାଲି ରାସ୍ତାକଡ଼ର ଦୋକାନର କପେ ଚା, କି ପରିସ୍ରା ମାଡ଼ିଲେ ବାଟ କଡ଼ର ଗୋଟିଏ ନିରୋଳା ସ୍ଥାନ, ସେହିଭଳି ଲୋକର ସେ ଅଇଣ୍ଠା ହେଲା । କିଏ କେଉଁ ଛଳରେ କି ତା ସାହିର କେଉଁ ଛତରା, ଅଥବା କେଉଁ କୋଠାଘରର କିନ୍ତୁ ସେତେବେଳର ସେହି କେତେ ମିନିଟ୍ ତାକୁ ଅପୂର୍ବ ସୁଖରେ ପୁଲକିତ କଲା, ଯେପରିକି ତା'ଉପରେ ସର୍ଗ ଦି ଆଙ୍ଗୁଳି । ସେ ଦେହ ସୁଖ ପାଇବା ସଂଗେ ସଂଗେ କିଛି କିଛି ଶସ୍ତା ଉପହାର ବି ପାଇଲା" ।(୧୪)

ଜାନକାମ୍ମାର ଜୀବନର ଉତ୍‌ଥାନ-ପତନର କାହାଣୀ ଜାନକାମ୍ମା ଉପନ୍ୟାସ । ଗୋଟିଏ ଗଛର ସମସ୍ତ ଫଳ ଯେମିତି ସମାନ ମିଠା ଲାଗେ ନାହିଁ, ଜାନକାମ୍ମାର ତିନୋଟି ଝିଅ ମଧ୍ୟ ଭିନ୍ନ

ଭିନ୍ନ ଚରିତ୍ରରେ ଗଢ଼ା । ରଙ୍ଗାମ୍ମା ଟା' ଜଳଖିଆ, କିଛି ଶସ୍ତା ଉପହାର ପାଇଁ ତା'ର ଦେହକୁ ବିକିଛି । ପରିଣାମ ସ୍ୱରୂପ ତା'ର ବୈବାହିକ ଜୀବନ ନଷ୍ଟ ହୋଇ ଯାଇଛି ।

ବିଂଶ ଶତାବ୍ଦୀ ବେଳକୁ ଯୌନତା ସାହିତ୍ୟର ଏକ ପ୍ରମୁଖ ଭାବବସ୍ତୁ ରୂପେ ଉଭା ହୋଇଛି । ଯୌନତାକୁ କେନ୍ଦ୍ରକରି ବହୁ ଗପ, କବିତା, ନାଟକ, ଉପନ୍ୟାସ ଲେଖା ହୋଇଛି । ସର୍ବତ୍ର ମୁକ୍ତ ଯୌନଚାରର ପ୍ରାବଲ୍ୟ ଦେଖାଦେଇଛି । ଏ ଦୃଷ୍ଟିରୁ ବିଚାର କଲେ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଯୌନତାର ସଫଳ ରୂପାୟନ ଦେଖିବାକୁ ମିଳେ । ତାଙ୍କର ପ୍ରାୟତଃ ପ୍ରତ୍ୟେକ ଉପନ୍ୟାସରେ ଯୌନତା ଭଣା ଅଧିକ ଦୃଷ୍ଟିଗୋଚର ହୁଏ ।

**ପ୍ରାନ୍ତଟୀକା :**


୧. ମହାନ୍ତି, ଗୋପୀନାଥ, ଦାଦିବୁଢ଼ା, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୪୪, ପୃ-୨୭

୨. ତତ୍ରୈବ, ପୃ-୫୬

୩. ମହାନ୍ତି, ଗୋପୀନାଥ, ପରଜା, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୪୬, ପୃ-୧୮୧

୪. ମହାନ୍ତି, ଗୋପୀନାଥ, ଅମୃତର ସନ୍ତାନ, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୪୯, ପୃ-୬୧୪

୫. ତତ୍ରୈବ, ପୃ-୬୦

୬. ତତ୍ରୈବ, ପୃ-୨୦୨

୭. ମହାନ୍ତି, ଗୋପୀନାଥ, ରାହୁର ଛାୟା, ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର, ବାଙ୍କାବଜାର, କଟକ, ୧୯୫୩, ପୃ-୨୧

୮. ତତ୍ରୈବ, ପୃ-୧୩୩

୯. ତତ୍ରୈବ, ପୃ-୧୧୭

୧୦. ତତ୍ରୈବ, ପୃ-୨୩୧

୧୧. ମହାନ୍ତି, ଗୋପୀନାଥ, ସପନମାଟି , ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ୧୯୫୪, ପୃ-୧୨୪

୧୨. ମହାନ୍ତି, ଗୋପୀନାଥ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, ବାଲୁବଜାର, କଟକ, ୧୯୪୫, ପୃ-୧୩

୧୩. ମହାନ୍ତି, ଗୋପୀନାଥ, ଜାନକାମ୍ମା, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୯୧, ପୃ-୧୫

୧୪. ତତ୍ରୈବ, ପୃ-୧୫



ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଦୂରଭାଷ : ୮୩୨୭୭୩୨୮୨୨

ISSN -2583-147X (P),Vol.- 9, Issue No.IX, October 2023
Bastabatara Pariprakash Prachee
*Peer Reviewed and Referred Research Journal*

# ହିତୈଷିଣୀର ସମ୍ପାଦନା ଓ ନୀଳମଣି ବିଦ୍ୟାରତ୍ନ

ଡ. ସନ୍ତୋଷ କୁମାର ପଣ୍ଡା

ଇଂରେଜମାନେ ଭାରତବର୍ଷକୁ ଶାସନ କରିବାର ବହୁବର୍ଷ ପରେ ଶିକ୍ଷା ପ୍ରସାରକୁ ପ୍ରାଧାନ୍ୟ ଦେଲେ । ଫଳସ୍ୱରୂପ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଏଠାରେ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀଟିଏ ମୁଣ୍ଡ ଟେକିଲା । ମୁଦ୍ରାଯନ୍ତ୍ର ସ୍ଥାପନ ହେଲା । ଭାରତବର୍ଷର ଅନ୍ୟାନ୍ୟ ପ୍ରାଦେଶିକ ଭାଷା ପରି ଓଡ଼ିଆରେ ବି ଆରମ୍ଭ ହେଲା ପତ୍ରପତ୍ରିକାର ପ୍ରକାଶନ । ଏ ସମୟରେ ଓଡ଼ିଆରେ ପ୍ରକାଶିତ ପତ୍ରିକାଗୁଡ଼ିକ ମୁଖ୍ୟତଃ ସମ୍ବାଦ ଓ ସାହିତ୍ୟକୁ ଆଧାର କରି ପାଠକୀୟ ଶ୍ରଦ୍ଧା ସାଉଁଟି ପାରିଥିଲା ।

ତାଳପତ୍ର ଉପରେ ଲିଖିତ ହାତଲେଖା 'କୁଜୀବର ପତ୍ର' ହିଁ ଥିଲା ଓଡ଼ିଆ ଭାଷାର ପ୍ରଥମ ପତ୍ରିକା । କୁଜୀବର ମଠ ମହନ୍ତ ସାଧୁସୁନ୍ଦର ଦାସ (ଖ୍ରୀ. ୧୭୭୫-୧୮୩୮) ଏହାର ସଂପାଦକ ଥିଲେ । ୧୮୪୯ ମସିହାରେ ସି. ଲେସିଙ୍କ ସମ୍ପାଦକତ୍ୱରେ ପ୍ରକାଶ ପାଏ ପତ୍ରିକା 'ଜ୍ଞାନାରୁଣ' । ଏହି ମିଶନାରୀ ପତ୍ରିକାଟି ଓଡ଼ିଆ ଭାଷାର ପ୍ରଥମ ମୁଦ୍ରିତ ପତ୍ରିକାର ମାନ୍ୟତା ପାଏ । ଏତଦ୍ ଉତ୍ତାରେ 'ପ୍ରବୋଧ ଚନ୍ଦ୍ରିକା' (୧୮୫୬), 'ଅରୁଣୋଦୟ' (୧୮୬୧), 'ତାରକା' (୧୮୮୪), 'ପ୍ରଭାତୀ ତାରା' (୧୯୦୬) ଆଦି କେତେକ ମିଶନାରୀ ପତ୍ରିକା ପ୍ରକାଶିତ ହୋଇଥିଲା ଓଡ଼ିଶାରେ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ।

୧୮୬୬ ମସିହା ଅଗଷ୍ଟ ମାସରୁ ଗୌରୀଶଙ୍କର ରାୟଙ୍କ ସଂପାଦକତ୍ୱରେ ପ୍ରକାଶିତ ହୁଏ ଓଡ଼ିଆ ଭାଷାର ସଫଳ ପତ୍ରିକା 'ଉତ୍କଳ ଦୀପିକା' । 'ନ'ଅଙ୍କ ଦୁର୍ଭିକ୍ଷ'ର କରାଳ ରୂପକୁ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିବାର ଲକ୍ଷ୍ୟ ନେଇ ହୋଇଥିଲା ଏହାର ଆବିର୍ଭାବ । ଦୀର୍ଘକାଳ ଓଡ଼ିଶାକୁ ଜାଗ୍ରତ ରଖିଥିବା ଏହି ପତ୍ରିକାର ଶେଷ ଅବସ୍ଥାରେ କିଛିକାଳ ନୀଳମଣି ବିଦ୍ୟାରତ୍ନ ସଂପାଦନା କରିଥିଲେ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେଉଁ ପତ୍ରିକାଗୁଡ଼ିକ ଉତ୍କଳୀୟଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା, ସେଗୁଡ଼ିକ ହେଲା - 'ଉତ୍କଳ ଦୀପିକା', 'ବାଲେଶ୍ୱର ସମ୍ବାଦ ବାହିକା' (୧୮୬୮), 'ଉତ୍କଳ ହିତୈଷିଣୀ' (୧୮୬୮), 'ଉତ୍କଳ ଦର୍ପଣ' (୧୮୭୩), 'ବିଦେଶୀ' (୧୮୭୩), 'ଉତ୍କଳ ପୁତ୍ର' (୧୮୭୪), 'ଉତ୍କଳ ସଂସ୍କାରକ' (୧୮୭୪), 'ସ୍ୱଦେଶୀ' (୧୮୭୬), 'ଉତ୍କଳ ମଧୁପ' (୧୮୭୮), 'ମୟୂରଭଞ୍ଜ' (୧୮୭୯), 'ସଂସ୍କାରକ' (୧୮୮୪), 'ଶିକ୍ଷା ବନ୍ଧୁ' (୧୮୮୬), 'ନବ ସମ୍ବାଦ' (୧୮୮୭), 'ଓଡ଼ିଆ' (୧୮୮୭), 'ଓଡ଼ିଆ ଓ ନବ ସଂବାଦ' (୧୮୮୮), 'ଆଶା (୧୮୮୮)', 'ସମ୍ବଲପୁର ହିତୈଷିଣୀ' (୧୮୮୯), 'ସମାଲୋଚନା' (୧୮୮୯), 'ଉତ୍କଳପ୍ରଭା' (୧୮୯୧), 'ଇନ୍ଦ୍ରଧନୁ' (୧୮୯୩), 'ବିଜୁଳୀ' (୧୮୯୩), 'ବ୍ରାହ୍ମ' (୧୮୯୪), 'ଗଞ୍ଜାମ ନିଉଜ' (୧୮୯୬), 'ଉତ୍କଳ ସାହିତ୍ୟ' (୧୮୯୭) ଇତ୍ୟାଦି । ମାତ୍ର ଏଗୁଡ଼ିକ ମଧ୍ୟରୁ ମାତ୍ର ପାଞ୍ଚଗୋଟି ପତ୍ରିକା ବହୁବର୍ଷ ଧରି ବଞ୍ଚିରହି ଉତ୍କଳୀୟ ଜନମତକୁ କରିଥିଲା ଉଦ୍‌ବୁଦ୍ଧ । ଏହି ପତ୍ରିକାଗୁଡ଼ିକ ହେଲା - 'ଉତ୍କଳ ଦୀପିକା', 'ବାଲେଶ୍ୱର ସମ୍ବାଦ ବାହିକା', 'ଓଡ଼ିଆ ଓ ନବସମ୍ବାଦ', 'ସମ୍ବଲପୁର ହିତୈଷିଣୀ' ଓ 'ଉତ୍କଳ ସାହିତ୍ୟ' । ଏହି ପତ୍ରିକାଗୁଡ଼ିକ ମଧ୍ୟରୁ ଯଦି କେଉଁ ପତ୍ରିକାଟି ଏହି ଶତାବ୍ଦୀର ଜନଚେତନାକୁ ସର୍ବାଧିକ ପ୍ରତିକ୍ରିୟାଶୀଳ କରିପାରିଥିଲା ତାହା ହେଉଛି 'ସମ୍ବଲପୁର ହିତୈଷିଣୀ' । ଏହି ଲୋକପ୍ରିୟ ପତ୍ରିକାର ସଂପାଦକ ଥିଲେ ବାଙ୍କୀ ବୈଦେଶ୍ୱରର ବ୍ରଜବିହାରୀପୁର ଶାସନରେ ଜନ୍ମିତ ନୀଳମଣି ବିଦ୍ୟାରତ୍ନ ।

ଗୁଣ ଚିହ୍ନେ ଗୁଣିଆ ନ୍ୟାୟରେ ବାମଣ୍ଡାର ମହାରାଜା ବାସୁଦେବ ସୁଢ଼ଳଦେବ 'ସଂସ୍କାରକ' ପତ୍ରିକାରୁ ନୀଳମଣିଙ୍କ ପ୍ରତିଭାର ପରିଚୟ ପାଇଥିଲେ । ଗୋପୀନାଥପୁରରେ ଶିକ୍ଷକତା କରୁଥିବା ନୀଳମଣିଙ୍କୁ ଗୁଣଗ୍ରାହୀ ରାଜା ସୁଢ଼ଳଦେବ ବାମଣ୍ଡାରେ ୧୮୮୬ ମସିହାରେ ଦ୍ୱିତୀୟ ଶିକ୍ଷକ ପଦରେ ଦେଲେ ନିଯୁକ୍ତି । ୧୮୮୬ ରୁ ୧୯୦୨ ପର୍ଯ୍ୟନ୍ତ ଦୀର୍ଘବର୍ଷ ନୀଳମଣି ବାମଣ୍ଡାରେ ବ୍ୟବହାର କଲେ । କଟକରୁ କିଣା ଯାଇଥିବା 'ଜଗନ୍ନାଥବଲ୍ଲଭ ପ୍ରେସ୍'କୁ ମହାରାଜା ବାମଣ୍ଡାର ରାଜଧାନୀ ଉତ୍କଳ 'ଉଜ୍ଜୟିନୀ'

ଦେବଗଡ଼କୁ ନେଇ ଆସିଥିଲେ । ଏହିଠାରୁ ୧୮୮୭ ମସିହାରୁ ପାକ୍ଷିକ ରୂପ ନେଇ 'ସମ୍ବଲପୁର ହିତୈଷିଣୀ' ଗଣେଶ୍ୱର ପଟ୍ଟନାୟକଙ୍କ ସମ୍ପାଦକତ୍ୱରେ ପ୍ରକାଶ ପାଇଲା । ଗଣେଶ୍ୱର ବାବୁ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଯୋଗୁଁ ପତ୍ରିକାଟି ଅନିୟମିତ ଭାବରେ ପ୍ରକାଶ ପାଉଥିଲା । ଏଥିରେ ଅସନ୍ତୁଷ୍ଟ ସୁଢ଼ଳଦେବ ମନେ ମନେ ଜଣେ ଯୋଗ୍ୟ ସମ୍ପାଦକଙ୍କ ତଲାସରେ ଥିଲେ । ରାଜାଙ୍କ ସୁଦୃଷ୍ଟି ପଡ଼ିଲା ନୀଳମଣିଙ୍କ ଉପରେ । ହାତୀ ସୁନାକଳସ ଢାଳିଲା । ଫଳସ୍ୱରୂପ ବାମଣ୍ଡାରେ ନୀଳମଣିଙ୍କ ଦୁଇବର୍ଷର ଶିକ୍ଷକ ଜୀବନର ଅନ୍ତ ଘଟିଲା । ନୀଳମଣି ନେଲେ 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦନା ଦାୟିତ୍ୱ । ଏଥି ସହିତ ତାଙ୍କ ଉପରେ 'ଜଗନ୍ନାଥ ବଲ୍ଲଭ ପ୍ରେସ୍'ର ଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଗଲା । ଇତି ପୂର୍ବରୁ ତା୧୬.୦୨.୧୮୬୯ ସାଲ ମଙ୍ଗଳବାର ଦିନ କଟକରୁ 'ଉତ୍କଳ ହିତୈଷିଣୀ' ନାମକ ପତ୍ରିକା ପ୍ରକାଶ ପାଇଥିଲା । ହୁଏତ ସୁଢ଼ଳଦେବ ଏହି ପତ୍ରିକାର ନାମାନୁସାରେ ନିଜ ପତ୍ରିକାର ନାମ ରଖିଥିଲେ 'ସମ୍ବଲପୁର ହିତୈଷିଣୀ' । ବିଦ୍ୟାରତ୍ନଙ୍କ ସାପ୍ତାହିକୀ 'ସମ୍ବଲପୁର ହିତୈଷିଣୀ' ପ୍ରଥମେ ଆତ୍ମପ୍ରକାଶ କରେ ୧୮୮୯ ମସିହା ମଇ ମାସ ୩୦ ତାରିଖ ଗୁରୁବାର ଦିନ । ପତ୍ରିକାଟି ପ୍ରକାଶ ପାଇବା ବେଳେ 'ଉତ୍କଳ ଦୀପିକା'ରେ ଉକ୍ତ ମନ୍ତବ୍ୟ ପ୍ରକାଶ ପାଇଥିଲା – 'ସମ୍ବଲପୁର ହିତୈଷିଣୀ' ନାମରେ ଓଡ଼ିଶାରେ ଆଉ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରଚାରିତ ହେବାର ଆରମ୍ଭ ହୋଇଛି ଏବଂ ଆମ୍ଭେମାନେ ତହିଁର ପ୍ରଥମ ସଂଖ୍ୟା ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁ । ପତ୍ରିକାରେ ଛାପାକାର ଏବଂ ପ୍ରେସ୍‌ର ନାମ ଲେଖାନାହିଁ; କିନ୍ତୁ ସ୍ଥାନ ବାମଣ୍ଡା ହେଉଥିବାରୁ ସେଠା ରାଜାଙ୍କ 'ଜଗନ୍ନାଥ ବଲ୍ଲଭ' ପ୍ରେସ୍‌ରୁ ବାହାରିବାର ଜଣାଯାଉଅଛି । ଏଥିରେ କଳେବର ଏକଖଣ୍ଡ ଡିମାଇ କାଗଜ ଏବଂ ବାର୍ଷିକ ଅଗ୍ରୀମ ମୂଲ୍ୟ ଡାକ ମାସୁଲ ସହିତ ୨ ଟଙ୍କା । ସୁତରାଂ ଓଡ଼ିଶାର ଅନ୍ୟାନ୍ୟ ସମ୍ବାଦପତ୍ର ତୁଳନାରେ ସୁଲଭ । ଏହାଦ୍ୱାରା ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡର ଗୋଟିଏ ଅଭାବ ପୂର୍ଣ୍ଣ ହେବାର ଆଶା ହେଉଅଛି । ଯେବେ ଏଠା ଲୋକେ ଏହାକୁ ରଖିପାରିବେ, ତେବେ ବଡ଼ ଆନନ୍ଦର ବିଷୟ ହେବ । ଆମ୍ଭେମାନେ ଏହାର ଦୀର୍ଘ ଜୀବନ କାମନା କରୁ ।" (ଉତ୍କଳ ଦୀପିକା, ୨୯ ଜୁନ୍, ୧୮୮୯ ମସିହା) । ଏହି ପତ୍ରିକା ମାଧ୍ୟମରେ ନୀଳମଣି ପ୍ରଥମେ ନିଜ ଭିତରର ସୁପ୍ତ ସାରସ୍ୱତ ପ୍ରତିଭାର ବିନିଯୋଗ କଲେ । ନୀଳମଣିଙ୍କ ଯାଦୁ ସ୍ପର୍ଶରେ 'ହିତୈଷିଣୀ' ନବ ରୂପ ଧାରଣ କଲା । କ୍ରମେ ଏହି ପତ୍ରିକାଟି ପଶ୍ଚିମ ଓଡ଼ିଶାର ଜାଗ୍ରତ ପ୍ରହରୀ ରୂପେ ଉଭା ହେଲା ।

ବର୍ତ୍ତମାନ ଉଭୟ ଲେଖାଲେଖି କରିବା, ପତ୍ରିକା ପ୍ରକାଶ କରିବା ଉଭୟ ନୀଳମଣିଙ୍କ ପାଇଁ ନିଶା ଓ ପେଶାରେ ରୂପାନ୍ତରିତ ହେଲା । ସେ ଜୀବନ ତମାମ ଯେଉଁ ତିନୋଟି କାର୍ଯ୍ୟ ମୁଖ୍ୟତଃ ସଂପାଦନ କରିଯାଇଛନ୍ତି ତନ୍ମଧ୍ୟରୁ ପ୍ରତିଭାଧର ତଥା ନୂଆ କଲମ ଧରିଥିବା ସ୍ରଷ୍ଟାଙ୍କୁ ହିତୈଷିଣୀ ମାଧ୍ୟମରେ ସୁଯୋଗ ଦେବା ଅନ୍ୟତମ । ତେଣୁ ତତ୍କାଳୀନ ସମୟରେ ନୀଳମଣିଙ୍କ ହିତୈଷିଣୀ ଏକ ଲେଖକ ତିଆରି କାରାଖାନାରେ ପରିଣତ ହୋଇଥିଲା । ସମ୍ପାଦକ ନୀଳମଣି ଅଜ୍ଞାତ ସାରସ୍ୱତ ପ୍ରତିଭାମାନଙ୍କୁ ଅନ୍ଧକାରରୁ ଆଲୋକକୁ ଆଣୁଥିଲେ । ସେ ଥିଲେ ସ୍ପର୍ଶମଣି ସଦୃଶ । ଯାହାକୁ ଛୁଉଁଥିଲେ ସ୍ୱାଭାବିକ ରୂପେ ସେ ଲୁହାଖଣ୍ଡ ସୁନାରେ ପରିଣତ ହେଉଥିଲା । ନୀଳମଣିଙ୍କ ଶୁଭଦୃଷ୍ଟି ସେ ସମୟର ଯେଉଁ ସବୁ ଯୁବ ଲେଖକଙ୍କ ଉପରେ ପଡ଼ିଛି ସେମାନେ ହିତୈଷିଣୀ ମାଧ୍ୟମରେ ଆପଣାର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ସେମାନେ ହିତୈଷିଣୀକୁ ସମୃଦ୍ଧ କରିବା ସହିତ ନୀଳମଣିଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ସେମାନଙ୍କ ପ୍ରତିଭା ମୁକୁଳ ଫୁଟି ସାରା ସଂସାରରେ ସୁବାସ ଖେଳିଯାଇଛି । ନୀଳମଣିଙ୍କ ହିତୈଷିଣୀ ହିଁ ଗଙ୍ଗାଧରଙ୍କୁ ପ୍ରକୃତି କବିର ମାନ୍ୟତା ଦେଇଛି । ନନ୍ଦକିଶୋରଙ୍କ ପାଇଁ ପଲ୍ଲୀକବିର ପରିଚୟ ସୃଷ୍ଟି କରିପାରିଛି । ଏହି ହିତୈଷିଣୀ ହିଁ ପ୍ରତିଭା ବିକାଶର ପ୍ରାଥମିକ ପ୍ରୟୋଗଶାଳା ରୂପେ ଉଭା ହୋଇଛି ଚିନ୍ତାମଣି ମହାନ୍ତି ଓ ପଦ୍ମଚରଣଙ୍କ ପାଇଁ । ଏହି ହିତୈଷିଣୀର ପୃଷ୍ଠାରେ ପ୍ରଥମାବସ୍ଥାରେ ବିଶ୍ୱନାଥ କର ପ୍ରାବନ୍ଧିକର ସ୍ୱୀକୃତି ପାଇଛନ୍ତି । ହିତୈଷିଣୀରେ ବିଶ୍ୱନାଥ କରଙ୍କ 'ହିତବାଦନୀତି', 'ସାଧନା ଓ ସିଦ୍ଧି'; 'ସାହିତ୍ୟ ଚର୍ଚ୍ଚା' 'ସାହିତ୍ୟ ଓ ସମାଲୋଚନା', 'କବିବର ଉପେନ୍ଦ୍ର ଭଞ୍ଜ', 'ଶିକ୍ଷା', 'ପୁରାତନ', 'ବାଲ୍ୟଶିକ୍ଷା' ପ୍ରବନ୍ଧ ପରି ଅନ୍ୟାନ୍ୟ ବହୁ ଲେଖକଙ୍କର ପ୍ରବନ୍ଧ ସ୍ଥାନ ଲାଭ କରିଥିଲା । ଜଣେ ସଚ୍ଚୋଟ ଓ ନିରପେକ୍ଷ ସମ୍ପାଦକ ଭାବରେ ନୀଳମଣି ଯେଉଁମାନଙ୍କ ଠାରେ ବି ମେଧା ଓ ମନୀଷାର ଉତ୍ସ ଦେଖୁଥିଲେ, ସେମାନଙ୍କ ପାଇଁ ହିତୈଷିଣୀର ପୃଷ୍ଠା ଖୋଲା ରଖୁଥିଲେ । ପତ୍ରିକା ଭାବରେ କ୍ରମେ 'ସମ୍ବଲପୁର ହିତୈଷିଣୀ' ଏକ ଗୌରବମୟ ସ୍ଥାନ ଗ୍ରହଣ କଲା । ଏହାର ପୃଷ୍ଠାରେ ଯେଉଁ ଲେଖକଙ୍କ ଲେଖା ପ୍ରକାଶ ପାଉଥିଲା, ସେମାନେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ଏ ସମୟରେ 'ହିତୈଷିଣୀ' ପୃଷ୍ଠାରେ ଗଙ୍ଗାଧରଙ୍କ 'ଭାରତୀ ରୋଦନ' (ତା ୩.୧୦.୧୮୯୪), ନନ୍ଦକିଶୋରଙ୍କ 'ପଲ୍ଲୀଦୃଶ୍ୟ' (ତା ୯.୦୨.୧୮୯୮), 'ପ୍ରଭାତ ଚିତ୍ର' (ତା ୨୭.୦୫.୧୮୯୮) ଆଦି ପ୍ରକାଶ ପାଇବା ଏହାର ଲେଖକମାନଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିଲା । ପ୍ରାଥମିକ ଅବସ୍ଥାରେ ହିତୈଷିଣୀ ମାଧ୍ୟମରେ ଆତ୍ମପ୍ରକାଶ କରିଥିଲେ ଯେଉଁ ସାରସ୍ୱତ ସ୍ରଷ୍ଟାଗଣ ସେମାନେ ହେଲେ– ରାଜା ସୁଢ଼ଳଦେବ,

ରାଧାନାଥ ରାୟ, ବିଶ୍ୱନାଥ କର, ଦାମୋଦର ମିଶ୍ର, ବିଜୟଚନ୍ଦ୍ର ମଜୁମଦାର, କପିଳେଶ୍ୱର ନନ୍ଦଶର୍ମା, ଫକୀର ମୋହନ ସେନାପତି, ଲାଲା ରାମନାରାୟଣ ରାୟ, ଶ୍ରୀବତ୍ସ ପଣ୍ଡା, ରେବା ରାୟ ଆଦି ।

ହିତୈଷିଣୀ ପୃଷ୍ଠାରେ କୌଣସି ସ୍ରଷ୍ଟାଙ୍କ ସୃଷ୍ଟିକୁ ସ୍ଥାନିତ କଲାବେଳେ ସଂପାଦକ ନୀଳମଣି ପ୍ରତିଭାର ଅଗ୍ନି ସ୍ଫୁଲିଙ୍ଗକୁ ଦେଉଥିଲେ ପ୍ରାଧାନ୍ୟ । ତେଣୁ ହିତୈଷିଣୀ ପୃଷ୍ଠାରେ ରାଧାନାଥଙ୍କ 'ପାର୍ବତୀ' (ଆରମ୍ଭ ତା ୧୩.୮.୯୦- ଶେଷ ତା ୧୦.୧୨.୯୦), 'ଯଯାତି କେଶରୀ' (ଆରମ୍ଭ ତା ୨୬.୯.୯୪ - ଶେଷ ତା ୧୦.୭.୯୫), 'ଦରବାର' (ତା ୨୪.୧୦.୯୪) ଆଦି କାବ୍ୟ ପ୍ରକାଶ ପାଇ ପାଠକ ମହଲରେ ସୃଷ୍ଟି କରିଥିଲା ଆଲୋଡ଼ନ । 'ପାର୍ବତୀ' କାବ୍ୟରେ ଅସାମାଜିକ ପ୍ରଣୟର ଚିତ୍ରଣ, 'ଦରବାର'ରେ ତଦାନୀନ୍ତନ ଶିକ୍ଷିତ ସମାଜକୁ ବ୍ୟଙ୍ଗ ବିଦ୍ରୂପ ମାଧ୍ୟମରେ ସମାଲୋଚନା ସ୍ଥାନିତ ହୋଇଥିଲେ ବି ଅକୁତୋଭୟ ସଂପାଦକ ନୀଳମଣି ଏହାକୁ ହିତୈଷିଣୀରେ ପ୍ରକାଶ କରିବାରେ ଅବହେଳା କରିନାହାନ୍ତି । ପରିଣାମ ସ୍ୱରୂପ ନିନ୍ଦା ପ୍ରଶଂସାର ଶରବ୍ୟ ହୋଇଛନ୍ତି । ମାତ୍ର ଏ ସବୁର ଊର୍ଦ୍ଧ୍ୱରେ ରହି ସେ ସଂପାଦକୀୟ ଧର୍ମ ପାଳନରୁ ହୋଇ ନାହାନ୍ତି ବିରତ । କବି ଶେଖରର ତୁଙ୍ଗିମାରେ ଚିନ୍ତାମଣି ମହାନ୍ତିଙ୍କୁ ପହଂଚାଇବାରେ ହିତୈଷିଣୀର ଭୂମିକା କିଛି କମ୍ ନୁହେଁ । ସେ ଲେଖିଛନ୍ତି, "ସାହିତ୍ୟ ସେବା ପରି ତୀବ୍ର ଅଝାଡୁଆ ନିଶା ଆଉ ନାହିଁ । ବିଦ୍ୟା ରତ୍ନେ ସେହି ଅମଳରେ ଘାରି ହୋଇ ସାହିତ୍ୟ ସେବା ତଥା ଦେଶସେବାରେ ଉନ୍ମତ୍ତ ହୋଇ ଉଠିଲେ । x x x ତାଙ୍କର ଉତ୍ସାହ ବାରି ପାଇ ନ ଥିଲେ କେତେ ଜଣଙ୍କର ପ୍ରତିଭା ମୁକୁଳ ଅବସ୍ଥାରେ ଶୁଖି ଯାଇଥା'ନ୍ତା । ଦେଶରେ ଲେଖକ ସଂଖ୍ୟା ବୃଦ୍ଧି କରିବା ତାଙ୍କର ଅନ୍ୟତମ ଲକ୍ଷ୍ୟ ଥିଲା, ('ଚିନ୍ତାମଣି ଗ୍ରନ୍ଥାବଳୀ', ୪ର୍ଥ ଖଣ୍ଡ - ୧୯୪୨) ।" ଏଥିରୁ ପ୍ରମାଣିତ ହୁଏ ଯେ, ହିତୈଷିଣୀ ମାଧ୍ୟମରେ ଲେଖକ ସୃଷ୍ଟି କରି ଓଡ଼ିଆ ସାହିତ୍ୟର ପ୍ରସାର କରିବା ନୀଳମଣିଙ୍କ ଅନ୍ୟତମ ଲକ୍ଷ୍ୟ ଥିଲା ।

ନୀଳମଣିୟ ସଂପାଦକୀୟ ଦୃଷ୍ଟି କେବଳ ଲେଖକ ସୃଷ୍ଟି ଭିତରେ ଆବଦ୍ଧ ନ ରହି ସାମାଜିକ ଜୀବନ ଓ ସମସ୍ୟା ଉପରେ ଆଲୋକପାତ କରିବାରେ କରିନାହିଁ ଅବହେଳା । ୧୮୫୦ ସାଲ ବେଳକୁ ଇଂରେଜ ଶାସନାଧୀନ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା କେବଳ ପୁରୀ, କଟକ, ବାଲେଶ୍ୱର ଜିଲ୍ଲା ସହିତ କିଛି ଗଡ଼ଜାତ ଅଞ୍ଚଳ । ପ୍ରାକୃତିକ ଓଡ଼ିଶାର ଅନେକ ଅଂଶ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ଆଜିର ବଙ୍ଗ, ବିହାର ସହିତ ମିଶିଥିବା ଯୋଗୁଁ ସେ ସବୁ ବାସ୍ତବ ଓଡ଼ିଶାଠାରୁ ରହିଥିଲେ ବିଛିନ୍ନ ହୋଇ । ୧୮୬୨ ମସିହାରୁ ମଧ୍ୟପ୍ରଦେଶର ଛତିଶଗଡ଼ ଡିଭିଜନ ଅନ୍ତର୍ଭୁକ୍ତ ଥିଲେ ବି ସମ୍ବଲପୁର ଜିଲ୍ଲାରେ ୧୮୯୪ ମସିହା ଯାଏ ଓଡ଼ିଆ ଭାଷା ପ୍ରଚଳନ ଥିଲା । ଅକସ୍ମାତ୍ ୧୮୯୫ ମସିହାରେ ସମ୍ବଲପୁରର କୋର୍ଟ କଚେରୀମାନଙ୍କରୁ ଓଡ଼ିଆ ଭାଷା ଉଠାଇଦେଇ ତାହା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନ କରିବା ପାଇଁ ତତ୍କାଳୀନ ବିହାରର ଚିଫ୍ କମିଶନର ସାର ଜନ ଉଡ଼ବର୍ଣ୍ଣ ଦେଲେ ପ୍ରସ୍ତାବ । ଏହି ସରକାରୀ ଆଦେଶର ପରିଣାମ ସ୍ୱରୂପ ୧୮୯୬ ସାଲ ଜାନୁୟାରୀ ପହିଲାରୁ ସମ୍ବଲପୁର କଚେରୀରେ ହିନ୍ଦୀ ଭାଷା ପ୍ରଚଳନ ହେଲା । ଏହା ଏ ଦେଶ ଲୋକଙ୍କ ଚିତ୍ତରେ ଏଇ ସମୟରେ ଏକ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ସମ୍ବଲପୁର ଅଞ୍ଚଳରେ ଗଭୀର ଜନ ଅସନ୍ତୋଷ ଦେଖାଦେଲା । ଆସ୍ତେ ଆସ୍ତେ ଏହା ଏକ ବିରାଟ ଭାଷା ଆନ୍ଦୋଳନର ରୂପ ନେଲା । ଏହି ସମୟରେ ଯେଉଁମାନେ ଏହି ବିରାଟ ଆନ୍ଦୋଳନର ନେତୃତ୍ୱ ନେଲେ, ସେମାନେ ହେଲେ- ସର୍ବଶ୍ରୀ ବଳଭଦ୍ର ସୁପକାର, ଶ୍ରୀପତି ମିଶ୍ର, ମଦନ ମୋହନ ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ମହନ୍ତ ବିହାରୀ ଦାସ ଆଦି । ପ୍ରଚ୍ଛଦପଟ୍ଟର ନାୟକ ସାଜି ନୀଳମଣି ବିଦ୍ୟାରତ୍ନ ଉକ୍ତ ଆନ୍ଦୋଳନର ଇନ୍ଧନ ସ୍ୱରୂପ କାର୍ଯ୍ୟ କଲେ । ଏହି ଆନ୍ଦୋଳନକାରୀଙ୍କ ମୁଖପତ୍ର ହୋଇ ସେତେବେଳେ ଉଭା ହେଲା 'ସମ୍ବଲପୁର ହିତୈଷିଣୀ' । ହିତୈଷିଣୀ ପୃଷ୍ଠାରେ ପଶ୍ଚିମ ଓଡ଼ିଶାର ଏହି ଭାଷା ଆନ୍ଦୋଳନର ସେନାପତି ସାଜିଲେ ନୀଳମଣି । ତାଙ୍କ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ଏ ଆଦେଶ ବିରୁଦ୍ଧରେ ଲେଖାମାନ ହେଲା ପ୍ରକାଶିତ । ମଧ୍ୟପ୍ରଦେଶର ଛୋଟନାଗପୁର ସହିତ ସଂଯୁକ୍ତ ସମ୍ବଲପୁରରୁ ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତକୁ ନେଇ ଗଙ୍ଗାଧର ମେହେରଙ୍କ 'ଉତ୍କଳ ଭାରତୀଙ୍କ ରୋଦନ' କବିତା ହିତୈଷିଣୀର ୧୮୯୪ ସାଲ ଅକ୍ଟୋବର ୩ ତାରିଖ ସଂଖ୍ୟାରେ ପ୍ରକାଶ ପାଇଲା । ଏହି ଭାଷା ଆନ୍ଦୋଳନର ସ୍ୱରୂପ ଉପଲବ୍ଧ ଗଙ୍ଗାଧରଙ୍କ 'ଭାରତୀ ରୋଦନ' ଶୀର୍ଷକ ଏକ କବିତାରେ । ଯାହା ତା୩.୧୦.୧୮୯୪ରିଖ 'ସମ୍ବଲପୁର ହିତୈଷିଣୀ' ସଂଖ୍ୟାରେ ପ୍ରକାଶିତ । ଏହି ହୃଦୟସ୍ପର୍ଶୀ କବିତାରୁ କେତେ ଧାଡ଼ି ନିମ୍ନରେ ପ୍ରଦତ୍ତ ହେଲା, "ହିନ୍ଦୀ ସରସ୍ୱତୀ ମୋ ଛାତିରେ ବସି/ କରିବ ପରା ରାଜତ୍ୱ / ମୋ ଆଶାକାନନ ଭସ୍ମରାଶି ହେବ / ତା ନବ ଉଦ୍ୟାନେ ଖତ ।/ x x x / ଉପମାତା ଆସି ଗର୍ଭଧାରିଣୀର / ମସ୍ତକେ ଚରଣ ଦେବ / ଏ ଦଶା ଦେଖିଲେ କେଉଁ ସନ୍ତାନର / ମନରେ ଦୁଃଖ ନ ହେବ ?" ମନର ଏହି ଦୁଃଖକୁ ପ୍ରକାଶ କରି ମେହେର କବି 'ହିତୈଷିଣୀ'ର ୧୮୯୫ ସାଲ ମାର୍ଚ୍ଚ ୬ ତାରିଖ ସଂଖ୍ୟାରେ "ଉତ୍କଳ ଭାରତୀଙ୍କ ନିବେଦନ" ନାମକ କବିତା ପ୍ରକାଶ କରିଥିଲେ । ରଙ୍ଗାଜୀବ ଗଙ୍ଗାଧର ମେହେରଙ୍କ ଏହି ସବୁ ରଚନା ପଛରେ ପ୍ରଚ୍ଛନ୍ନରେ ବିଦ୍ୟାରତ୍ନ ରହି କବିଙ୍କୁ ପ୍ରେରଣାୟିତ କରିଥିଲେ ।

ସମ୍ବଲପୁର କଚେରୀରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷା

ପ୍ରଚଳନ ସମ୍ପର୍କରେ ଦୃଢ଼ ପ୍ରତିବାଦ କରି 'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରେ ସମ୍ପାଦକ ସ୍ୱୟଂ ନୀଳମଣିଙ୍କ ଦ୍ୱାରା ଅନେକ ସମ୍ବାଦ ପ୍ରକାଶ ପାଇଲା । ପରିଣାମ ସ୍ୱରୂପ ପଶ୍ଚିମ ଓଡ଼ିଶାରେ ହିନ୍ଦୀ ଭାଷା ବିରୋଧୀ ଜନମତ ହେଲା ସଂଗଠିତ । "ହିନ୍ଦୀ ଭାଷା ଚଳାଇବା ବିରୁଦ୍ଧରେ ପ୍ରସ୍ତାବ" ୧୮୯୪ ସାଲ ଅକ୍ଟୋବର ୨୪ ତାରିଖରେ 'ହିତୈଷିଣୀ'ରେ ପ୍ରକାଶ ପାଇଥିଲା । "ହିନ୍ଦୀ ଭାଷାର ଆଦର" ଶୀର୍ଷକ ଏକ ବ୍ୟଙ୍ଗାତ୍ମକ ସମ୍ବାଦ 'ହିତୈଷିଣୀ'ର ୧୮୯୫ ସାଲ ଜାନୁଆରୀ ୨୩ ତାରିଖ ସଂଖ୍ୟାରେ ପ୍ରକାଶ ପାଇଥିଲା – "ସମ୍ବଲପୁର ମାତୃଭାଷାର ଉଚ୍ଛେଦ ସାଧନ କରି ହିନ୍ଦୀ ଭାଷା ଚଳାଇବା ସକାଶେ କର୍ତ୍ତୃପକ୍ଷ ଆଗ୍ରହାନ୍ୱିତ, ଯେହେତୁ ଏଥିରେ ଏକମାତ୍ର ଓଡ଼ିଆମାନଙ୍କର କ୍ଷତି ଓ ଅସୁବିଧା ଛଡ଼ା ଆଉ କ୍ଷତି ବା ଅସୁବିଧା ନାହିଁ । x x x ଯଦି ଭାଷା ପରିବର୍ତ୍ତନ ନ କଲେ ମଧ୍ୟପ୍ରଦେଶ ଅଧୀନରେ ଏ ଜିଲ୍ଲାର ଶାସନ ବିଚାର କାର୍ଯ୍ୟ ଚଳି ନ ପାରେ, ତେବେ ଏ ଜିଲ୍ଲାକୁ ମଧ୍ୟପ୍ରଦେଶରୁ ବାହାର କରି ଓଡ଼ିଶା ସହିତ ମିଶାଇ ଦେଲେ ଭାଷା ପରିବର୍ତ୍ତନ ନ କଲେ ମଧ୍ୟ କାର୍ଯ୍ୟ ଚଳିପାରେ ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥିତ୍ୱ ବିଷୟ ହେବା ଉଚିତ ।" ସେହିପରି "ମାତୃଭାଷା ବିଲୋପ" ଶୀର୍ଷକ ଏକ ଅଗ୍ରଲେଖାରେ ନୀଳମଣି ଦୃଢ଼ତାର ସହିତ ଲେଖିଲେ – "ସମ୍ବଲପୁର ଜିଲ୍ଲାରୁ ଓଡ଼ିଆ ଭାଷା ଉଠାଇ ଦେଇ ହିନ୍ଦୀ ଭାଷା ଚଳାଇବା ସକାଶେ ଉଚ୍ଚ ରାଜକର୍ମଚାରୀମାନେ ଚେଷ୍ଟାୟିତ ଥିବାର ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରେ ସମ୍ବାଦ ପାଇଅଛୁ । ଶୁଣାକଥା ସବୁବେଳେ ସତ୍ୟ ହୁଏ ନାହିଁ । ଏହା ସତ୍ୟ ହେଲେ ମଧ୍ୟ ଦୁଃସମ୍ବାଦ ବେଳକୁ ଅନେକ ସମୟରେ ଶୁଣାକଥା ସତ୍ୟ ଥିବାର ଦେଖାଯାଏ । ଆମ୍ଭେମାନେ ଯାହା ଶୁଣିଥିଲୁ, ତାହାର ସତ୍ୟତା ଉପଲବ୍ଧି କରିପାରିଅଛୁ । ୧୮୯୬ ସାଲ ଜାନୁଆରୀ ମାସ ୧ ତାରିଖ ଠାରୁ ସମ୍ବଲପୁର ଜିଲ୍ଲାର ଅଦାଲତରେ ଓଡ଼ିଆ ଭାଷା ବଦଳରେ ହିନ୍ଦୀ ଭାଷା ବ୍ୟବହୃତ ହେବାର ବିଜ୍ଞାପନ ପ୍ରାଦେଶିକ ଗେଜେଟ୍‌ରେ ପ୍ରକାଶିତ ହୋଇଅଛି । x x x 'ଯାହା ହେବାର ହୋଇଅଛି' କହି ନୀରବ ରହିବା ଉଚିତ୍ ନୁହେଁ । ସମ୍ବଲପୁର ଜିଲ୍ଲାର ଲୋକମାନଙ୍କର ଏ ଆଦେଶ ସମ୍ବନ୍ଧେ ଆନ୍ଦୋଳନ କରିବା ଉଚିତ୍... ଏହି ବିଷୟରେ ଆନ୍ଦୋଳନ ନ କଲେ ଏ ଜିଲ୍ଲାର ଓଡ଼ିଆମାନଙ୍କର କାପୁରୁଷତା କଳଙ୍କ ଚିରସ୍ଥିର ହୋଇ ରହିବ ଏବଂ ସେମାନେ କ୍ଷମତାପନ୍ନ ଅପର ଜାତୀୟ ଲୋକଙ୍କ ନିକଟରେ ଅସାର, ଅପଦାର୍ଥ ବୋଲି ବିବେଚିତ ହେବେ, (ସମ୍ବଲପୁର ହିତୈଷିଣୀ – ଜାନୁଆରୀ – ୧୮୯୫ / ୬ଷ୍ଠ ଭାଗ ୩୫ ସଂଖ୍ୟା) ।" ତା.୧୩.୦୨.୧୮୯୫ ରିଖ 'ସମ୍ବଲପୁର ହିତୈଷିଣୀ' ସଂସ୍କରଣରେ 'ଓଡ଼ିଆ ଭାଷାର ଅନାଦର' ଶୀର୍ଷକ ସମ୍ବାଦରେ ନୀଳମଣି ଲେଖିଥିଲେ – "ବର୍ତ୍ତମାନ ସମ୍ବଲପୁରର ଓଡ଼ିଆ ଭାଇମାନେ ଓଡ଼ିଆ ଭାଷା ହରାଇବାକୁ ବସିଛନ୍ତି । ଏ ସମ୍ବାଦରେ ଓଡ଼ିଆ ପୁଅମାନେ କେତେ ଦୂର ଦୁଃଖିତ ଓ ମର୍ମାହତ, ତାହା ବଚନ ଦ୍ୱାରା ବ୍ୟକ୍ତ କରିହେବ ନାହିଁ ।" ପୁଣି ତା ୩୦.୦୧.୧୮୯୫ ରିଖ ଓ ତା. ୨୦.୦୨.୧୮୯୫ ରିଖରେ 'ହିତୈଷିଣୀ' ପୃଷ୍ଠାରେ ସମ୍ବଲପୁର କଚେରିରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନ ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ "ସମ୍ବଲପୁରରେ ଭାଷା ସଂକଟ" ଶୀର୍ଷକ ସମ୍ବାଦ ପ୍ରକାଶ ପାଇଲା । ପ୍ରଥମ ସମ୍ବାଦଟି ଏହି ପ୍ରକାରେ ଥିଲା – "x x x ୧୮୯୬ ସାଲ୍ ପହିଲା ଜାନୁଆରୀ ଠାରୁ ସମ୍ବଲପୁରର ସମଗ୍ର ରାଜକୀୟ କାର୍ଯ୍ୟରେ ଉତ୍କଳ ଭାଷା ପରିବର୍ତ୍ତେ ହିନ୍ଦୀଭାଷା ପ୍ରବର୍ତ୍ତିତ ଓ ପ୍ରଚଳିତ ହେବ । ସମ୍ବଲପୁର ଭାଗ୍ୟରେ ଏହାଠାରୁ ଅଧିକ ଦୁର୍ଭାଗ୍ୟ କଥା ଆଉ କିଛି କଳ୍ପନା କରାଯାଇ ପାରିବ ନାହିଁ ।" ତା.୦୮.୦୪.୧୮୯୬ ସଂଖ୍ୟା 'ହିତୈଷିଣୀ'ରେ 'ଭାଷା ରକ୍ଷା ଚେଷ୍ଟା' ଶୀର୍ଷକରେ ଏକ ସାନ୍ତ୍ୱନାମୂଳକ ଲେଖା ପ୍ରକାଶ ପାଇଲା । ସମ୍ବାଦଟିରେ ଉଲ୍ଲେଖ ଥିଲା – "ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ବଦଳରେ ହିନ୍ଦୀ ଭାଷା ବ୍ୟବହୃତ ନ ହେବା ସକାଶେ ବିଲାତରେ ଆବେଦନ କରିବାର ଚେଷ୍ଟା ହେଉଅଛି ।"

ବହୁ ପ୍ରତୀକ୍ଷିତ ସେହି ମହାର୍ଘ୍ୟ ମୁହୂର୍ତ୍ତ ଶେଷରେ ଆସି ପହଞ୍ଚିଲା । ନୀଳମଣି ଓ ତାଙ୍କ ବନ୍ଧୁଗଣଙ୍କ ଶ୍ରମ ସଫଳ ହେଲା । ଓଡ଼ିଆଙ୍କ ଯୁକ୍ତିକୁ ସରକାର ଉପଲବ୍ଧି କଲେ । ଶେଷରେ ସମ୍ବଲପୁରର ପୂର୍ବତନ କମିଶନର ଫ୍ରେଜର ସାହେବ ମଧ୍ୟପ୍ରଦେଶ ସରକାରଙ୍କର ପୂର୍ବ ଆଦେଶକୁ ରଦ୍ଦ କଲେ । ନୂତନ ଆଦେଶାନୁଯାୟୀ ସମ୍ବଲପୁରର କୋର୍ଟ କଚେରୀରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ହେଲା । ତା ୩୦.୦୭.୧୯୦୨ ରିଖ 'ସମ୍ବଲପୁର ହିତୈଷିଣୀ' ସଂସ୍କରଣରେ ନୀଳମଣି ଉଲ୍ଲେଖ କରିଥିଲେ – 'ଅତ୍ୟନ୍ତ ଆନନ୍ଦ ସହିତ ଜଣାଉଅଛୁ କି ମହାମାନ୍ୟ ମହିମାବର ବଡ଼ଲାଟ ମହୋଦୟଙ୍କ ଆଦେଶାନୁସାରେ ୧୯୦୩ ସାଲ ଜାନୁଆରୀ ମାସ ପ୍ରଥମରୁ ସମ୍ବଲପୁର ଜିଲ୍ଲାର ଅଦାଲତ ସମୂହରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହେବ । ଏଥି ନିମିତ୍ତ ସଂପାଦକ ବିଦ୍ୟାରତ୍ନଙ୍କ ତରଫରୁ ସାଧୁବାଦ ପ୍ରଦାନ କରାଗଲା । ନୀଳମଣି ଓ ହିତୈଷିଣୀର ସାରସ୍ୱତ ଉଦ୍ୟମର ପରିଣାମ ସ୍ୱରୂପ ହିନ୍ଦୀ-ରାହୁ କବଳରୁ ସମ୍ବଲପୁରରେ ଓଡ଼ିଆ ଭାଷା-ସୁଧାକର ବହୁ କଷ୍ଟରେ ଉଦ୍ଧାର ପାଇଲେ । ଏ ଦିଗରେ ନୀଳମଣିଙ୍କ ନିର୍ଭୀକତା ବିଶେଷ ଦ୍ରଷ୍ଟବ୍ୟ ।

ବିଦ୍ୟାରତ୍ନ ବାମଣ୍ଡାରେ ସର୍ବମୋଟ ପନ୍ଦର ବର୍ଷ ରହିଥିଲେ । ତନ୍ମଧ୍ୟରୁ ତେର ବର୍ଷ (୧୮୮୯-୧୯୦୨) ଧରି ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ । ଏ ସମୟରେ ବିଦ୍ୟାରତ୍ନଙ୍କ ନେତୃତ୍ୱରେ ହିତୈଷିଣୀ କେବଳ ଭାଷା ଆନ୍ଦୋଳନର ସାରଥି ସାଜି ନଥିଲା ବରଂ ଏଥି ସହିତ ଶିକ୍ଷା ସଂସ୍କାର ଓ ପ୍ରସାର, କୁସଂସ୍କାର

ବିରୋଧୀ ପ୍ରବନ୍ଧ ତଥା ସଚେତନଧର୍ମୀ ସମ୍ପାଦକୀୟ ପ୍ରକାଶ ମାଧ୍ୟମରେ ଶାସକଙ୍କୁ ସଜାଗ କରିବା ସହିତ ଜନ ଜାଗୃତିର କାରଣ ମଧ୍ୟ ସାଜିଥିଲା । ଏହି ସମୟରେ ଶିକ୍ଷା କ୍ଷେତ୍ରରେ କିଛି ତ୍ରୁଟି ବିଚ୍ୟୁତି ଲକ୍ଷ୍ୟ କରିଥିଲେ ନୀଳମଣି । ଏହାର ସଂସ୍କାର ସାଥିରେ ଶିକ୍ଷାର ପ୍ରସାରର ମହତ୍ ଅଭିଯାନ ଆରମ୍ଭ ହୋଇଥିଲା 'ହିତୈଷିଣୀ' ପୃଷ୍ଠାରେ । ତା ୧୪.୦୯.୧୮୯୨ ତାରିଖରେ 'ଶିକ୍ଷା ସମ୍ବନ୍ଧେ ଔଦାସୀନ୍ୟ' ଶୀର୍ଷକ ଏକ ସମ୍ବାଦ ହିତୈଷିଣୀରେ ପ୍ରକାଶ ପାଇଲା । ଏଥିରେ ଉତ୍କଳରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ବିଦେଶୀ ସରକାରଙ୍କ ନିକଟରେ ବିନମ୍ର ନିବେଦନ କରାଯାଇଥିଲା । ହିତୈଷିଣୀ ପୃଷ୍ଠାରେ ତା.୧୯.୧୦.୧୮୯୨ ସଂଖ୍ୟାରେ ତଥା ତା.୧୧.୧୨.୧୮୯୩ ସଂଖ୍ୟାରେ ସମ୍ବଲପୁର ଶିକ୍ଷା ବିଭାଗର ଅନୁଚିତ କ୍ରିୟାକଳାପକୁ ଲକ୍ଷ୍ୟ କରି ପ୍ରକାଶ ପାଇଥିଲା ପ୍ରଚଣ୍ଡ ବିଦ୍ରୂପାତ୍ମକ ମନ୍ତବ୍ୟମାନ ।

ପରାଧୀନ ଦେଶରେ ଜଣେ ପତ୍ରିକା ସଂପାଦକ ମହାମହିମ ବ୍ରିଟିଶ ସରକାରଙ୍କ ଶାସନାଧିନ ଥାଇ ଯେ କି ନିର୍ଭୀକ ଭାବରେ ନିଜର ସ୍ୱାଧୀନ ମତବ୍ୟକ୍ତ କରିପାରନ୍ତି ତାହା ହିତୈଷିଣୀ ପୃଷ୍ଠା ନ ପଢ଼ିଲେ ଜାଣି ହେବ ନାହିଁ । 'ଭାରତରେ ଜାତୀୟ ଦୁର୍ଗତିର କାରଣ' ଶୀର୍ଷକରେ ଲେଖକ ନୀଳମଣି ହିତୈଷିଣୀର ତା.୦୭.୧୨.୧୮୯୨ ସଂଖ୍ୟାରେ ଯେଉଁ ସ୍ପଷ୍ଟ ମତବ୍ୟକ୍ତ କରିଥିଲେ ତାହା ପ୍ରଣିଧାନଯୋଗ୍ୟ – "ପଚିଶ କୋଟି ଭାରତବାସୀଙ୍କୁ କେତେଜଣ ଇଂରେଜ ଶାସନରେ ରଖିଅଛନ୍ତି । ପିଞ୍ଜରାବଦ୍ଧ ବିହଙ୍ଗର ମଧ୍ୟ ଟିକିଏ ସ୍ୱାଧୀନତା ଅଛି; କିନ୍ତୁ ଭାରତର ହଲିବାର ଅଧିକାର ନାହିଁ । ଇଂରେଜମାନେ ଦେଶୀୟମାନଙ୍କୁ କୁକୁର, ବିରାଡ଼ି ପରି ଦେଖନ୍ତି । x x x ପ୍ରତ୍ୟେକ ବ୍ୟକ୍ତି କର୍ମକ୍ଷମ ନ ହେଲେ ଜାତୀୟ ଉନ୍ନତି ହୁଅଇ ନାହିଁ ।"

ନୀଳମଣିଙ୍କ 'ସମ୍ବଲପୁର ହିତୈଷିଣୀ'ର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶସେବା ଏବଂ ଗୌଣ ଲକ୍ଷ୍ୟ ଥିଲା ସାମାଜିକ ହିତ ସାଧନ ପାଇଁ ସମାଜ ସଂସ୍କାର । ହିତୈଷିଣୀ ପୃଷ୍ଠାରେ ତେଣୁ ଜଣେ ଦୃଢ଼ ସମାଜ ସଂସାରକ ଭାବରେ ବିଦ୍ୟାରତ୍ନଙ୍କର ହୁଏ ଆବିର୍ଭାବ । ହିତୈଷିଣୀର ବହୁ ସଂଖ୍ୟାରୁ ତାଙ୍କର ସମାଜ ପ୍ରତି ଥିବା ଏହି ଅଙ୍ଗୀକାରବଦ୍ଧତାର ଦୃଷ୍ଟାନ୍ତ ଉପଲବ୍ଧ । ତା.୦୬.୦୧.୧୮୯୨ ସଂଖ୍ୟାରେ ସେ ଯେଉଁସବୁ ସମସ୍ୟାବଳୀର ନିରାକରଣ ନିମିତ୍ତ ସରକାରଙ୍କ ନିକଟରେ ନିବେଦନ ବାଢ଼ିଛନ୍ତି ତନ୍ମଧ୍ୟରେ ବୃଦ୍ଧ ବିବାହ, ବାଲ୍ୟ ବିବାହ, ବହୁବିବାହ ଅନ୍ତର୍ଭୁକ୍ତ । ବିଦ୍ୟାରତ୍ନ 'ହିତୈଷିଣୀ' ମାଧ୍ୟମରେ ବିଧବାର ପୁନର୍ବିବାହ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏ ଉଦ୍ୟମର ପ୍ରଶଂସା କରିଛନ୍ତି ପ୍ରକୃତି କବି ଗଙ୍ଗାଧର, "ବିଧବାର ଦୁଃଖ – ତମେ ଯେ କନ୍ଦର ପୂର୍ଣ୍ଣ / ନ ଡରିଲା ତହିଁ ପଶି ହେବାପାଇଁ ଚୂର୍ଣ୍ଣ ।" ଏ ପତ୍ରିକା ପୃଷ୍ଠାରେ ପାଠ୍ୟ ପୁସ୍ତକ ସମ୍ପର୍କୀୟ ସମସ୍ୟା, ଶିକ୍ଷିତ ସମାଜର ସମସ୍ୟା ଆଦି ନାନାଦି ବିଷୟରେ ଆଲୋଚନା ପ୍ରକାଶିତ ହୋଇଥିଲା । ହିତୈଷିଣୀ ପୃଷ୍ଠାରେ ନୀଳମଣିଙ୍କ ଦ୍ୱାରା ତତ୍କାଳୀନ ସମୟରେ ଆରମ୍ଭ କରାଯାଇଥିବା ନିଶାମୁକ୍ତି ଆନ୍ଦୋଳନର ବହୁଶଃ ଉଦାହରଣ ଉପଲବ୍ଧ । ହିତୈଷିଣୀରେ ସେ ଆମିଷ ଭକ୍ଷଣ ବିରୋଧୀ ଆନ୍ଦୋଳନ ମଧ୍ୟ ଆରମ୍ଭ କରିଥିଲେ, ଯାହା କି ଅନେକ ଶତ୍ରୁ ସୃଷ୍ଟି କରିଥିଲା । ଏହା ଫଳରେ ବହୁ ବ୍ୟକ୍ତିଙ୍କ ସହିତ ତାଙ୍କର ହୋଇଥିଲା ମତାନ୍ତର । ମାତ୍ର ପଣ୍ଡିତ ନୀଳମଣି ଆପଣା ବିଚାର ଓ ସମାଜ ସଂସ୍କାରରେ ବଜ୍ର ସଦୃଶ ଦୃଢ଼ ଥିଲେ । ତାଙ୍କର ଓ ତାଙ୍କ ହିତୈଷିଣୀର ଏହି ଗୁଣାବଳୀକୁ ଆଲୋକପାତ କରିବାକୁ ଯାଇ କବିଶେଖର ଚିନ୍ତାମଣି ମହାନ୍ତି 'ପଣ୍ଡିତ ନୀଳମଣି ବିଦ୍ୟାରତ୍ନ' ଚରିତ ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି – "ପତ୍ରିକା ପ୍ରଚାର କାର୍ଯ୍ୟ ଜୀବନର ପ୍ରଧାନତମ ବ୍ରତ କରି ସେ (ବିଦ୍ୟାରତ୍ନ) ସ୍ୱକୀୟ ତୀକ୍ଷ୍ଣ ଦୃଷ୍ଟି ସମାଜର ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ ନିକ୍ଷେପ ପୂର୍ବକ କେଉଁଠାରେ କି ପ୍ରକାର ଅସୁବିଧା ବିଦ୍ୟମାନ । କେଉଁଠାରେ କି ପ୍ରକାର ପାପ ପିଶାଚ ମୂର୍ତ୍ତି ଧାରଣ କରି ତାହାର ବିକଟ ତାଣ୍ଡବରେ ସମାଜକୁ ଭୀତତ୍ରସ୍ତ କରୁଅଛି, କେଉଁଠାରେ କି କୁରୀତି କୁସଂସ୍କାର ଆବର୍ଜନା ରୂପେ ରାଶୀକୃତ ହୋଇ ରହିଅଛି, ସେ ସମସ୍ତ ପତ୍ରିକାରେ ପ୍ରକାଶ କରିବା, ତହିଁର ପ୍ରତିକାର ନ ହେବା ପର୍ଯ୍ୟନ୍ତ ବାରମ୍ବାର ସର୍ବସାଧାରଣଙ୍କ ମନଯୋଗାକର୍ଷଣ କରୁଥିଲେ । ନାନା ନୂତନ ଚିନ୍ତା, ନାନା ନୂତନ ଭାବ, ନାନା ନୂତନ ସମସ୍ୟା ହୃଦୟରେ ଧାରଣ କରି ପ୍ରତି ସପ୍ତାହରେ ନିୟମିତ ପ୍ରକାଶିତ ହେବା ଦ୍ୱାରା 'ହିତୈଷିଣୀ' ସତେ ଯେପରି ଉତ୍କଳର ଏକ ଅଭିନବ ଯୁଗର ସୂତ୍ରପାତ କଲା, (ଚିନ୍ତାମଣି ଗ୍ରନ୍ଥାବଳୀ, ୪ର୍ଥ ଖଣ୍ଡ – ୧୯୪୨, ପୃଷ୍ଠା – ୪୯୫-୯୬) ।"

'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରେ ବେଳେ ବେଳେ କବିତା ଆକାରରେ ତତ୍କାଳୀନ ସମସ୍ୟା ସବୁ ସ୍ଥାନ ଲାଭ କରୁଥିଲା । ସେ କାଳରେ ଅନେକ କେବଳ ପଇତା ପକାଇ ବ୍ରାହ୍ମଣ ସାଜୁଥିଲେ । ନାମତଃ ବ୍ରାହ୍ମଣ ବୋଲାଉଥିବା ଏହି ବ୍ୟକ୍ତିମାନେ କିପରି ନାନାଦି କୁକର୍ମରେ ଲିପ୍ତ ରହୁଥିଲେ, ଏମାନଙ୍କ ମଧ୍ୟରୁ ଥୋକାଏ ବ୍ରହ୍ମଚାରୀ ସାଜି ରାତ୍ରିରେ ବେଶ୍ୟାଳୟ ଯିବା, ଆଉ ଥୋକାଏ ଶିକ୍ଷିତ କିପରି ସ୍ୱଧର୍ମ ପରିତ୍ୟାଗ ପୂର୍ବକ ବ୍ରାହ୍ମଧର୍ମ ଓ ଖ୍ରୀଷ୍ଟାନ ହେବା, ନାସ୍ତିକ ସାଜିବା, ଅଭକ୍ଷ ଭକ୍ଷଣ କରିବା ଆଦି ବ୍ରାହ୍ମଣ ସମାଜର ଅବକ୍ଷୟର ଚିତ୍ର କବିତା ଆକାରରେ ହିତୈଷିଣୀ ପୃଷ୍ଠାରେ 'କଳି ଭାଗବତ' ଶୀର୍ଷକରେ ଧାରାବାହିକ ରୂପେ ପ୍ରଥମ ବର୍ଷ ସଂଖ୍ୟାମାନଙ୍କରେ ସ୍ଥାନ ଲାଭ କରିଥିଲା । ସେଥିରୁ କିଛି ପଦ ଏଠାରେ ଉଦ୍ଧାରଯୋଗ୍ୟ, "ବ୍ରାହ୍ମଣେ ହେବେ ଧର୍ମହୀନ ।/ କରିବେ ନୀଚ ବୃତ୍ତିମାନ ।।/ ବୁଦ୍ଧିରେ ହେବେ ଗଜବତ ।/ ବିଦ୍ୟାରେ ସିଦ୍ଧି ବିବର୍ଜିତ ।।/ କରିବେ ନାନା ହୀନ କାର୍ଯ୍ୟ ।/

ବୈଶ୍ୟର ପରାଏ ବାଣିଜ୍ୟ ।/ ବ୍ୟାଘ୍ରଙ୍କ ପରି ମାଂସ ଆଶୀ ।/ ଚଷାଙ୍କ ପ୍ରାୟେ ହେବେ ଚାଷୀ ।" ଏଠାରେ ବ୍ରାହ୍ମଣମାନଙ୍କ କ୍ରିୟାକଳାପ କିପରି ବ୍ୟଙ୍ଗ ବିଦ୍ରୂପର ହୋଇଛି ଶରବ୍ୟ ତାହା ହିତୈଷିଣୀ ପୃଷ୍ଠାରୁ ଲକ୍ଷ୍ୟଣୀୟ ।

'ସମ୍ବଲପୁର ହିତୈଷିଣୀ' ପୃଷ୍ଠା ଉପେନ୍ଦ୍ର – ରାଧାନାଥ ସାହିତ୍ୟ ସମାଲୋଚନାର ସ୍ପଷ୍ଟ ଚିତ୍ର ବହନ କରେ । ଏ ସମୟରେ ରାଧାନାଥ ସପକ୍ଷ ଗୋଷ୍ଠୀରେ ଦୃଢ଼ତାର ସହିତ ଠିଆ ହୋଇଥିଲେ ଉଭୟ ନୀଳମଣି ଓ ହିତୈଷିଣୀ । ନିମ୍ନ ପ୍ରଦତ୍ତ ବିବରଣୀରୁ ହିତୈଷିଣୀର ଭଞ୍ଜ ବିମୁଖ ଭାବ ପ୍ରକଟିତ – "ଆଉ ଯେଉଁମାନେ ଭଞ୍ଜଙ୍କର ସ୍ତାବକ ସେମାନଙ୍କ ପ୍ରତି ବକ୍ତବ୍ୟ ଏହି ଯେ, ଭଞ୍ଜ ଯେବେ ଉଚ୍ଚ ଶ୍ରେଣୀର ଆଦର୍ଶ କବି ହେଲେ ଯେ ତାଙ୍କର ପ୍ରତ୍ୟେକ କଥା ଉଚ୍ଚ ଆଧ୍ୟାତ୍ମିକତା ଓ ଧର୍ମଭାବାପର୍ଣ୍ଣ ହେଲା, ତେବେ ତାହାକୁ ଇଂରାଜୀ, ବଙ୍ଗଳା ପ୍ରଭୃତି ଭାଷାରେ ଅନୁବାଦିତ କରି ଦେଶବିଦେଶରେ ପ୍ରଚାରିତ କରନ୍ତୁ, ବାହାଦୁରୀଟି ଦେଖାଯିବ, (ସମ୍ବଲପୁର ହିତୈଷିଣୀ–୫/୧୫, ତା୧୩.୦୯.୧୮୯୩, ପୃଷ୍ଠା–୬୦) ।" ହିତୈଷିଣୀ ପତ୍ରିକାରେ ରାଧାନାଥ – ସାହିତ୍ୟର କଠୋର ସମାଲୋଚକଙ୍କୁ ନିନ୍ଦା କରି ଓ ରାଧାନାଥଙ୍କୁ ପ୍ରଶଂସା କରି 'ଦୁର୍ଜନ ମୁଖ ଚପେଟିକା' ଶୀର୍ଷକ କ୍ଷୁଦ୍ର କବିତାଟିର କିଛି ପଦ ଉଦ୍ଧାରଯୋଗ୍ୟ – "ହା ଧିକ ! ହା ଶତଧିକ୍ ! ହେ କୁଳପାଂଶୁଳ / ଉତ୍କଳ ଅଯୋଗ୍ୟ ପୁଏ ! ତବ ନାମେ ଆଜି ।/ ହେ କୃତଘ୍ନ, ତବ ପାଶେ କେଉଁ ଦୋଷେ ଦୋଷୀ / ନିର୍ଦ୍ଦୋଷ ସେ ରାଧାନାଥ କବିକୁଳ ଶଶୀ ! (୫/୧୭, ତା୨୭.୦୯.୧୮୯୩, ପୃ.୬୩) ।" ଏହି ନୂତନ ଓ ପୁରାତନ ସାହିତ୍ୟ ସଂଘର୍ଷରେ କିଛି ପତ୍ରିକା ସଂପାଦକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏମାନେ ପ୍ରକୃତ ସମାଲୋଚନା ଧର୍ମକୁ ପରିହାର କରି ଏହି ବିବାଦାଗ୍ନିକୁ ପ୍ରଜ୍ଜ୍ୱଳିତ କରି ରଖିଥିଲେ । ଏହି ସାହିତ୍ୟର ଧାର ଧାରୁ ନଥିବା ଲୋକଙ୍କୁ ରାଧାନାଥ କହିଛନ୍ତି, "କବିତା ଲେଖିବା ଦୂରେ ଥାଉ କବିତା ବୁଝନ୍ତି କେତେଜଣ ? କେବଳ ଉଚ୍ଚଶିକ୍ଷାରେ କବିତା ବୁଝିବାର କ୍ଷମତା ଜନ୍ମେ ନାହିଁ । ଏଥିପାଇଁ ସଂସ୍କୃତ ଆଳଙ୍କାରିକମାନେ କହିଅଛନ୍ତି ଯେ କବିତା ଲେଖିବା ନିମନ୍ତେ ଯେପରି ପ୍ରତିଭା ଆବଶ୍ୟକ କବିତା ବୁଝିବା ନିମନ୍ତେ ସେହିପରି ହୃଦୟ ଆବଶ୍ୟକ । ଅକବିର କବିତା ଲେଖିବା ଏବଂ ଅଭାବୁକର କବିତା ବୁଝିବା ଉଭୟ ସମାନ, (ନୀଳମଣି ବିଦ୍ୟାରତ୍ନ : 'ଅକବିର କବିତା'ରୁ ଉଦ୍ଧୃତ – 'ସମ୍ବଲପୁର ହିତୈଷିଣୀ' ତା.୧୧.୦୮.୧୮୯୭) ।" ଏହାରି ଉପରେ ନୀଳମଣି ବିଦ୍ୟାରତ୍ନ ଟିପ୍ପଣୀ ଦେଇଛନ୍ତି, "କବି ସଂଖ୍ୟା ବୃଦ୍ଧି ସଙ୍ଗେ ତଦୁପଯୁକ୍ତ ସମାଲୋଚକ ସଂଖ୍ୟା ସୁଦ୍ଧା ବଢୁଅଛି । ବିଦ୍ୟାଳୟର ନିମ୍ନଶ୍ରେଣୀର ଛାତ୍ରମାନେ ସୁଦ୍ଧା ସମାଲୋଚନାକୁ ସାମାନ୍ୟ କାର୍ଯ୍ୟ ମନେକରି ସୁପ୍ରସିଦ୍ଧ, ଅପ୍ରସିଦ୍ଧ ଲେଖକମାନଙ୍କର ନିନ୍ଦା ପ୍ରଶଂସା କରିବାକୁ ପଶ୍ଚାତପଦ ହେବାକୁ ନାହାନ୍ତି । କବିତା ଲେଖିବା, କବିତାଦିର ସମାଲୋଚନା କରିବା ଯେ ଗୁରୁତର କାର୍ଯ୍ୟ, ତନ୍ନିମିତ୍ତ ଯେ ବହୁ ବିଦ୍ୟା, ବୁଦ୍ଧି ବହୁଦର୍ଶିତାର ଆବଶ୍ୟକ ଏ ଜ୍ଞାନ ଅନେକଙ୍କର ନାହିଁ ।"

ନୀଳମଣି ବିଦ୍ୟାରତ୍ନ ସମ୍ବଲପୁର ହିତୈଷିଣୀ ପୃଷ୍ଠାରେ ଲେଖିଥିଲେ ଯେତିକି ତଦ୍‌ପେକ୍ଷା ଲେଖାଇ ଥିଲେ ତତୋଧିକ । ନୂଆ ଧରଣର ସାହିତ୍ୟ ସୃଷ୍ଟି କରିବା ପାଇଁ ସେ ନୂଆ ଲେଖକମାନଙ୍କୁ ଉତ୍ସାହିତ କରିଥିଲେ । ଏହା ସହିତ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ସମ୍ବଲପୁରରେ ଓଡ଼ିଆ ଭାଷାର ସୁରକ୍ଷା, ଶିକ୍ଷା କ୍ଷେତ୍ରରେ ସଂସ୍କାର ଆନୟନ, ସମାଜ ସଂସ୍କାର, ଜାତୀୟତା ଭାବର ସମ୍ବର୍ଦ୍ଧନା କ୍ଷେତ୍ରରେ ହିତୈଷିଣୀର ଦକ୍ଷ ତଥା ସୁଯୋଗ୍ୟ ସଂପାଦକ ନୀଳମଣି ସାଫଲ୍ୟ ବିମଣ୍ଡିତ ହୋଇଥିଲେ । ତାଙ୍କର ପରିଚାଳନା ଗତ ବିଚକ୍ଷଣତା, କୃତିତ୍ୱ, କୌଶଳ ତଥା ଲିଖନ–ନୈପୁଣ୍ୟ ଯୋଗୁ ଦେଶରେ ସତେଜ ଭାବ ପ୍ରସରି ଯାଇଥିଲା । ଏହାଦ୍ୱାରା ଦେଶୀୟ ଜନସାଧାରଣ ଆତ୍ମଶକ୍ତି ଉପରେ ଆସ୍ଥାଶୀଳ ହୋଇ ଉଠିଥିଲେ । ଓଡ଼ିଆ ଜାତିର ଏହି ଆଦି ଜନକ ଜଣକ ଯୁଆଡ଼େ ଯାଉଥିଲେ, ତାଙ୍କୁ କେନ୍ଦ୍ରକରି ସମାଜ ସଂସ୍କାର ଆନ୍ଦୋଳନ ତେଜି ଉଠୁଥିଲା । ସାହିତ୍ୟ ଅନୁଷ୍ଠାନ ଗଢ଼ି ହୋଇଯାଉଥିଲା । ଜ୍ଞାନୀ ଭାବରେ ସେ ଜ୍ଞାନର ଚାତୁରୀ କେଉଁଠି ବି ପ୍ରଦର୍ଶନ କରିନାହାନ୍ତି, କର୍ମୀ ଭାବରେ ସକଳ ବାହାଦୂରୀ ଆତ୍ମସାତ କରିନାହାନ୍ତି । ଏ ଜାତିର ଏହି ଜାତୀୟନେତା ତଥା ଐତିହାସିକ ପୁରୁଷ ଜଣକ ପ୍ରକୃତରେ ଥିଲେ ଉତ୍ସାହ ଓ ଉଦ୍ୟମର ଅବତାର, ନିରନ୍ତର ପ୍ରଚେଷ୍ଟାର ପ୍ରତିମୂର୍ତ୍ତି, ଅକ୍ଳାନ୍ତକର୍ମା ଏବଂ ସ୍ୱନାମଧନ୍ୟ । ସେ ବାସ୍ତବିକ ଥିଲେ ଜଣେ ସେଲ୍‌ଫ–ମେଡ୍ ମ୍ୟାନ୍ । ଯାହାଙ୍କ ସଂପାଦନାର ଯାଦୁ ସ୍ପର୍ଶ ପାଇ 'ସମ୍ବଲପୁର ହିତୈଷିଣୀ' ଏକାଧାରରେ ପଲ୍ଲବିତ, କୁସୁମିତ ତଥା ଫଳବତୀ ହେବା ସହିତ ଏହାର ସୁଯୋଗ୍ୟ ସଂପାଦକଙ୍କୁ ଏକାଧାରରେ ଯଶ, ଅର୍ଥ, ବିଦ୍ୟା ଓ ନାମାଦି ଚତୁର୍ବର୍ଗ ଫଳ ପ୍ରଦାନରେ କାର୍ପଣ୍ୟ ପ୍ରକାଶ କରିନଥିଲା ।

ବିଭାଗ ମୁଖ୍ୟ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବାଙ୍କୀ ମହାବିଦ୍ୟାଳୟ (ସ୍ୱୟଂଶାସିତ), ବାଙ୍କୀ

ISSN -2583-147X (P), Vol.- 9, Issue No.IX, October 2023
Bastabatara Pariprakash Prachee
*Peer Reviewed and Referred Research Journal*

# ମହାପାତ୍ର ନୀଳମଣି ସାହୁଙ୍କର ଗଳ୍ପ ଏକ ଦୃଷ୍ଟିପାତ

**ଡକ୍ଟର ସ୍ୱପ୍ନାରାଣୀ ସିଂ**

ଓଡିଆ ଗଳ୍ପ ସାହିତ୍ୟ ଜଗତରେ ହାସ୍ୟ ଓ ବ୍ୟଙ୍ଗ ପାଇଁ ବିଶେଷ ଜଣାଶୁଣା ମହାପାତ୍ର ନୀଳମଣି ସାହୁଙ୍କୁ ଟିକେ ଗଭୀରତାର ସହ ଅଧ୍ୟୟନ କଲେ ତାଙ୍କ ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ ଲୁଚି ରହିଥିବା ଅଭିନବ ଦୃଷ୍ଟିକୋଣକୁ ଉପଲବ୍ଧି କରି ହେବ । ବିଶେଷ କରି ଶ୍ରୀଯୁକ୍ତ ସାହୁଙ୍କର ଇତିହାସକୁ କେନ୍ଦ୍ରକରି ନୂତନ ଦୃଷ୍ଟିଭଙ୍ଗୀ, ମନସ୍ତତ୍ତ୍ୱ ଓ ପାରା ମନସ୍ତତ୍ତ୍ୱର ଗଭୀର ଅଧ୍ୟୟନ, ଦର୍ଶନ ପଛର ଯୁକ୍ତି ଏବଂ ଅସ୍ତିତ୍ୱବାଦୀ ଦୃଷ୍ଟିଭଙ୍ଗୀ ତାଙ୍କ ଗଳ୍ପଗୁଡିକୁ ସମୃଦ୍ଧ କରିଛି । ଏହି ଦୃଷ୍ଟିକୋଣରୁ ଗାଳ୍ପିକଙ୍କର ପ୍ରେମ ଓ ତ୍ରିଭୁଜ, ମିଛ ବାଘ, ସୁମିତ୍ରାର ହସ, ବିଷ୍ଣୁମାୟା, ଅନ୍ଧରାତିର ସୂର୍ଯ୍ୟ, ଅନ୍ୟ ରୂପ ରୂପାନ୍ତର, ଆକାଶ ପାତାଳ, ପିଙ୍ଗଳା ସେ ଅନ୍ୟଜଣେ, ସେ କାଳ ପଖାଳ, ଯା ଦେବୀ ମମ ଗୃହେଷୁ, ଅଭିଶପ୍ତ ଗନ୍ଧର୍ବ, ବୃନ୍ଦାବନର ଶେଷ ଧୂପ, ଲୌକିକ ଅଲୌକିକ, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ନିବେଦିତାର ନୈଶ ଅଭିସାର, ପାପ ଓ ମୁକ୍ତି, ବାବା ଡହରାନନ୍ଦଙ୍କ ଅଭିନବ ପ୍ରବଚନମାଳା, ବାଇଧର ବାବୁଙ୍କ ରାଜଯୋଗ ଓ ରାତ୍ରିର ତପସ୍ୟା ଆଦି ସଂକଳନ ଗୁଡ଼ିକ ବିଚାର୍ଯ୍ୟ ।

**ଅସ୍ତିତ୍ୱବାଦ :**

ଅସ୍ତିତ୍ୱବାଦୀ ଦର୍ଶନ ପ୍ରତି ଉଭୟ ସକାରାତ୍ମକ ଓ ନକାରାତ୍ମକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ ଶ୍ରୀଯୁକ୍ତ ସାହୁଙ୍କର ଗଳ୍ପଗୁଡିକରେ । ପାପ, ପୁଣ୍ୟ, ନୀତି ଓ ଅନୀତି ଭଳି ଭାବନାରେ ଘାଣ୍ଟି ହେଉଥିବା ମଣିଷର ଅସହାୟତା ଚିତ୍ରିତ ହୋଇଛି 'ମୂର୍ଚ୍ଛିତ ବିଷାଦ' ଗଳ୍ପରେ । ମାତ୍ର ଏସବୁ ଉର୍ଦ୍ଧ୍ୱରେ ଯେ କେବଳ ଏକମାତ୍ର ସତ୍ତା ରହିଛି ଏବଂ ତାହା ହେଉଛି ବ୍ୟକ୍ତିସତ୍ତା ଭଳି ଚିନ୍ତାଧାରାକୁ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି । ଏହା ମଧ୍ୟ ଦେଇ ଗାଳ୍ପିକଙ୍କର ହେଗେଲ୍‌ଙ୍କ ଦର୍ଶନ ପ୍ରତି ରହିଥିବା ବିରୋଧାଭାଷକୁ ସ୍ପଷ୍ଟ ଅନୁଭବ କରିହୁଏ । ଯୁଦ୍ଧ ପରବର୍ତ୍ତୀ ମଣିଷର ଅସହାୟତା ଓ ନିଜକୁ ତଥା ନିଜ ସ୍ଥିତିକୁ ଅନୁସନ୍ଧାନ କରିବାର ମାନସିକତା । ଏହା ବ୍ୟତୀତ ନିଜକୁ ଜାରଜ ମନେକରି ଏକ ଭଗବାନ ବିହୀନ ବିଶ୍ୱରେ ନିଜର ଆବଶ୍ୟକତାକୁ ଅନୁସନ୍ଧାନ କରିବାର ଚିନ୍ତନକୁ ଗାଳ୍ପିକ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି 'ଇତି ଉକ୍ତିଂ ଜାରଜେର' ଗଳ୍ପରେ । ଅସ୍ତିତ୍ୱବାଦୀମାନଙ୍କ ତୁଲ୍ୟ ଗାଳ୍ପିକ ଏକ ଭଗବାନ ବିହୀନ ବିଶ୍ୱରେ ମଣିଷର ଅସହାୟତାକୁ ପ୍ରତିଫଳିତ କରିବାକୁ ଯାଇଁ ଲେଖିଛନ୍ତି- "ସେ କହିଲେ ମୁଁ ଜଗତର ପିତା । ମୁଁ ଚିଡ଼ିଗଲି । କହିଲି- ମୁଁ ସେ ଫିସାଦୀରେ ପଡ଼ିବି ନାହିଁ । ମୁଁ କିଏ ? ଜଗତ କିଏ ? ଜଗତ ସଙ୍ଗେ ମୋର କି ଯାଏ ଆସେ ? ଜଗତ ରହିଲେ କେତେ ? ଗଲେ କେତେ ? ତୁମେ ମୋତେ ଭଲ ଦିଶୁଛ । ବାପା ପ୍ରାୟ ଦିଶୁଛ । ତୁମର ପୁତ୍ର ହେଲେ ମୁଁ ଆଉ ଗୋଲ ମରିଚ ଚୋବାଇବି ନାହିଁ । ନିଜ ଇଚ୍ଛାରେ ଚାଲିବି ନାହିଁ, ତୁମରି ଇଚ୍ଛାରେ ଚାଲିବି । ତୁମେ ଯଦି କହିବ- ଫାଲ୍‌କନ୍ ! ମୁଁ ଆସିବା ଯାଏ ଜାହାଜର ଏଇ ଅଂଶରେ ଠିଆ ହୋଇଥା, ମୁଁ ନ କହିଲେ ଏଠୁ ପାଦେ ବି ଘୁଞ୍ଚିବୁ ନାହିଁ- ତା ହେଲେ ଦେଖିବ ମୁଁ ସେଇଠି ଠିଆ ହୋଇଥିବି । ତା ପରେ ତୁମେ ମତେ ସେଠି ଛାଡି ତୁମର ଜଗତ କାର୍ଯ୍ୟ ବୁଝିବା ଲାଗି ଚାଲିଯିବ- ସେଇଠୁ ଜାହାଜରେ ଲାଗିବ ନିଆଁ ମୋ ପାଖକୁ ନିଆଁ ଚମକି ଆସିବ ।

କ୍ରମେ ଲହ ଲହ ଜିଭମାନ ବଢେଇ ନିଆଁ ମୋତେ ଚାଟି ଦେବାକୁ ମାଡିଆସିବ । ମୁଁ ଡରିଯିବି- ଅତର୍କରେ ଚିତ୍କାର କରିଉଠିବି ବାପା, ବାପା, ମୋ ଚାରିପଟେ ନିଆଁ ଲାଗିଗଲାଣି । ମତେ ଅନୁମତି ଦିଅ । ମୁଁ ଏଠୁ ପଳାଇ ଯାଏ । ତୁମେ କିନ୍ତୁ ଜଗତର ଆଉ କୋଉ କଣରେ ଗୋଟାଏ ବେଧ ଛୁଆର ବଣ ବାଉଳା ମେଣ୍ଢାଛୁଆର ଦାୟିତ୍ୱ ତୁଲାଉଥିବ । ମୋ ବିପଦ କଥା ଜାଣିପାରିବନି । ତୁମେ ଜାଣିପାରିନି ଯେ, ତୁମର ପ୍ରାଣର ପୁତ୍ର ଆଜ୍ଞାଧୀନ ଫାଲ୍‌କନ୍ ଆରକ୍ଷ ଭାବେ ଜାହାଜ ଉପରେ ପୋଡି ମରିଯାଉଛି ପଳେ ପଳେ- ଆଉ ତୁମକୁ ଡାକୁଛି ବାପା ବାପା ବିକଳରେ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୨୯୯) ନିଉଟନଙ୍କର ତୃତୀୟ ନିୟମ (Action

Reaction) (୧) ବସ୍ତୁକୁ ଯେତେ ଦବାଯାଏ ସେ ସେତେ ଉର୍ଦ୍ଧକୁ ଉତ୍ତୋଳିତ ହୁଏ । ଏହି ତୃତୀୟ ନିୟମକୁ ମଣିଷର ଚେତନା ଉପରେ ମଧ୍ୟ ପ୍ରୟୋଗ କରାଯାଇପାରେ । ମଣିଷ ନିଜକୁ ଅଥବା ନିଜର ସ୍ୱାଭାବିକତାକୁ ବା ମୂଳପ୍ରବୃତ୍ତିକୁ ଯେତିକି ଚାପିବାକୁ ଚେଷ୍ଟା କରେ ତାହା ସେତିକି ଉପରକୁ ଉଠିବା ତୁଲ୍ୟ ବାହାରକୁ ବାହାରିବା ପାଇଁ ବାଟ ଉଣ୍ଡେ । "ମାତ୍ର ଦେହ ଭିତରେ ଛୋଟ କଣ୍ଟାଟିଏ ଭଳି କେଉଁଠି ଲୁଚି ରହିଛି ମନ ବୋଲି ଯେଉଁ ପଦାର୍ଥ, ସେ ବେଳେ ବେଳେ ଫୋଡି ହୋଇଯାଏ- ବିଦ୍ରୋହ କଲା ଭଳି ସଁ ସଁ ହୁଏ- ମୁକ୍ତି ଲାଗି ସେ ପାଗଳ ହୋଇଉଠେ । ମନର ଏଇ ମୁକ୍ତି ନିଶା ଶେଷରେ ଆତ୍ମାକୁ ବି ଧରେ- ଆଉ ଆଶ୍ଚର୍ଯ୍ୟ ଭାବେ ଭୟଙ୍କର ଏହି ସହଯୋଗ ମନର ଓ ଆତ୍ମାର । ସାରଥିର ମୁକ୍ତି- ଉନ୍ମାଦନାରେ ରଥୀର ମୁକ୍ତି- ଉନ୍ମାଦନା ଯେତେବେଳେ ମିଶି ଏକାକାର ହୋଇଯାଏ, ସେତେବେଳେ ରଥ କି ଆଉ ସମ୍ଭଳା ପଡେ ? ପଥର ସୀମାକୁ ଟପି ସେ ଅପଥରେ ଧାଏଁ । ନୁହେଁ କି ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୩୧୩) ତେଣୁ ମଣିଷ ନିଜକୁ ବା ନିଜର ସ୍ୱାଭାବିକତାକୁ ସର୍ବଦା ଗ୍ରହଣ କରିବା ଉଚିତ୍ ଭଳି ଅସ୍ତିତ୍ୱବାଦୀ ଚିନ୍ତାଧାରାର ପ୍ରତିଫଳନ ଘଟିଛି 'ବହ୍ୱାରମ୍ଭେ' ଗଳ୍ପରେ । ଏତଦ୍ ବ୍ୟତୀତ ଗାଳ୍ପିକ ଏଥିରେ ସମାଜର ମେରୁଦଣ୍ଡ ନାମରେ ନିଜର ସୁଖ ଓ ସ୍ୱାଭାବିକତାକୁ ଅବହେଳା କରୁଥିବା ଶିକ୍ଷକ ଗୋଷ୍ଠୀଙ୍କ ଅସହାୟତା ଓ ଏହା ପଛରେ ଥିବା ସମାଜର ସ୍ୱାର୍ଥକୁ ବେଶ୍ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି । ମୃତ୍ୟୁର ଭୟରେ ଜୀବନକୁ ଉପଭୋଗ କରିବାକୁ ଭୁଲି ଯାଇଥିବା ମଣିଷମାନଙ୍କ ପ୍ରତି ଏକ ବାର୍ତ୍ତା ହେଉଛି ଗାଳ୍ପିକଙ୍କର 'ଜୀବନ ବାବୁଙ୍କ ଜୀବନ ଦର୍ଶନ' ଗଳ୍ପ । ଏତଦ୍ ବ୍ୟତୀତ ଜୀବନର ପ୍ରକୃତ ଆନନ୍ଦ ନିଜ ଦେଶ ପାଇଁ ନିଜକୁ ଉତ୍ସର୍ଗ କରି ଦେବାରେ ରହିଛି ଭଳି ଚିନ୍ତାଧାରାର ପ୍ରତିଫଳନ ମଧ୍ୟ ଉକ୍ତ କୃତିରେ ଦେଖିବାକୁ ମିଳେ । ପାପ, ପୁଣ୍ୟ, ଧର୍ମ, ଅଧର୍ମ, ସ୍ୱର୍ଗ ଓ ନର୍କର ପାଚେରୀ ମଣିଷର ସାଧାରଣ ଓ ସରଳ ଜୀବନକୁ ଦୁର୍ବୋଧ୍ୟ କରିଦେଇଛି । ଫଳରେ ଇହଲୋକରେ ଏକ ସୁନ୍ଦର ଦେହ ଓ ଆତ୍ମାକୁ ଧାରଣ କରି ଜନ୍ମ ଲାଭ କରିଥିବା ମଣିଷ ପରଲୋକର କାମନାରେ ନିଜ ମୂଳ ପ୍ରବୃତ୍ତିକୁ ଦମନ କରି ନିଜକୁ କଷ୍ଟ ଦେଇଚାଲିଛି । ତେଣୁ ପୁରାଣର ମିଥ୍ ପିଙ୍ଗଳା ସାହାଯ୍ୟରେ ପରଲୋକ ବିଳାସୀ ମଣିଷମାନଙ୍କୁ ଇହଲୋକ ବା ଅନ୍ୟ ଭାବେ କହିଲେ ନିଜ ସହ ପରିଚିତ କରାଇବା ଉଦ୍ଦେଶ୍ୟରେ ଗାଳ୍ପିକ ରଚନା କରିଛନ୍ତି 'ପିଙ୍ଗଳା ସେ – ଅନ୍ୟ ଜଣେ !' ଗଳ୍ପ, ପୁରାଣର ପିଙ୍ଗଳା ପାଇଁ ପରଲୋକର କାମନା ଓ ବାସ୍ତବତା ସତ୍ୟ ହୋଇପାରେ, ମାତ୍ର ଆଜିର ପିଙ୍ଗଳା ପାଇଁ ଇହଲୋକ ବା ଏହି ଧରାପୃଷ୍ଠ ହିଁ ବାସ୍ତବ । ତେଣୁ ଯାହା ହାତ ପାହାନ୍ତାରେ ନାହିଁ ତାର ପରିକଳ୍ପନାରେ ପାଇଥିବା ଏକ ସୁନ୍ଦର ସୁସ୍ଥ ଜୀବନକୁ କ୍ଷୟ କରିବା ଏକ ମୂର୍ଖାମି ଭଳି ବାର୍ତ୍ତାକୁ ଗାଳ୍ପିକ ଚମତ୍କାର ଭାବେ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି । ଏତଦ୍ ବ୍ୟତୀତ ଏକ ଅସ୍ତିତ୍ୱବାଦୀ ତୁଲ୍ୟ ଗାଳ୍ପିକ ଈଶ୍ୱରଙ୍କ ଅସ୍ତିତ୍ୱକୁ କେନ୍ଦ୍ରକରି ନିଜକୁ ଅସ୍ତିତ୍ୱହୀନ କରିଦେଇଥିବା ମଣିଷମାନଙ୍କୁ ନିଜ ସହ ପରିଚିତ କରାଇବା ଉଦ୍ଦେଶ୍ୟରେ ଲେଖିଛନ୍ତି- "ଅଦ୍ଭୁତ ଚରିତ୍ର ଏମାନେ । ବିଷ୍ଣୁଦେବ ଯେମିତି ଦୁର୍ବୋଧ୍ୟ, ତାଙ୍କର ଭକ୍ତମାନେ ତଦ୍ରୂପ ଦୁର୍ବୋଧ୍ୟ, ଆଉ ତାଙ୍କ ବିଧାନ ମଧ୍ୟ ତତୋଧିକ ବିଚିତ୍ର । ଗୋଟିଏ ସନ୍ନ୍ୟାସୀ ଯିବ ନରକକୁ – ଆଉ, ଗୋଟାଏ ବେଶ୍ୟା ଯିବ ସ୍ୱର୍ଗକୁ । ସେ ପୁଣି କହୁଛି- ଯିବ ନାହିଁ । ସେହି ପାପୀ ସନ୍ନ୍ୟାସୀ ସାଙ୍ଗରେ ରହି ନରକରେ ପଡ଼ି ଘାଣ୍ଟିହେବ । କ'ଣ ଏବେ ଆମେ ଏଥିରେ କରିବା- ଆମକୁ ଆଉ କିଛି ବୁଦ୍ଧି ଦିଶୁ ନାହିଁ । ଯାହା କହନ୍ତି ନାହିଁ ନର ମାୟା ନାରାୟଣଙ୍କୁ ବି ଅଗୋଚର । ଆରେ ବାବୁ, ଅଗୋଚର ତ- ତା ହେଲେ କାହିଁକି ମିଛେ ମିଛେ ଆଉ ସେମାନଙ୍କ କଥାରେ ମୁଣ୍ଡ ଖେଳାଉଛ ? ଇହଲୋକ ପରଲୋକ ଏ ଦୁଇଟା ସମ୍ପୂର୍ଣ୍ଣ ଅଲଗା- ଆମେ ଖାଲି ମିଛରେ ସେମାନଙ୍କ କଥାରେ ମୁଣ୍ଡ ପୁରାଉ ଥାଇଁ ସିନା ! xxx ମୁକ୍ତି, ମୁକ୍ତି, ମୁକ୍ତି... ମୁକ୍ତି, ମୁକ୍ତି, ମୁକ୍ତି, ମୁକ୍ତି, ମୁକ୍ତି- କିନ୍ତୁ ମୁକ୍ତି କାହାଠାରୁ ? ଅନୁରାଗରୁ ମୁକ୍ତି ନା ବୈରାଗ୍ୟରୁ ମୁକ୍ତି ? ନା ସ୍ୱୟଂ ଈଶ୍ୱରଙ୍କ ପାଖରୁ ??" (ଗଳ୍ପ ସମଗ୍ର- ପ୍ରଥମଭାଗ- ପୃ- ୬୩୩- ୬୩୪) ଓଡ଼ିଶାର ପ୍ରାଣପିଣ୍ଡ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଭାବେ ପ୍ରତୀତ ଜଗନ୍ନାଥ ବଡ଼ ଦେଉଳ ତ୍ୟାଗ କରି ଆମେରିକାର ସାନ୍ ଫ୍ରାନ୍‌ସିସ୍କୋ ଚାଲିଯିବା । ଏହିଭଳି ପ୍ରସଙ୍ଗ ମଧ୍ୟଦେଇ ଦେଶରେ ଚାଲିଥିବା ରାଜନୀତି, ଅରାଜକତା, ଉଭୟ ଜନସାଧାରଣ ଓ ରାଜନେତାଙ୍କ ସ୍ୱାର୍ଥ, ନିଜର ପତିତ ଓ ମାଦଳାମୀକୁ ଜଗନ୍ନାଥଙ୍କ ଉପରେ ଆରୋପିତ କରିବା ଏବଂ ସର୍ବଶେଷରେ ଏହାକୁ କେନ୍ଦ୍ରକରି ଏହି ଜାତିର ଅବଶ୍ୟମ୍ଭାବୀ ଅଦ୍ଧପତନକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ଜଗନ୍ନାଥ ସ୍ଥୁଳ ବୃତ୍ତାନ୍ତଂ' ଗଳ୍ପରେ । ପ୍ରତ୍ୟେକଟି ମଣିଷକୁ ଗୋଟିଏ ମାପଦଣ୍ଡ ଉପରେ ରଖି ବିବେଚନା କରିବା ବାସ୍ତବିକ ଅନୁଚିତ୍ । କାରଣ ଅଜ୍ଞାନୀଙ୍କ ଭିତରେ ଜ୍ଞାନୀ ଓ ଜ୍ଞାନୀଙ୍କ ଭିତରେ ଲୁଚି ବସିଥିବା ଅଜ୍ଞାନୀ ଜନିତ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ତେଣୁ ବ୍ୟକ୍ତିକୁ କେନ୍ଦ୍ରକରି କୌଣସି ସିଦ୍ଧାନ୍ତକୁ ସଂପୂର୍ଣ୍ଣ ଭାବେ ଗ୍ରହଣ କରିନେବା ଅନୁଚିତ୍ । ଏହିଭଳି ଏକ ଅସ୍ତିତ୍ୱବାଦୀ

ଚିନ୍ତାଧାରାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଅନ୍ଧ ଦେଶକୁ ଗଲି ଦର୍ପଣ ବିକି' ଗଳ୍ପରେ। ଜନ୍ମ ମୃତ୍ୟୁ ଜନିତ କାଳଚକ୍ରରେ ପଡି ଯୁଗ ଯୁଗରୁ ଛଟପଟ ହୋଇ ଆସୁଥିବା ମଣିଷମାନଙ୍କ ପକ୍ଷରୁ ଗାଳ୍ପିକ ମୁକ୍ତି ପାଇଁ ପ୍ରାର୍ଥନା କରିଛନ୍ତି 'ଖେଳୁଆଡ ବୁଦ୍ଧି ଛାଡ ହେ ପ୍ରଭୁ !' ଗଳ୍ପରେ। ମଣିଷର ଜନ୍ମ ଓ ଜୀବନ ଏକ ମୂଲ୍ୟବାନ ସମ୍ପଦ। ତେଣୁ ଜୀବନକୁ କେନ୍ଦ୍ରକରି ନକାରାତ୍ମକ ଦୃଷ୍ଟିଭଙ୍ଗୀକୁ ତ୍ୟାଗ କରିବା ସହ। ଜୀବନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ଯାତ୍ରା- ସଙ୍ଗୀତ' ଗଳ୍ପରେ। ଭାଗ୍ୟ ବଡ ନା ଭାଗ୍ୟ ଗଢୁଥିବା ଈଶ୍ୱର ବଡ ? ଯେଉଁ ଭଗବାନ ବିଧାନ ଗଢ଼ନ୍ତି ସେ ପୁଣି ବିଧାନକୁ ପରିବର୍ତ୍ତନ କରିଦେଇ ପାରନ୍ତି। ପୁରାଣ ପ୍ରସଙ୍ଗର ସହାୟତାରେ ଗାଳ୍ପିକ ଏହିଭଳି ଏକ ଚିନ୍ତାଧାରାକୁ ପ୍ରକାଶ କରିଛନ୍ତି 'ଭାଗ୍ୟ ନା ଈଶ୍ୱର' ଗଳ୍ପରେ। ସମାଜ, ସଂସାର ଓ ପରିବାରର ଭିତରେ ରହି ମଧ୍ୟ ପ୍ରତ୍ୟେକଟି ମଣିଷ କେତେ ନିଃସଂଗ ତାହାକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'କାଠର କଣ୍ଢେଇ' ଗଳ୍ପରେ। ପ୍ରକୃତରେ ବିବେଚନା କରିବାକୁ ଗଲେ ଏଠି ମଣିଷର ନିଃସଂଗତା ହିଁ ହେଉଛି ନିରାଟ ସତ୍ୟ। ମଣିଷର ଏହି ନିଃସଂଗତାକୁ ଦୂର କରିବାପାଇଁ ଯେଉଁମାନେ ଆସିଛନ୍ତି ସେମାନେ ହୁଏତ କାଠର କଣ୍ଢେଇ ଭଳି ତାକୁ ନଚେଇଛନ୍ତି । ଅଥବା ନିଜର ନିଃସଂଗତାକୁ ଦୂର କରିବା ପାଇଁ ନିଜେ ବ୍ୟକ୍ତିଟି ଅନ୍ୟ ଆଗରେ ନାଚିଛି। ତେଣୁ ମୋଟ ଉପରେ କହିବାକୁ ଗଲେ କାଠକଣ୍ଢେଇକୁ ନଚେଇବା ଯାହା ସେ ନିଜେ ନାଚିବା ମଧ୍ୟ ତାହା । ତେଣୁ ଏହି ଦୃଷ୍ଟିକୋଣରୁ ବିବେଚନା କଲେ ଆଜି ପ୍ରତ୍ୟେକଟି ମଣିଷ ହେଉଛି ଗୋଟିଏ ଗୋଟିଏ କାଠ କଣ୍ଢେଇ।

**ଦାର୍ଶନିକତା :**

ଦର୍ଶନ କେବଳ ଅନୁସରଣର ପ୍ରସଙ୍ଗ ନୁହେଁ । ଏହାର ମଧ୍ୟ ପୁର୍ନବିଚାରର ଆବଶ୍ୟକତା ରହିଛି ଭଳି ଚିନ୍ତାଧାରାକୁ ଗାଳ୍ପିକ ତାଙ୍କର କେତେକ କୃତିରେ ପ୍ରତିଫଳିତ କରିଛନ୍ତି । ସଂପ୍ରତି ଇତିହାସର ପୂର୍ଣ୍ଣ ବିଚାର ଭଳି ଏହା ଦର୍ଶନର ପୂର୍ଣ୍ଣ ବିଚାର ପ୍ରସଙ୍ଗକୁ ଇଙ୍ଗିତ କରିଥାଏ । ରୂପ ଅପେକ୍ଷା ରୂପକ ଏବଂ ଧ୍ୱନି ଅପେକ୍ଷା ପ୍ରତିଧ୍ୱନି ଅଥବା ସ୍ଥୁଳ ଅପେକ୍ଷା ସୂକ୍ଷ୍ମରେ ବିଶ୍ୱାସୀ ଦର୍ଶନ । ଏହା ବ୍ୟତୀତ ଯାହାର ସ୍ଥିତି ନାହିଁ ତାହାର ସ୍ଥିତି ପରିକଳ୍ପନା ଏବଂ ଏହି ପରିକଳ୍ପନାକୁ ବାସ୍ତବତାର ରୂପ ଦେବାପାଇଁ ଉଦ୍ୟମ କରି ଚାଲିଥିବା ଦାର୍ଶନିକ ଓ ଦର୍ଶନକୁ ଗାଳ୍ପିକ ଏକ ରୂପକ କାହାଣୀର ସହାୟତାରେ ବ୍ୟଙ୍ଗକରି ରଚନା କରିଛନ୍ତି 'ସମୁଦ୍ର, ନୀଳକୁଣ୍ଡ ଓ ନୀଳବର୍ଣ୍ଣର ଶୃଗାଳ ଉପାଖ୍ୟାନ' ଗଳ୍ପ। ଏଥିରେ ଗାଳ୍ପିକ ନୀଳବର୍ଣ୍ଣ ଶୃଗାଳକୁ ଗୌତମ ବୁଦ୍ଧ ଓ ସମୁଦ୍ରକୁ ନିର୍ବାଣ ସହିତ ତୁଳନା କରିଛନ୍ତି । ଏବଂ ସମୁଦ୍ରକୁ ଦେଖି ନଥିବା ଶୃଗାଳ ସମୁଦ୍ର ସନ୍ଧାନରେ ବାହାରିବା ତୁଲ୍ୟ ନିର୍ବାଣ ପ୍ରକୃତରେ କ'ଣ ? ତାହାର ସ୍ଥିତିର ଯୌକ୍ତିକତା ସଂପର୍କରେ ନ ଜାଣି ଏହା ପଛରେ ଧାଇଁଥିବା ଏହି ଦର୍ଶନରେ ବିଶ୍ୱାସୀ ମଣିଷକୁ ଗାଳ୍ପିକ ଶୃଗାଳ ସହିତ ତୁଳନା କରିବା ସହ ସେମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇଥିବା ମୋକ୍ଷ ତୁଲ୍ୟ ନୀଳ ସମୁଦ୍ର ଯେ ପ୍ରକୃତରେ ନୀଳକୁଣ୍ଡ ତାହାକୁ ପ୍ରତିଫଳିତ କରିଛନ୍ତି। ଏତଦ୍ ବ୍ୟତୀତ ଗାଳ୍ପିକ ଏଥିରେ ବୌଦ୍ଧଦର୍ଶନର ପ୍ରଚାର । ମତପାର୍ଥକ୍ୟ ଏବଂ ପରବର୍ତ୍ତୀ ପିଢୀ ବା ଶିଷ୍ୟଙ୍କ ଦ୍ୱାରା ବିକୃତି କରଣକୁ ମଧ୍ୟ ବ୍ୟଙ୍ଗ କରିଛନ୍ତି। "ହେ ରଜକ ପୁଙ୍ଗବ ! ଲଗୁଡ ସମ୍ବରଣ ପୂର୍ବକ କ୍ରୋଧ ସଂଯତ କର। କ୍ରୋଧ ଜୀବର ଭୀଷଣତମ ରିପୁ ଅଟେ। କ୍ରୋଧରୁ ମୋହ ଜାତ ହୁଏ ଏବଂ ମୋହରୁ ସ୍ମୃତି- ବିଭ୍ରମ ହୋଇଯାଏ। ସ୍ମୃତି ବିଭ୍ରମ ହେତୁ ବୁଦ୍ଧି ନଷ୍ଟ ହୁଏ ଏବଂ ବୁଦ୍ଧି- ନାଶରୁ ବିନାଶ ନିଶ୍ଚିତ ଭାବେ ହୋଇଥାଏ । ହେ ରଜକ ପୁଙ୍ଗବ ! ତୁମ୍ଭ କଥିତ, ତୁମ୍ଭ ପ୍ରସ୍ତୁତ ଓ ତୁମ ସଞ୍ଚିତ ଏହି ନୀଳ କୁଣ୍ଡ ଯେ ସମୁଦ୍ର ନୋହେ, ଏହା ତୁମ୍ଭେ ପ୍ରମାଣ କରିପାରିବ କି ? କାରଣ ସମୁଦ୍ର ମଧ୍ୟ ଜଳର ଭଣ୍ଡାର ଅଟେ ଓ ତାର ବର୍ଣ୍ଣ ନୀଳ ଅଟେ। ମୁଁ ସମୁଦ୍ରରେ ଅବଗାହନ କରୁଅଛି। ଏହି ନୀଳ କୁଣ୍ଡ ନିଶ୍ଚୟ ସମୁଦ୍ର ଅଟେ। xxx ଗୋଟିଏ ଶୃଗାଳ ଶିଶୁ ବୟସ୍କମାନଙ୍କର ଏହି ସମବେତ ନଗରକୀର୍ତ୍ତନ ଶ୍ରବଣରେ ଅତ୍ୟଧିକ ଉତ୍ସାହିତ ହୋଇ- ଅଥଚ ଏହି ଶବ୍ଦ ପ୍ରବାହର କିଛି ଅର୍ଥ ବା ଉଦ୍ଦେଶ୍ୟ ନ ବୁଝି ମଧ୍ୟ ଏହି ମନ୍ତ୍ର ଧ୍ୱନିକୁ ଶୁଦ୍ଧ ଓ ସ୍ପଷ୍ଟ ଭାବେ ଉଚ୍ଚାରଣ କରିବାକୁ ଅକ୍ଷମ ହୋଇଥିଲେ ସୁଦ୍ଧା ବାଳୋଚିତ ଅସ୍ଫୁଟ କଣ୍ଠରେ ବୋବେଇ ଉଠିଲା- ହୁଆ, ହୁଆ- ହୁଆ- ହୁଆ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୩୫୬-୩୬୦) ପୃଥିବୀ ମାର ଯନ୍ତ୍ରଣାକୁ ଦୂର କରିବାପାଇଁ ନିଜର ଭିନ୍ନ ଭିନ୍ନ ଦର୍ଶନ ସହ ଆଗେଇ ଆସିଥିବା ମଣିଷ ଯେ ପ୍ରକୃତରେ ତାର ଯନ୍ତ୍ରଣାକୁ ଦୁଇଗୁଣ ବଢେଇ ଚାଲିଛି ତାହାର ସଂକେତ ଦେଖିବାକୁ ମିଳେ 'ବିହଙ୍ଗର ଉଚ୍ଚାକାଂକ୍ଷା' ଗଳ୍ପରେ। ପଶୁରୁ ମଣିଷ ହେବା କ୍ରମରେ ମଣିଷ ଭିତରେ ଅନେକ କିଛି ପରିବର୍ତ୍ତନ ଘଟିଛି । ଏହି ପରିବର୍ତ୍ତନ ଭିତରେ କିନ୍ତୁ ମଣିଷ ରକ୍ତଗତ ସୂତ୍ରରୁ ପାଇଥିବା ଇଦ୍ ତୁଲ୍ୟ ମୂଳ ପ୍ରବୃତ୍ତି ଟି ଯୁଗଯୁଗରୁ ମଣିଷ ଭିତରେ ରହି ଆସିଛି। ଯାହାକୁ ଦୂର କରିବା ପାଇଁ ବା ଅନ୍ୟ ଭାବେ କହିଲେ ମଣିଷ ଭିତରୁ ଏହି ପଶୁତ୍ୱକୁ ବିନାଶ କରିବାପାଇଁ ଆବିର୍ଭାବ ଘଟିଛି ବହୁ ମହାପୁରୁଷଙ୍କର। "ମୁଁ ଆଉ ସମ୍ଭାଳି ପାରିଲି ନାହିଁ। ମୋର ମୁଣ୍ଡକୁ ବି ପିତ୍ତ ଉଠିଗଲା। ମୋର

ମନ ଭିତରେ କିଏ ଯେମିତି ଆଦେଶ ଦେଲା– ଚାବୁକ ଧର, ସମସ୍ତଙ୍କୁ ପିଟି ସାବାଡ କରିଦେ– ତା'ପରେ ନିଜ ଛାତିରେ ଛୁରୀ ଭୁଷି ମରିଯା । ଏ ଶଳା ମଣିଷମାନେ ମରନ୍ତୁ । ଏମାନେ କେହି ନିଜକୁ ଅତିକ୍ରମ କରି ପାରିବେ ନାହିଁ କି ଆଉ କାହାକୁ କରେଇ ଦେବେ ନାହିଁ । ମାରିଦେ... ମାରିଦେ ଶଳା ମାଙ୍କଡ ମାନଙ୍କୁ । ଶଳା, ଗୋଟାଏ ଅବତାର ଆସି ଚିଲେଇ ଚିଲେଇ ଗଲା– କାନ୍‌ସର ଭୋଗି ମଲା, ଆଉ ଗୋଟାଏ ଅବତାର ମୂତ୍ରକୃଚ୍ଛ ରୋଗରେ ମଲା । ଶଳା, ଗୋଟାଏ ଗାନ୍ଧୀ ଗୁଳିମାଡରେ ହେ ରାମ ଚିତ୍କାର କରି ତଳେ ପଡି ମଲା । ଶଳା, କିଏ ତୁମକୁ ରଖିବ ବେ !... ମାରିଦେବି, ସମସ୍ତଙ୍କୁ ମାରିଦେବି ।" (ଗଳ୍ପ ସମଗ୍ର– ପ୍ରଥମ ଭାଗ– ପୃ– ୩୯୫) ହେଲେ ବାହ୍ୟ ବିବର୍ତ୍ତନକୁ ସହଜ ଭାବେ ଗ୍ରହଣ କରିଥିବା ମଣିଷର ଅନ୍ତର୍ନିହିତ ବିବର୍ତ୍ତନ ଯେ ସେତେ ସହଜ ନୁହେଁ ତାହାର ପ୍ରତିଫଳନ ଘଟିଛି 'ମୁଁ, ତୁମେ ଓ ସେମାନେ' ଗଳ୍ପରେ । ଏ ସବୁ ସତ୍ତ୍ୱେ ବି ମଣିଷ ଭିତରର ପଶୁତ୍ୱର ଦିନେ ନାଶ ଘଟିବ ଏବଂ ମଣିଷ ମୁଁ ତ୍ୱର ଭାବକୁ ତ୍ୟାଗକରି ସମସ୍ତଙ୍କୁ କେନ୍ଦ୍ରକରି ଆଗକୁ ବଢିବ ଭଳି ବାର୍ତ୍ତା ମଧ୍ୟ ଦେଖିବାକୁ ମିଳେ ଉକ୍ତ କୃତିରେ ।

ଗଡି ଯାଉଥିବା ସମୟକୁ କେନ୍ଦ୍ରକରି ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ 'ଉତ୍ତୀର୍ଣ୍ଣ ସମୟ' ଗଳ୍ପରେ । ମଣିଷ ତୁଲ୍ୟ ପଶୁମାନଙ୍କ ଅପେକ୍ଷା ପ୍ରକୃତ ପଶୁ ଯେ ମଙ୍ଗଳ କାରକ ତାହାର ପ୍ରତିଫଳନ ଘଟିଛି 'ରାଧୁଆର ସ୍ୱରଲିପି' ଗଳ୍ପରେ । ଈଶ୍ୱର ମଣିଷର ବିଶ୍ୱାସ କିନ୍ତୁ ଈଶ୍ୱରତ୍ୱ ସେହି ମଣିଷ ଭିତରର ହିଁ ଗୋଟିଏ ଗୁଣ । ମୃତ୍ୟୁମୟ ପୃଥିବୀରେ ଈଶ୍ୱର ତିଷ୍ଠି ନ ପାରନ୍ତି କିନ୍ତୁ ଈଶ୍ୱରତ୍ୱ ସବୁକାଳେ ତିଷ୍ଠି ରହିଥିବ । ତେଣୁ ଈଶ୍ୱର ନୁହେଁ ଈଶ୍ୱରତ୍ୱ ଗୁଣର ଅଧିକାରୀ ଭଗବାନ ରମକୃଷ୍ଣ ପରମହଂସଙ୍କୁ ଉତ୍ସର୍ଗ କରି ଗାଳ୍ପିକ ରଚନା କରିଛନ୍ତି 'ଭଗବାନ ମଲାପରେ...' ଗଳ୍ପ । ସବୁ ନାରୀ ଯେ ଦୁର୍ବଳା ଓ ସବୁ ପୁରୁଷ ଯେ ଲମ୍ପଟ ଭଳି ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଆଶାରେ ଗାଳ୍ପିକ ରଚନା କରିଛନ୍ତି 'ମାତୃଦେବ ଭବ– ପିତୃଦେବ ଭବ' ଗଳ୍ପ । ବିଶେଷକରି ଗାଳ୍ପିକ ଏଥିରେ ପୁରଷ ଭିତରେ ପିତୃତ୍ୱର ଅନୁଭବକୁ କେନ୍ଦ୍ରକରି ଏକ ବୃହତ୍ତର ଦୃଷ୍ଟିଭଙ୍ଗୀ ପ୍ରଦାନ କରିଛନ୍ତି । ବେଳେବେଳେ ସଂକ୍ଷିପ୍ତ ସମୟ, ପରିବେଶ ଓ ପରିସ୍ଥିତି ମଧ୍ୟଦେଇ ମଣିଷ ବିରଟବଡ ଉପଲବ୍ଧିକୁ ଅନୁଭବ କରେ । ଏହିଭଳି ଏକ ଚିନ୍ତାଧାରାର ପ୍ରତିଫଳନ ଘଟିଛି 'ଅନ୍ୟ ପରିଚୟ' ଗଳ୍ପରେ । ଆତ୍ମୋପଲବ୍ଧି ତୁଲ୍ୟ ଜୀବନର ପ୍ରକୃତ ମୂଲ୍ୟ ସଂପର୍କିତ ସୂଚନା ଦେଖିବାକୁ ମିଳେ 'ଗୋଟିଏ ଡାଏରୀର ଇତିକଥା' ଗଳ୍ପରେ । ବୌଦ୍ଧ ଦର୍ଶନର ଅର୍ନ୍ତଭୁକ୍ତ ସହଜିଆ ସାଧନା ତୁଲ୍ୟ, ଧରାପୃଷ୍ଠର ବାସ୍ତବତା ଓ ଜୀବନର ପ୍ରକୃତ ଆନନ୍ଦ ସଂପର୍କରେ ସୂଚନା ଦେଖିବାକୁ ମିଳେ 'ସହଜିଆ' ଗଳ୍ପରେ । ବିଜ୍ଞାନ, ଦର୍ଶନ ଓ ମନସ୍ତତ୍ତ୍ୱ ଗୋଟିଏ ସ୍ଥାନରେ ଏବଂ ବିଶ୍ୱାସ ଆଉ ଗୋଟିଏ ସ୍ଥାନରେ । ତେଣୁ ଗୋଟିଏକୁ ଅନ୍ୟର ସାହାଯ୍ୟରେ ବୁଝିବା ବାସ୍ତବିକ ଅସମ୍ଭବ । ଏହିଭଳି ଏକ ଚିନ୍ତନର ପ୍ରତିଫଳନ ଦେଖିବାକୁ ମିଳେ 'ଉଦି ବେହେରା କାଳେସୀ, ମୁଁ ଓ ପେଙ୍ଗା ଉଚ୍ଛବା ସମ୍ବାଦ' ଗଳ୍ପରେ । ଧର୍ମ ଭିତ୍ତିରେ ମାନବ ସମାଜକୁ ଅଲଗା କରାଯିବା ପ୍ରସଙ୍ଗକୁ ବିରୋଧ କରିବା ସହ, ଏଥିପ୍ରତି ଏକ ଉଦାରବାଦୀ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ 'ରାମ୍ ଯେ ରହିମ୍ ଏକ୍' ଗଳ୍ପରେ । **ଏହି** ଧରାପୃଷ୍ଠକୁ ନିଜ ଦେବତ୍ୱ ଗୁଣରେ ମହିମାନ୍ୱିତ କରି ପ୍ରତିଦାନରେ ଲାଞ୍ଛନା ଓ ଅପମାନକୁ ଉପହାର ସଦୃଶ ଗ୍ରହଣ କରିନେଉଥିବା ମଣିଷ ଜଣେ ଜଣେ ଅଭିଶପ୍ତ ଗନ୍ଧର୍ବ । ଗାଳ୍ପିକଙ୍କର 'ଅଭିଶପ୍ତ ଗନ୍ଧର୍ବ' କୃତିଟି ହେଉଛି ଏହିଭଳି ଏକ ଚିନ୍ତନର ପ୍ରତିଫଳନ । ଆତ୍ମୋପଲବ୍ଧି କେବଳ ପରିପକ୍ୱ ବୟସ ନୁହେଁ ଯେ କୌଣସି ବୟସରେ ବି ମଣିଷ କ୍ଷେତ୍ରରେ ଦେଖିବାକୁ ମିଳେ ଫ ଏହିଭଳି ଏକ ଚିନ୍ତନର ପ୍ରତିଫଳନ ରହିଛି 'ଗଣାଧିପତୟେ ନମଃ' ଗଳ୍ପରେ । ଜନ୍ମ ଓ ମୃତ୍ୟୁକୁ କେନ୍ଦ୍ରକରି ଦାର୍ଶନିକ ଚିନ୍ତନ ସହିତ ଶୂନ୍ୟବାଦ ଏବଂ ସଂସ୍କାର ଓ ପରମ୍ପରାର ଶେଷ ପ୍ରତୀକକୁ ଗାଳ୍ପିକ ଚିତ୍ରିତ କରିଛନ୍ତି 'ବୃନ୍ଦାବନର ଶେଷଧୂପ' ଗଳ୍ପରେ । ବାହାରକୁ ସୁଖି ଦେଖାଯାଉଥିବା ମଣିଷଟିର ଅନ୍ତରର ବେଦନା ଏଥି ସହିତ ବିଶ୍ୱକୁ ଦୁଃଖମୟ ମନେକରି ନିଜର ଚତୁଃପାର୍ଶ୍ୱରେ ଥିବା ଆନନ୍ଦକୁ ଅସ୍ୱୀକାର କରୁଥିବା ମଣିଷକୁ ସଚେତନ କରିବା ପାଇଁ ଗାଳ୍ପିକ ରଚନା କରିଛନ୍ତି 'ହରିହର ମିଳନ ସମ୍ବାଦ' ଗଳ୍ପ । ଏଥିରେ ଗାଳ୍ପିକ ଓଡ୍ର ରାଷ୍ଟ୍ରର ମହିମା ଓ ତାହାକୁ କେନ୍ଦ୍ରକରି ହରି ଓ ହରଙ୍କର ମିଳନ ପ୍ରସଙ୍ଗକୁ ମଧ୍ୟ ପ୍ରତିଫଳିତ କରିଛନ୍ତି । ଏହାକୁ ଆର୍ଯ୍ୟ ଓ ଦ୍ରାବିଡ ସଂସ୍କୃତିର ମୀଳନ ଭାବେ ମଧ୍ୟ ଗ୍ରହଣ କରାଯାଇପାରେ । ମହାକାଳ ସବୁ କିଛିକୁ ଲୁପ୍ତ କରିଦେଇ ପାରେ କିନ୍ତୁ ଅମୃତ ବିନୟ ବଚନ ଯୁଗ ଯୁଗକୁ ରହିଥାଏ । ପ୍ରକୃତରେ ମଣିଷ ଓ ଅନ୍ୟ ପ୍ରାଣୀ ମଧ୍ୟରେ ରହିଥିବା ବଚନଗତ ପାର୍ଥକ୍ୟ ହିଁ ମଣିଷକୁ ସ୍ୱତନ୍ତ୍ର ସ୍ଥାନ ଦେଇଥାଏ । ତେଣୁ ବଚନର ଗୁରୁତ୍ୱକୁ ମଣିଷ ଉପଲବ୍ଧି କରିବା ଉଚିତ୍ ଭଳି ଚିନ୍ତନର ପ୍ରତିଫଳନ ଘଟିଛି 'କହି ଜାଣିଲେ କଥା ସୁନ୍ଦର' ଗଳ୍ପରେ । ମାୟା ମୋହମୟ ଏହି ସଂସାରରେ ଜୀବନର ପ୍ରକୃତ ଲକ୍ଷ୍ୟ ବା ପ୍ରକୃତ ପଥ ଅନୁସନ୍ଧାନ କରିବାକୁ ଯାଇ ବହୁ ମୁନିଙ୍କର ବହୁମତ ତୁଲ୍ୟ ବହୁ ଗୁଡିଏ ପଥ ମଝିରେ ଧନ୍ଦି ନ ହୋଇ , କେବଳ ଭଗବତ୍ ବିଶ୍ୱାସକୁ ଆଧାରକରି ସେହି ପଥରେ

ଅଗ୍ରସର ହେବା ଉଚିତ୍ ଭଳି ଚିନ୍ତାଧାରାର ପ୍ରତିଫଳନ ଘଟିଛି 'ଆରେ- ନବୀନ ! ବାଟକୁ ଅନା' ଗଳ୍ପରେ । କଳି ଯୁଗର ଏହି ଶେଷ ବେଳାକୁ ଦୁର୍ଯୋଗ ମନେ କରୁଥିବା ମଣିଷମାନଙ୍କୁ ଶ୍ରୀ ଅରବିନ୍ଦଙ୍କର ବାର୍ତ୍ତା ଥିଲା ଯେ, ଏହି ବେଳା କେବଳ ଦୁର୍ଯୋଗ ନୁହେଁ ସୁଯୋଗର ମଧ୍ୟ ଏକ ମୁହୂର୍ତ୍ତ । କାରଣ ମଣିଷ ନିଜ ଭିତରର ପଶୁତ୍ୱକୁ ଯେତେ ଅନୁଭବ କରୁଛି ନିଜ ଭିତରର ଦେବତ୍ୱକୁ ସେତେ ଅନୁଭବ କରିପାରୁ ନାହିଁ । ତେଣୁ ପଶୁ ମଣିଷ ଯେତେବେଳେ ଦେବମଣିଷ (Super Man) ହେବ ସେତେବେଳେ ଆପେ ଆପେ ସବୁ ଦୁର୍ଯୋଗ ଦୂର ହୋଇଯିବ । ଏହି ରୂପେ ଶ୍ରୀ ଅରବିନ୍ଦଙ୍କର ଦର୍ଶନକୁ ପ୍ରତିଫଳିତ କରିବା ସହ ଅନ୍ଧପତନ ଆଡକୁ ଗତି କରିଥିବା ମଣିଷ ଜାତିକୁ ସଚେତନ କରିବା ଉଦ୍ଦେଶ୍ୟରେ ଗାଳ୍ପିକ ରଚନା କରିଛନ୍ତି 'କ୍ଷିତିକି ଭୀତି ହେଲା ପ୍ରବଳ ହୋ...' ଗଳ୍ପ । ବାହ୍ୟ ଦୁର୍ଗନ୍ଧକୁ ଉପଲବ୍ଧି କରୁଥିବା ମଣିଷଟିର ଭିତର କେତେ ଦୁର୍ଗନ୍ଧମୟ ତାହାର ସୂଚନା ରହିଛି ଏକ 'ଦୁର୍ଗନ୍ଧର ଇତିକଥା' ଗଳ୍ପରେ । ପରାଜୟ ମଧ୍ୟରେ ବିଜୟର ଆନନ୍ଦ ରହିଛି 'ଅପରାଜିତ' ଗଳ୍ପରେ । ପଘା ଛିଣ୍ଡେଇ ବୁଲୁଥିବା ମନରୂପୀ ଗାଇକୁ ନିୟନ୍ତ୍ରଣ କରିବାର ପନ୍ଥା । ଏଥି ସହିତ ଶ୍ଳୀଳ ଓ ଅଶ୍ଳୀଳକୁ କେନ୍ଦ୍ରକରି ଦାର୍ଶନିକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ 'ମନ ମତ୍ତ ଦୁହାଁଳ ଗାଇ' ଗଳ୍ପରେ । ଗାଳ୍ପିକଙ୍କର 'ସେଇ ବାସ୍କେଟ୍ ସେଇ ବ୍ରିଫକେସ୍' ଏକ ଭିନ୍ନ ସ୍ୱାଦର ସୃଷ୍ଟି । ଲୋଭ, ମୋହ, ମାୟା ରୂପକ ସଂସାରର ଜଞ୍ଜାଳରେ ବାନ୍ଧି ହୋଇ ମଣିଷ ନିଜ ଭିତରର ମୁକ୍ତ ତାକୁ କିପରି ହରାଇ ବସିଛି ତାହାକୁ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି । ଜୀବନରେ ଉଭୟ ପାପ ଓ ପୁଣ୍ୟର ଅନୁଭୂତି । ଏହା ସହିତ ଜୀବନରେ ମୁକ୍ତିକୁ କେନ୍ଦ୍ରକରି ପାପର ଅବଦାନକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ପାପ ଓ ମୁକ୍ତି' ଗଳ୍ପରେ । ଅସହାୟତା, ହତାଶବୋଧ ଓ ନିଃସଂଗତାର ବିନାଶ ସହ ଜୀବନକୁ କେନ୍ଦ୍ରକରି ସକାରାତ୍ମକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ 'ଅନ୍ୟ ରୂପ ରୂପାନ୍ତର' ଗଳ୍ପରେ ।

**ନାରୀବାଦ :**

ଶ୍ରୀଯୁକ୍ତ ସାହୁ ନାରୀବାଦର ବିଭିନ୍ନ ଚିନ୍ତାଧାରାକୁ ସମର୍ଥନ କରିଥିଲେ ହେଁ, ବିଶେଷକରି ସେ ନାରୀବାଦର ଦ୍ୱିତୀୟ ତରଙ୍ଗର ଅନ୍ତର୍ଭୁକ୍ତ କଟ୍ଟରପନ୍ଥୀ ନାରୀବାଦ ଓ ସାଂସ୍କୃତିକ ନାରୀବାଦକୁ ତାଙ୍କ ଗଳ୍ପଗୁଡିକରେ ପ୍ରତିଫଳିତ କରିଥିବା ଜଣାଯାଏ । ସମାଜ ଦ୍ୱାରା ବସ୍ତୁ ରୂପେ ପରିଗଣିତ ଏବଂ ବ୍ୟବହୃତ ଏକ ନାରୀ ଜୀବନର ଯନ୍ତ୍ରଣା ଓ ଅସହାୟତା, ଅପ୍ରାପ୍ତି ଏବଂ ଶେଷରେ ମୃତ୍ୟୁର ଦ୍ୱାରଦେଶରେ ପହଞ୍ଚି ପ୍ରାପ୍ତି ଜନିତ ଭ୍ରମକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଶେଷ ସନ୍ଧ୍ୟାର ପ୍ରଳାପ' ଗଳ୍ପରେ । ଏଥିରେ ଗାଳ୍ପିକ ବିଶେଷ କରି ଏକ ନାରୀର ଅସହାୟତା ମଧ୍ୟ ଦେଇ ପାପ ଓ ପୁଣ୍ୟର ସଂଜ୍ଞାକୁ ତଉଲିବାକୁ ଉଦ୍ୟମ କରିଛନ୍ତି । ବାହ୍ୟ ଦୃଷ୍ଟିରୁ ପ୍ରତ୍ୟେକଟି ନାରୀ ଭିନ୍ନ ହେଲେ ହେଁ, ଅନ୍ତର୍ନିହିତ ଦୃଷ୍ଟିକୋଣରୁ ସେମାନଙ୍କ ଭିତରେ ରହିଥିବା ସାମଞ୍ଜସ୍ୟ ପ୍ରତିଫଳିତ ହୋଇଛି 'ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ' ଗଳ୍ପରେ । ପରିସଂସ୍ଥାୟ ନାରୀବାଦୀ ମାନଙ୍କ ତୁଲ୍ୟ ଗାଳ୍ପିକ 'ଚପଳା ରାୟର ଇତିକଥା' ଗଳ୍ପରେ ପୁରୁଷ ପ୍ରଧାନ ସମାଜରେ ନାରୀ କିପରି ବସ୍ତୁ ଭଳି ବ୍ୟବହୃତ ଓ ଅବହେଳିତ ତାହାକୁ ଚିତ୍ରଣ କରିଛନ୍ତି । ଏହା ବ୍ୟତୀତ ନାରୀର ଅବଚେତନ ମନ ମଧ୍ୟରେ ନାରୀକୁ କେନ୍ଦ୍ରକରି ରହିଥିବା ଈର୍ଷା ଓ ଘୃଣା (Female Misogyny) (୨) କୁ ମଧ୍ୟ ପ୍ରତିଫଳିତ କରିଛନ୍ତି । ପୁରୁଷ ପ୍ରଧାନ ସମାଜରେ ବସ୍ତୁ ଭଳି ବ୍ୟବହୃତ ନାରୀ । ସେହି ନାରୀ ପୁଣି ଯଦି ଜାରଜ ହୁଏ ସେ ହୋଇଯାଏ ସମାଜର କୋଠ ସମ୍ପତ୍ତି । ଏହିଭଳି ସମାଜର କୋଠ ସମ୍ପତ୍ତି ରୂପେ ବ୍ୟବହୃତ ନାରୀ ଜୀବନର ଅସହାୟତାକୁ ନେଇ ଗାଳ୍ପିକ ରଚନା କରିଛନ୍ତି 'କୁମାରୀ ଲତିକା ମିଶ୍ର' ଗଳ୍ପ । ମଣିଷର ଦେବତ୍ୱ ପ୍ରବୃତ୍ତି ମଣିଷକୁ ଯେତେ ପ୍ରଭାବିତ କରେ ତା ଠାରୁ ଅଧିକ ଭାରାକ୍ରାନ୍ତ କରିଦିଏ । ଏହି କ୍ରମରେ ଏକ ପ୍ରଭାବଶାଳୀ ପୁରୁଷର ବିଶାଳ ଛାୟାରେ ଉଠେଇ ପାରୁନଥିବା ଏକ ନାରୀର କାହାଣୀ ହେଉଛି 'ପୁରୁଷାୟିତ' ଗଳ୍ପ । ଏଥିରେ ଗାଳ୍ପିକ ନାରୀ ମଧ୍ୟରେ ରହିଥିବା ସ୍ୱାଧୀନତା କାମନା ଓ ତାହାର ଉଗ୍ରତାକୁ ପ୍ରତିଫଳିତ କରିଛନ୍ତି । ହଠାତ୍ ପାଇଥିବା ସ୍ୱାଧୀନତାର ଆନନ୍ଦ ନାରୀକୁ ଏତେ ପ୍ରମତ୍ତ କରିଛି ଯେ, ସେ ନିଜ ଭିତରେ ପୁରୁଷତ୍ୱକୁ ଅନୁଭବ କରିଛି । ମାତ୍ର ଏହା ପୁରୁଷର ଗୁଣ ସହିତ ଯେତେ ସଂପୃକ୍ତ ନୁହେଁ ତାର ସ୍ୱାଧୀନତା ସହିତ ସେତିକି ସଂପୃକ୍ତ । ଏହାକୁ ମନସ୍ତତ୍ତ୍ୱ ଦିଗରୁ Gender Dysphoria (୩) ବିକୃତି ମଧ୍ୟ କୁହାଯାଏ । ସାଧାରଣତଃ ଉକ୍ତ ଗଳ୍ପରେ ପ୍ରଦତ୍ତ ପୁରୁଷତ୍ୱକୁ ଦୁଇଟି ଦିଗରୁ ବିଚାର କରାଯାଇପାରେ । ପ୍ରଥମତଃ ଲିଙ୍ଗ ଭିତ୍ତିରେ ପୁରୁଷ ସମାଜ ଲାଭ କରୁଥିବା ସ୍ୱାଧୀନତାକୁ କେନ୍ଦ୍ରକରି ନାରୀ ସ୍ୱାଧୀନତା କାମନା । ଦ୍ୱିତୀୟତଃ ଏହା ହେଉଛି ଏକ ମୁକ୍ତତା ବା ଅନ୍ୟଭାବେ କହିଲେ ଦାୟିତ୍ୱହୀନତା ତୁଲ୍ୟ ସ୍ୱାଧୀନତା ଅଥବା କେଉଁଠି ବାନ୍ଧି ନ ହୋଇ ନିଜେ ନିଜକୁ ସଂପୂର୍ଣ୍ଣ ଭାବେ ଉପଭୋଗ କରିବା ଜନିତ ଚେତନା । "ତୁମେ ମୋତେ ଯାହା ଦେବାର ଦେଇଯାଇଛ- ତମେ ମତେ ପୁରୁଷକୁ ଚିହ୍ନାଇ ଦେଇଛ- ତୁମେ ମତେ ପୌରୁଷକୁ ଦେଖାଇ

ଦେଇଛ- ମୋ ଭିତରେ ବର୍ତ୍ତମାନ ସେହି ପୌରୁଷଇ ଜାଗି ଉଠିଛି । ଏଣିକି ମୁଁ ସେହି ପୌରୁଷକୁ ସ୍ୱାଧୀନ ଭାବେ ବିତରଣ କରିବି । xxx ମୋ ଆଗରେ ଆଉ କେହି ଠିଆ ହୁଅ ନାହିଁ । କେହି ଆଉ ମୋ ପଛରୁ ମତେ ଟାଣ ନାହିଁ । ମୋର ବର୍ତ୍ତମାନ ସବୁ ପ୍ରକାର ସ୍ମୃତି ଲୋପ ପାଇଲାଣି । ମୁଁ ନିଜେ ଅଖିଳ ସ୍ମୃତିର ମୂର୍ତ୍ତିମତୀ ରୂପ । ସେହି ଆନମନା ରାଗ ବିରାଗୀ ମୈଥୁନ ବିରକ୍ତ ଛାଗରୂପୀ ପୁରୁଷଟି ଲୁଚି ରହିଛି କି ମୋରି ଭିତରେ ? ତା ହେଲେ- ସେତିକି ମୁଁ ବୁଝିପାରିଲେ – ମୋର ଆଉ ଚିନ୍ତା କଣ ? ମୁଁ ଦମ୍ଭର ସହିତ ଘୋଷଣା କରିଦେବି- ହେ ଛାଗୀମାନେ । ତୁମ୍ଭେମାନେ ସେଇ ଯୋଉ ପରିତ୍ୟାଗୀ ଆନମନା ଛାଗଟିକୁ ରମଣ ଲାଗି ଖୋଜୁଅଛ-

ସେ ହେଉଛି ମୁଁ ! ମୁଁ ସେହି ଛାଗ । ମୁଁ ହିଁ ସେହି ପୁରୁଷ । ଆସ ଆସ- ମତେଇ ସମସ୍ତେ ଭଜନା କର । ମୁଁ ତୁମ୍ଭମାନଙ୍କ ଉପରେ ଆରୂଢ଼ ହୋଇ ତୁମମାନଙ୍କୁ ରମଣ କରି ତୃପ୍ତି ଦେବି ଓ ତୃପ୍ତ ଦେବି ।” (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୫୬୩-୫୬୪) ମୋଟ୍ ଉପରେ କହିବାକୁ ଗଲେ ପୁରୁଷ ପ୍ରଧାନ ସମାଜର ଗ୍ରହଣ ଯୋଗ୍ୟତାକୁ ଲକ୍ଷରେ ରଖି ଗାଳ୍ପିକ ଏଥିରେ ଏକ ନାରୀ ଭିତରେ ଲୁଚି ରହିଥିବା ଶୃଙ୍ଗାର ଜନିତ ମୃତବୃତ୍ତି ବା ଅନ୍ୟ ଭାବେ କହିଲେ Aggrassion କୁ ପ୍ରତିଫଳିତ କରିବା ପାଇଁ ପୁରୁଷତ୍ୱର ସାହାଯ୍ୟ ନେଇଛନ୍ତି । ନଚେତ୍ ଏହିଭଳି ଇଚ୍ଛାକୁ ନାରୀତ୍ୱ ମଧ୍ୟ ଦେଇ ବି ପ୍ରତିଫଳିତ କରାଯାଇ ପାରିଥାଆନ୍ତା । ଫ୍ରଏଡ ମଧ୍ୟ ନାରୀଙ୍କୁ କେନ୍ଦ୍ରକରି ମତ ପ୍ରକାଶ କରିଥିଲେ ଯେ ନାରୀମାନଙ୍କ ମଧ୍ୟରେ ପୁରୁଷର ଯୌନାଙ୍ଗକୁ କେନ୍ଦ୍ରକରି ଈର୍ଷା ରହିଛି । ଯାହାକୁ ପରବର୍ତ୍ତୀ ସମୟରେ କ୍ୟାରେନ୍ ହର୍ନେ ତୀବ୍ର ବିରୋଧ କରିଥିଲେ । ହର୍ନେଙ୍କ ମତରେ ନାରୀ ଲିଙ୍ଗକୁ କେନ୍ଦ୍ରକରି ଈର୍ଷା କରି ନଥାଏ । ଲିଙ୍ଗ ଭିତ୍ତିରେ ମିଳୁଥିବା ଅଧିକାରକୁ କେନ୍ଦ୍ରକରି ଈର୍ଷା କରିଥାଏ । ତେଣୁ ଏହି ଦୃଷ୍ଟିକୋଣରୁ ବିଚାରକଲେ ଗାଳ୍ପିକ ଏଥିରେ ଫ୍ରଏଡ ଅପେକ୍ଷା ହର୍ନେଙ୍କୁ ବିଶେଷ ସମର୍ଥନ କରିଥିବା ମନେହୁଏ । ପାପ ଓ ପୁଣ୍ୟ ସବୁରି ଉର୍ଦ୍ଧ୍ୱରେ ରହିଛି ଏକମାତ୍ର ପ୍ରବୃତ୍ତି ତାହା ହେଉଛି ମଣିଷର ମୂଳ ପ୍ରବୃତ୍ତି । ହେଲେ ସମାଜ ଦୃଷ୍ଟିରେ ବସ୍ତୁ ରୂପେ ପ୍ରତୀତ ନାରୀ କ୍ଷେତ୍ରରେ ଏହା ଅଗ୍ରହଣୀୟ । ତେଣୁ ସଚ୍ଚିଦାନନ୍ଦଙ୍କର ‘ମଶାଣିର ଫୁଲ’ ଗଳ୍ପ ଠାରୁ ଆରମ୍ଭ କରି ଅନେକ ଗୁଡିଏ କୃତିରେ ସମାଜ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ନାରୀମାନଙ୍କୁ ନ୍ୟାୟ ଦେବା କାମନାରେ ଗାଳ୍ପିକ ରଚନା କରିଛନ୍ତି ‘ଚିତ୍ ଆକାଶର ତାରା’ ଗଳ୍ପ । ବିଶେଷକରି ଗାଳ୍ପିକ ଏଥିରେ ମଣିଷ ଗଢ଼ା ଏହି ସମାଜରେ ମଣିଷର ପ୍ରବୃତ୍ତି କିପରି ପାପଗର୍ଭ ଭାବେ ପ୍ରତୀତ ହେଉଛି ତାହାକୁ ସମାଲୋଚନା କରିବା ସହ । ସ୍ୱର୍ଗ ଓ ନର୍କକୁ ମଣିଷ ଦ୍ୱାରା ସୃଷ୍ଟି ନିଜକୁ ନିଜେ ବାନ୍ଧିରଖି କଷ୍ଟ ଦେବାର ଏକ ପ୍ରୟାସ ଭାବେ ଚିତ୍ରଣ କରିଛନ୍ତି । ଆଧୁନିକ ନାରୀ କ୍ଷେତ୍ରରେ ଚାକିରି ନା ପରିବାର କାହାର ଗୁରୁତ୍ୱ ଅଧିକା ହେବା ଉଚିତ୍ ଭଳି ପ୍ରଶ୍ନବାଚୀ ଦେଖିବାକୁ ମିଳେ ‘ଦୁଇ ଭର୍ତ୍ତୃକାର ବିଳାପ’ ଗଳ୍ପରେ । ଲୋକ କାହାଣୀ ଶୈଳୀରେ ରଚିତ ଗାଳ୍ପିକଙ୍କର ‘ଚାରିଡାହାଣୀ ଓ ବୋହୂଟିଏ’ ଗଳ୍ପରେ ଗାଳ୍ପିକ ଏକ ନାରୀ ଜୀବନର ଅସହାୟତା ଓ ଯନ୍ତ୍ରଣାକୁ ପ୍ରତିଫଳିତ କରିଛନ୍ତ ।

**ନିମ୍ନବର୍ଗୀୟ ସିଦ୍ଧାନ୍ତ (Subaltern Theory) :**

ନିମ୍ନବର୍ଗୀୟ ସିଦ୍ଧାନ୍ତ ବା Subaltern Theory ରେ ସାହିତ୍ୟର ପ୍ରଭାବରେ ଇତିହାସ ରଚନାର ଧାରା ଆସିଲା ଏବଂ ଏହାର ବହୁଳ ପ୍ରଭାବ ସାହିତ୍ୟ ଉପରେ ମଧ୍ୟ ପଡିଲା ।(୪) ଅର୍ଥାତ୍ ବୃତତ୍ତ ଅର୍ଥରେ କହିଲେ ପୂର୍ବେ ଯେଉଁ ସାହିତ୍ୟ ରଚନା ହୋଇଥିଲା ତାକୁ ପୁର୍ଣ୍ଣ ବିଚାର କରାଗଲା ବା ସାହିତ୍ୟକୁ ନିମ୍ନବର୍ଗ ଦୃଷ୍ଟିରୁ ପାଠ କରାଗଲା । Re read the text but marginalized perspective ଅର୍ଥାତ୍ ଜାକ୍ ଡେରିଡାଙ୍କର ବିଘଟନ ବାଦ ତୁଲ୍ୟ ଏଠି ଦେଖିବାର ଦୃଷ୍ଟିଭଙ୍ଗୀ ବଦଳିଲା । କାରଣ ପୂର୍ବେ ମାର୍ଜିନ୍‌ର କଥା କୁହାଯାଇଥିଲେ ବା ନିମ୍ନବର୍ଗକୁ ମୁଖ୍ୟ ଚରିତ୍ର ଭାବେ ଗ୍ରହଣ କରାଯାଉଥିଲେ ମଧ୍ୟ କେଉଁଠି ନା କେଉଁଠି ତାହା Centre ବା କେନ୍ଦ୍ରର ପ୍ରଭାବରେ ମଳିନ ପଡିଯାଉଥିଲା । ତା ଭିତରେ କିଛିଟା ଅଭାବବୋଧ ରହିଯାଇଥିଲା । ଯେଉଁ ଅଭାବକୁ ପୂରଣ କରିବାରେ ସହାୟକ ହେଲା ନିମ୍ନବର୍ଗୀୟ ସିଦ୍ଧାନ୍ତ । ଏହି ଦୃଷ୍ଟିକୋଣରୁ ଫକୀରମୋହନ ସେନାପତିଙ୍କର ଗଳ୍ପ ‘ପେଟେଣ୍ଟ ମେଡିସିନ୍’ ସଂପର୍କରେ ଆଲୋଚନା କରାଯାଇପାରେ । ଫକୀର ମୋହନ ସେନାପତି ପେଟେଣ୍ଟ ମେଡିସିନ୍‌ରେ ସାଧାରଣ ମଣିଷର କଥା କହିଥିଲେ । ହେଲେ ସେହି ସାଧାରଣ ମଣିଷ ଭିତରେ ଆହୁରି ସାଧାରଣ ମଣିଷର କଥା କହିଛନ୍ତି ମହାପାତ୍ର ନୀଳମଣି ସାହୁ ତାଙ୍କର ‘ମୁଁ ମକରା କହୁଛି ହଜୁରେ’ ଗଳ୍ପରେ । ଜମିଦାରର ଇତିହାସ ଭିତରେ ଅବହେଳିତ ଭୃତ୍ୟର ଇତିହାସକୁ ପୂର୍ଣ୍ଣଲିଖନ କରିବାର ଉଦ୍ୟମ ଦୃଷ୍ଟିରୁ ଏହା ଏକ ସଫଳ ନିମ୍ନବର୍ଗୀୟ ସିଦ୍ଧାନ୍ତ ଯୁକ୍ତ କୃତି । ଫକୀର ମୋହନଙ୍କର ପେଟେଣ୍ଟ ମେଡିସିନ୍ ଏବଂ ଉକ୍ତ କୃତି ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି ।

ତାହା ହେଉଛି ପେଟେଣ୍ଟ ମେଡିସିନ୍‌ରେ କେନ୍ଦ୍ର ବା Centre ଦୃଷ୍ଟିରୁ ପ୍ରାନ୍ତ ବା Margin କୁ ଆଲୋଚନା କରାଯାଇଥିବା ସ୍ଥଳେ ମୁଁ ମକରା କହୁଛି ହଜୁରେ ! ଗଳ୍ପରେ ପ୍ରାନ୍ତର ଦୃଷ୍ଟିରୁ ପାଠକୁ ପୂର୍ଣ୍ଣ

ପଠନ କରାଯାଇଛି (Re read the text but marginalized perspective) ତେଣୁ ମହାପାତ୍ର ନୀଳମଣି ସାହୁ ପେଟେଣ୍ଟ ମେଡିସିନ୍‌ର ଅବହେଳିତ ଚରିତ୍ର ମକରାକୁ ନ୍ୟାୟ ଦେବା ସହିତ ଅନେକ କ୍ଷେତ୍ରରେ ଏହି ଚରିତ୍ରର ମାନସିକତାକୁ ପ୍ରତି'ଳିତ କରିଛନ୍ତି ଯାହା ପେଟେଣ୍ଟ ମେଡିସିନ୍ ଗଳ୍ପରେ କେନ୍ଦ୍ରର ପ୍ରଭାବରେ ଅବଦମିତ ହୋଇ ରହିଯାଇଥିଲା । "କିନ୍ତୁ ସେ ଦିନ ସେ ଯେତେବେଳେ ମୋତେ ଚନ୍ଦ୍ରମଣି ବାବୁ ବୋଲି ଭାବି କାନ୍ଦି କାନ୍ଦି ମୋ ପାଦ, ପେଣ୍ଡା, ଜଙ୍ଘ, ପେଟ ଛାତି ଆଦିରେ ତାଙ୍କ ହାତ ବୁଲାଇ ଲାଗିଲେ ମୋ ଦେହ ଖାଲି ଥରିଲା । ମୋ ଭିତରେ କିଏ ଗୋଟାଏ ମତେ ସଅଁ ସଅଁ ହୋଇ କଣ ସବୁ କହି ଚାଲିଥାଏ- ମତେଇ ଚାଲିଥାଏ । ଭାରି ଖରାପ କଥା ହଜୁରେ ! ସେ କଥା ମତେ ଅନେଇ ମୋ ମୁହଁରେ ଧରିବାକୁ ଭୟ ନାଗୁଛି । ମଣିଷ ଭିତରେ କଣ ଉଣା ଜନ୍ତୁଜାନ୍ତାମାନେ ଅଛନ୍ତି ହଜୁର ? ବାଘ, ଭାଲୁ, ସାପ, କୁମ୍ଭୀରଙ୍କ ଠଉଁ ଆହୁରି ମାରେଣା ଆଜ୍ଞା । ଆମ ମନ ଗୋଟାଏ ଅରଣ୍ୟ ଆଜ୍ଞା ! ତା ଭିତରେ କୋଉ ମାରେଣା ପ୍ରାଣୀ ଲୁଚି ବସିଛି ସେ କଥା ତେମେ ଆପଣ ଆମେ କୋଉଠୁ ଜାଣିପାରିବା ? ତା ବେଳ ପଡିଲେ- ସେ ବାହାରିପଡି ତୁମ୍ଭଙ୍କୁ ମାଡିକି ଧରି ବସିବେ । ତୁମେ ଆପଣ ତା କବଳରେ ଥାଇ ଥାଉ କାହାକୁ ମାଡି ବସିବ । ଆଜ୍ଞା, ଧର୍ମାଧର୍ମ କୁଆଡେ ହଟିଯିବ ।" (ଗଳ୍ପ ସମଗ୍ର- ଦ୍ୱିତୀୟ ଭାଗ- ପୃ- ୭୯୬- ୭୯୭) ଏହା ବ୍ୟତୀତ ଗାଳ୍ପିକ ମାର୍ଜିନ୍ ଚରିତ୍ର ସୁଲୋଚନା ଦେବୀଙ୍କର ମାନସିକତାକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି ଯାହା ପେଟେଣ୍ଟ ମେଡିସିନ୍ ଗଳ୍ପରେ କେନ୍ଦ୍ର ତୁଲ୍ୟ ଚନ୍ଦ୍ରମଣୀ ବାବୁଙ୍କର ପ୍ରଭାବରେ ମଳିନ ପଡିଯାଇଥିଲା । ବିଶେଷ କରି ଗାଳ୍ପିକ ସୁଲୋଚନା ଦେବୀଙ୍କର ମୃତ୍ୟୁ ପୂର୍ବର ମାନସିକ ଅବସ୍ଥାକୁ ବେଶ୍ ସିଦ୍ଧ ହସ୍ତତାର ସହ ପ୍ରତିଫଳିତ କରିଛନ୍ତି । ଏହା ବ୍ୟତୀତ ଇତିହାସ ଦ୍ୱାରା ଅବହେଳିତ ଏପରିକି ଇତିହାସ ପୃଷ୍ଠାରେ ଖଳନାୟକ ଭୂମିକାରେ ଅବତୀର୍ଣ୍ଣ 'ଘନ ଭଞ୍ଜ'ଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଗାଳ୍ପିକ ଶ୍ରୀଯୁକ୍ତ ସାହୁ ରଚନା କରିଛନ୍ତି 'ସିଦ୍ଧ ଗୁମ୍ଫାର ସମ୍ରାଟ' ଗଳ୍ପ । ଏଠି ଏକ ପ୍ରଶ୍ନ ମନ ଭିତରେ ଆସିପାରେ ଯେ, ଜଣେ ରାଜାଙ୍କୁ ନିମ୍ନବର୍ଗୀୟ ସିଦ୍ଧାନ୍ତରେ କିପରି ଆଲୋଚନା କରାଯାଇ ପାରିବ ? ବୃହତ୍ତ ଅର୍ଥରେ ନିମ୍ନବର୍ଗୀୟ ସିଦ୍ଧାନ୍ତ କୌଣସି ଗୋଟିଏ ଶ୍ରେଣୀକୁ କେନ୍ଦ୍ରକରି ଦଣ୍ଡାୟମାନ ନୁହେଁ । ଏଥିରେ ସେହି ପ୍ରତ୍ୟେକଟି ମଣିଷକୁ ଅନ୍ତର୍ଭୁକ୍ତ କରାଯାଇପାରେ ଯାହାର ସ୍ୱରକୁ ଦମନ କରାଯାଇଛି ଅଥବା ଯିଏ ଇତିହାସ ଦ୍ୱାରା ଅବହେଳିତ ହୋଇଛି । ଏଥିରେ ଗାଳ୍ପିକ ପାଠର ପୁର୍ନପଠନ ଓ ସତ୍ୟ ଗଠନ ପ୍ରସଙ୍ଗକୁ ଇଙ୍ଗିତ କରିଛନ୍ତି । ଯେଉଁ ପ୍ରସଙ୍ଗ ଗାୟତ୍ରୀ ଚକ୍ରବର୍ତ୍ତୀ ତାଙ୍କର 'Can the Subaltern Speak ?' ପ୍ରବନ୍ଧର ସତ୍ୟ ନିର୍ମାଣ (Truth Construction)(୫)ପର୍ଯ୍ୟାୟରେ ଆଲୋଚନା କରିଛନ୍ତି । ଏଥିରେ ପ୍ରାବନ୍ଧିକା ବାସ୍ତବରେ ସତ୍ୟର ନିର୍ମାଣ କିପରି ହୋଇଥାଏ ଜାଣିବା ପାଇଁ ବିଘଟନ ବାଦର ବ୍ୟବହାର କରିବା ଭଳି ଗାଳ୍ପିକ ଶ୍ରୀଯୁକ୍ତ ସାହୁ ମଧ୍ୟ ସତ୍ୟକୁ ଭାଙ୍ଗି ପ୍ରକୃତ ସତ୍ୟକୁ ଉଦ୍ଧାର କରିବାକୁ ଉଦ୍ୟମ କରିଛନ୍ତି । ଏତଦ୍ ବ୍ୟତୀତ ବଳିଷ୍ଠ ନେତୃତ୍ୱର ପଞ୍ଝାତଳେ ଅବହେଳିତ ସମୁଦାୟର ଅସହାୟତା ବା ନେତୃତ୍ୱ କିପରି ସମୁଦାୟକୁ ଶୋଷଣ କରିଥାଏ ତାହାର ଚିତ୍ରଣ ଦେଖିବାକୁ ମିଳେ 'ମର୍କଟର ଆତ୍ମକାହାଣୀ' ଗଳ୍ପରେ । ରାମାୟଣର କାହାଣୀ ଏବଂ ସେଥିରେ ଅସଂଖ୍ୟ ମର୍କଟ ମାନଙ୍କର ବଳିଦାନ ସଂପର୍କିତ ମିଥ୍ ପ୍ରସଙ୍ଗକୁ ଆଧାର କରି ଗାଳ୍ପିକ ଦଳ ଭିତରେ ଅବହେଳିତ ବ୍ୟକ୍ତି ରୂପୀ ନିମ୍ନବର୍ଗର ସ୍ୱରକୁ ପ୍ରତିଫଳିତ କରିଛନ୍ତି । ଯାହାକୁ ସାଧାରଣତଃ କେନ୍ଦ୍ରର ପ୍ରଭାବରେ ଦମନ କରିଦିଆ ଯାଇଥାଏ । "ସେହି ଅଗ୍ରବାଗ ଆଉ କେତେଦୂର ? ମୋର ପରିଶ୍ରାନ୍ତି ଯେତିକି ବଢୁଛି, ସ୍ପୃହା ମଧ୍ୟ ସେତିକି ବଢୁଛି । ସଂଶୟ ଯେତିକି ବଢୁଛି- ପ୍ରତ୍ୟୟ ମଧ୍ୟ ବଢୁଛି ତତୋଧିକ ଆଉ କିଛି ଉପାୟ ନାହିଁ । ମୁଁ ମୋ ମୁଣ୍ଡରୁ ଏ ପଥର ଆଉ ଖସାଇ ପାରିବି ନାହିଁ, ଏ ପଥର ମୋର ମୁଣ୍ଡରେ ଲାଖିଗଲାଣି ।

ମୋର ହାତ ମଧ୍ୟ ମୋର ମୁଣ୍ଡରେ ଲାଖି ଗଲାଣି । ମୋର କ୍ଷୁଦ୍ର ଲାଙ୍ଗୁଳଟି ଭୂଇଁରେ ଘୋଷାଡି ହୋଇ ଛିଡି ଗଲାଣି... ମୁଁ ହୁଏତ ଆଉ କିଛି ପଥ ଅଗ୍ରସର ହେଲାପରେ ଏହି ପଥରଟି ଧରି ଏହି ବାଟରେ ଟଳି ପଡିବି । ଆଉ ମୋର ଶବ ଉପରେ ମହୋଲ୍ଲାସରେ ମହୋତ୍ସାହରେ ପାହାଡଖଣ୍ଡ ମାନଙ୍କୁ ଧରି ଧାଇଁ ଆସୁଥିବା ବାନର ପୁଙ୍ଗବମାନେ ବଢି ଚାଲିଯିବେ । ମୁଁ ଓ ମୋର କ୍ଷୁଦ୍ର ଟୋଳାଟି ସେମାନଙ୍କ ପାଦ ଚାପରେ ଏଇଠି ପେଷି ହୋଇ ମାଟିରେ କର୍ଦ୍ଦମ ରୂପେ ମିଶିଯିବୁ ।" (ଗଳ୍ପ ସମଗ୍ର- ଦ୍ୱିତୀୟ ଭାଗ- ପୃ- ୬୧୬- ୬୧୭) ଏଠି ପ୍ରକୃତରେ ଗାଳ୍ପିକ ରାମାୟଣର କାହାଣୀ ଓ ମାଙ୍କଡର ପ୍ରତୀକ ମାଧ୍ୟମରେ ସଂପ୍ରତି ବିଭିନ୍ନ ଦଳ ଓ ଆଦର୍ଶ ଭିତରେ ବ୍ୟକ୍ତି କିପରି ଅତ୍ୟନ୍ତ ଅବହେଳିତ ତାହାକୁ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି ।

**ମନସ୍ତତ୍ତ୍ୱ :**

ମହାପାତ୍ର ନୀଳମଣି ସାହୁଙ୍କର ଗଳ୍ପଗୁଡିକରେ ଉଭୟ ମନସ୍ତତ୍ତ୍ୱ ଓ ଉତ୍ତର ମନସ୍ତାତ୍ତ୍ୱିକ ଚିନ୍ତନର ପ୍ରତିଫଳନ ଘଟିଥିଲେ

ହେଁ, ବିଶେଷ କରି ଫ୍ରଏଡୀୟ ମନସ୍ତତ୍ତ୍ୱର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ ତାଙ୍କ କୃତିରେ ।

ବାହାରକୁ ହସୁଥିବା ମଣିଷ ଭିତରର ଅକଥନୀୟ ପୀଡା ବା ଅନ୍ୟ ଭାବେ କହିଲେ ଅନ୍ତରର ଯନ୍ତ୍ରଣାକୁ ଲୁଚେଇବା ପାଇଁ ହସ ହିଁ ମହୋଷଧି ଭଳି ଚିନ୍ତନର ପ୍ରତିଫଳନ ଘଟିଛି 'ସୁମିତ୍ରାର ହସ' ଗଳ୍ପରେ । ମନସ୍ତାତ୍ତ୍ୱିକ ଦିଗରୁ ବିଚାର କଲେ ଗାଳ୍ପିକ ଏଥିରେ Persona Archetype (ବ୍ୟକ୍ତିତ୍ୱ ଆଦିରୂପ) ମାଧ୍ୟମରେ ଏକ ନାରୀ ଭିତରର ଯନ୍ତ୍ରଣାକୁ ପ୍ରତିଫଳିତ କରିଛନ୍ତି । "ତାର ମୁଣ୍ଡ ବିଗିଡି ଗଲା ଥିଏଟର ପେଣ୍ଡାଲ ଉପରେ ଏକ ଉନ୍ମାଦିନୀ ନାୟିକାର ଆବେଗତପ୍ତ ପ୍ରଗଲ୍‌ଭ ବଚନିକା ଭଳି ସେ ହାତ ହଲାଇ ବକ୍ତୃତା ଆରମ୍ଭ କରିଦେଲା- ଆରେ ଯାଃ- ଏଇଲାଗି ତୁମେ ସବୁ ମରିଯିବ ଭାବୁଛ ? ଆଲୋ ଭାରତୀ ଚାଲିଗଲା ବୋଲି ତା ପଛେ ପଛେ ଏ ମେସ୍‌ରୁ ହସ ଗୋଡାଇ ଯିବ ନାହିଁ । ଯାଉ ସେ କେଉଁ ଗାତ ଚୁଲିକୁ ଯାଇଛି, ଯାଉ । ତୁମେ ସବୁ ଚାଲ- ଚାଲ- ଫେରି ଚାଲ ମେସ୍‌କୁ । ମୁଁ କେମିତି ଆଜି ଠାରୁ ତୁମକୁ ହସାଉଛି ! ଚାଲ- ଚାଲ ବେଇଗି ଚାଲ । ହସ ଲାଗି ମରିଯିବ କାଇଁକି ଲୋ ? ଚାଲ- ଚାଲ- ମେସ୍‌କୁ ଚାଲ- ଆଜି ରାତିରେଇ ମୁଁ ତୁମ ମାନଙ୍କୁ ଖୁବ୍ ଗୋଟିଏ ମଜାଦାର କଥା କହିବି । ହସି ହସି ଲୋଟିଯିବ ଲୋ... ହସି ହସି କାନ୍ଦି ଉଠିବ- ଭାରି ମଜାର କଥା-ହିଁ ହିଁ ହିଁ ହିଁହି ହି ହି ହି...ସୁମିତ୍ରା ଉନ୍ମାଦିନୀ ଭଳି ହସି ଉଠିଲା ଉଚ୍ଚ କଣ୍ଠରେ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ ୨୩) ଉକ୍ତ କୃତିରେ ସୁମିତ୍ରା ନିଜ ଭିତରର ଅସହାୟତା ଓ ଅକଥନୀୟ ଯନ୍ତ୍ରଣାର ବୀପରୀତ ବ୍ୟବହାର କରିବା ଦୃଷ୍ଟିରୁ ଉକ୍ତ କୃତିକୁ ମନସ୍ତତ୍ତ୍ୱବିତ୍ ଫ୍ରଏଡଙ୍କର Psychodynamic Theory Reaction Formation: Reacting in the Opposite (ଭାବନାର ବିପରୀତ ବ୍ୟବହାର କରିବା) (୬) ଦୃଷ୍ଟିକୋଣରୁ ମଧ୍ୟ ବିଚାର କରାଯାଇପାରେ । ସ୍ୱର୍ଗ, ନର୍କ, ନୀତି ଓ ଅନୀତି ଏସବୁ ମଣିଷର ମାନସିକ ଚିନ୍ତନ । ମଣିଷ ଜାତିର ସୃଷ୍ଟି ସହିତ ତା ଭିତରେ ଜନ୍ମ ନେଇଥିବା ଇଦ୍ ବା ତାର ମୂଳ ପ୍ରବୃତ୍ତି ହେଉଛି ତାର ଶ୍ରେଷ୍ଠ ପ୍ରବୃତ୍ତି ଭଳି ଚିନ୍ତାଧାରାର ପ୍ରତିଫଳନ ଘଟିଛି 'ନଦୀ ଓ ନାରୀ' ଗଳ୍ପରେ । ଏହିପରି ଜୀବନର ପ୍ରକୃତ ରଙ୍ଗ ନିଜକୁ ଅଥବା ନିଜର ଆବଶ୍ୟକତାକୁ ବା ଅନ୍ୟ ଭାବେ କହିଲେ ନିଜତ୍ୱ ତୁଲ୍ୟ ନିଜର ଆଦିମତାକୁ ସ୍ୱୀକାର କରିବାରେ ରହିଛି ଭଳି ଦାର୍ଶନିକତାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଅସ୍ତ ସୂର୍ଯ୍ୟର ରଙ୍ଗ' ଗଳ୍ପରେ । ପ୍ରକୃତରେ ସୂର୍ଯ୍ୟାସ୍ତ ପୂର୍ବର ଆଭା ହେଉଛି ଜୀବନର ଅନ୍ତ ପୂର୍ବରୁ ଏହାକୁ ସ୍ୱୀକାର କରିବା । ନଚେତ୍ ରାତ୍ରିର ଅନ୍ଧକାରରେ ଏକ ଦୁର୍ଲଭ ଜୀବନଟି ଯେ କେତେବେଳେ ହଜିଯିବ ତାକୁ ଖୋଜିପାଇବା ଅସମ୍ଭବ ଭଳି ଚିନ୍ତନ ଉକ୍ତ କୃତିକୁ ଶ୍ରେଷ୍ଠ କରି ଗଢି ତୋଳିଛି । ଭିଡ ଭିତରେ ରହି ବି ପ୍ରତ୍ୟେକଟି ମଣିଷ ଆଜି ନିହାତି ଏକା । କାରଣ ସଭ୍ୟତା ଓ ମଣିଷର ଅଗ୍ରଗତି ସହିତ ଅଗ୍ରଗତି ଘଟିଛି ଅବଚେତନ ମନର । ଅବଶ୍ୟ ଏହାର ସୃଷ୍ଟି ମଣିଷ ଜାତିର ଆର୍ବିଭାବ ସହିତ ହୋଇଛି । ମାତ୍ର ବଣ ମଣିଷ ପାଖରେ ଏହା ସେତେ ଗଭୀର ନଥିଲା ଯାହା ଆଧୁନିକ ମଣିଷ ପାଖରେ ହୋଇଛି । ଏହିଭଳି ଏକ ଚିନ୍ତାଧାରରା ପ୍ରତିଫଳନ ଘଟିଛି 'ଦୁଇ ଶୂନେ ଶୂନ' ଗଳ୍ପରେ । ଏତଦ୍ ବ୍ୟତୀତ ଗାଳ୍ପିକ ଏଥିରେ ଅବଚେତନ ମନ ଯେତେବେଳେ ଚେତନ ସ୍ତରକୁ ଆସିବ ସେତେବେଳେ ହିଁ ଏହି ଜାତିର କଲ୍ୟାଣ ସାଧନ ହୋଇପାରିବ ଭଳି ବାର୍ତ୍ତା ମଧ୍ୟ ପ୍ରଦାନ କରିଛନ୍ତି । ମଣିଷ ଭିତରର ଅନେକ ପ୍ରବୃତ୍ତି ଗୁଡିକୁ ପରୀକ୍ଷା କରିବା ସହ ମୃତବୃତ୍ତି ଯେ ମଣିଷର ମୂଳ ପ୍ରବୃତ୍ତି ତାହାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଶବଯାତ୍ରାର ଶେଷଦୃଶ୍ୟ' ଗଳ୍ପରେ । ମାତ୍ର ଏହି ସବୁ ସତ୍ତ୍ୱେ ବି ମୃତ୍ୟୁମୟ ଏହି ସଂସାରରେ ଗାଳ୍ପିକ ଜୀବନର ଜୟଗାନ କରିଛନ୍ତି । ମୃତ୍ୟୁ ନୁହେଁ ପ୍ରକୃତରେ ଜୀବନ ହିଁ ଚରମ ସତ୍ୟ । ପୃଥିବୀକୁ ମୃତ୍ୟୁମୟ ମନେ କରୁଥିବା ପାଶ୍ଚାତ୍ୟ ଦାର୍ଶନିକ ମାନଙ୍କ ପ୍ରତି ଉକ୍ତ କୃତିଟି ଯେ ଏକ ଆକ୍ଷେପୋକ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅତିରିକ୍ତ ଖିଆଲୀ ପ୍ରବୃତ୍ତି ଯାହାକୁ ମନସ୍ତତ୍ତ୍ୱରେ Generalized Anxiety Disorder (GAD) କୁହାଯାଏ । ଏହାର ପ୍ରଭାବ ଓ ପରିଣାମକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ମୀନକେତନ ବାବୁ ଓ ଜଳବାୟୁ' ଗଳ୍ପରେ । ବ୍ୟଙ୍ଗାତ୍ମକ ଶୈଳୀରେ ରଚିତ ଗାଳ୍ପିକଙ୍କର 'ମିସେସ୍ ଚକ୍ରବର୍ତ୍ତୀ' ଏକ ଭିନ୍ନ ସ୍ୱାଦର ସୃଷ୍ଟି ।

ଏଥିରେ ଗାଳ୍ପିକ ନାରୀକୁ କେନ୍ଦ୍ରକରି ପୁରୁଷର ଦୃଷ୍ଟିଭଙ୍ଗୀ ଓ ପ୍ରବୃତ୍ତିକୁ ବ୍ୟଙ୍ଗ କରିଛନ୍ତି । ଏତଦ୍ ବ୍ୟତୀତ ଉକ୍ତ କୃତିରେ ଗାଳ୍ପିକ କିଛି ମାତ୍ରାରେ ମଣିଷ ଭିତରେ ଥିବା ମୃତବୃତ୍ତିର ସୂଚନା ଦେଇଥିବା ମନେହୁଏ । ସମୟ ମଣିଷକୁ ପରିବର୍ତ୍ତନ କରି ଦିଏ । ବାହ୍ୟ ଭାବେ ମଣିଷ ଏହାକୁ ଗ୍ରହଣ କଲେ ମଧ୍ୟ, ଅର୍ନ୍ତନିହିତ ଚେତନାରେ ସେ କିନ୍ତୁ ସେହି ମଣିଷ ଭିତରେ ଲୁଚି ବସିଥିବା ପୁରୁଣା ମଣିଷଟିକୁ ଖୋଜୁଥାଏ । ଏହିଭଳି ଏକ ଚିନ୍ତାଧାରାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ସୁଚରିତାସୁ' ଗଳ୍ପରେ । ମଣିଷର ଅବଚେତନ ମନ ଭିତରେ ଅବଦମିତ ଅନେକ ଆଶା ଓ ଆକାଂକ୍ଷା ଯାହାର ଫଳ ସ୍ୱରୂପ ସୃଷ୍ଟି ସ୍ୱପ୍ନ । ଯାହାକୁ ମନସ୍ତତ୍ତ୍ୱବିତ୍ ସିଗମଣ୍ଡ ଫ୍ରଏଡ ନାମ ଦେଇଥିଲେ 'Interpretation of Dreams' ଏହାକୁ ନେଇ

ସଂପ୍ରତି ଚାଲିଥିବା ଅନେକ ଗବେଷଣା ବା ଅବଚେତନ ମନର ଗଭୀରତାକୁ ଉନ୍ମୋଚିତ କରିବା ବା ମାପିବା ପାଇଁ ଚାଲିଥିବା ଅନୁସନ୍ଧାନ ଯେ ପ୍ରକୃତରେ କେତେ ସଫଳ ତା ପ୍ରତି ପ୍ରଶ୍ନବାଚୀ ଦେଖିବାକୁ ମିଳେ 'ଧରିତ୍ରୀର ସ୍ୱପ୍ନ' ଗଳ୍ପରେ । ଏତଦ୍ ବ୍ୟତୀତ ବହୁ ଆଲୋଚକ ମାନଙ୍କ ଭଳି ଗାଳ୍ପିକ ମଧ୍ୟ ଏଥିରେ ଫ୍ରଏଡଙ୍କର Psycho sexual development of human body.(୭) ତତ୍ତ୍ୱ । ଅର୍ଥାତ୍ ମଣିଷର ବିକାଶକୁ ଯୌନତା ମଧ୍ୟଦେଇ ବୁଝିବା ପ୍ରସଙ୍ଗକୁ ବିରୋଧ କରିଥିବା ମନେହୁଏ । ବିଶେଷ କରି ଏହି ବିକାଶର ତୃତୀୟ ପର୍ଯ୍ୟାୟ ଯାହା ସାଧାରଣତଃ ତିନିରୁ ଛଅ ବର୍ଷ ପର୍ଯ୍ୟନ୍ତ ରହିଥାଏ ଏବଂ ଯାହାକୁ Phalic Stage କୁହାଯାଏ । ଯେଉଁଥିରେ ଫ୍ରଏଡ ଶିଶୁକୁ ମାତାପିତା ସହ ଯୌନତା ଦୃଷ୍ଟିରୁ ସଂପୃକ୍ତ କରି Oedipus Complex ଏବଂ Electra Complex ର ମତ ପ୍ରଦାନ କରିଥିଲେ ତାହାକୁ ଗାଳ୍ପିକ ଏଥିରେ ବିରୋଧ କରିଛନ୍ତି । "ଛିଃ- ଖୁବ୍ ଲଜ୍ଜାର କଥା । ସୁରମା ଦିଦିକୁ ଯେ କୌଣସି ସ୍ୱପ୍ନ ଦିଅ । ସେ ତାକୁ ଠିକ୍ ଏଇ ରୀତିରେ ବିଶ୍ଳେଷଣ କରି ଥୋଇଦେବ । ଥରେ ମାଧବୀ ମିଶ୍ର ସ୍ୱପ୍ନ ଦେଖିଲା ଯେ, ତାର ମାଆ ମରି ଯାଇଛି । ସୁରମା ଦିଦି କହିଲା- ମାଧବୀର ତା ବାପାଙ୍କ ପ୍ରତି ବାଲ୍ୟକାଳରୁ ଯେଉଁ ଯୌନାନୁରାଗ ଥିଲା- ତାହାହିଁ ତାର ମାଆଙ୍କ ପ୍ରତି ଈର୍ଷାର କାରଣ ହୋଇପଡିଲା । ଫଳରେ ସ୍ୱପ୍ନରେ ମାଆର ମୃତ୍ୟୁ ଦେଖିବା ମାନେ- ମାଧବୀର ଅବଚେତନ ମନରେ ଗୋଟିଏ ସଂଗୁପ୍ତ ଇଚ୍ଛା ରହିଛି ଯେ ମାଆର ମୃତ୍ୟୁ ହେଉ । xxx ହଁ- ଏଗୁଡିକ କେବଳ ଏଣୁ ତେଣୁ ସ୍ୱପ୍ନ ମାତ୍ର । ଏ ସବୁର କିଛି ମାନେ ହୁଏନା । ଅବଦମନ 'ବଦମନ ସବୁ ମିଛ । ସୁରମା ଦିଦି ଛେନାଟି ଜାଣେ । ହେଡ୍ ମିଷ୍ଟ୍ରେସ୍ଙ୍କ କହିଲା ଭଳି- ତାର ଏବେ କୋଉ ସୁସ୍ଥ ମନଟେ ଯେ ! ଅବଚେତନ ବି ଯଦି ଅଛି ତା ଥାଉ, ତା କାମ ସେ କରୁ । ତାକୁ ଏତେ ଘଣ୍ଟା ଚକଟା କରିବାରେ ବା ଲାଭ କ'ଣ ?" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୬୯୩-୬୯୪) ଏହି ଦୃଷ୍ଟିକୋଣରୁ ଗାଳ୍ପିକଙ୍କର 'ଅପରାଧୀ' ମଧ୍ୟ ଏକ ଉଚ୍ଚକୋଟୀର ସୃଷ୍ଟି । ଉକ୍ତ କୃତିର ପ୍ରାରମ୍ଭରେ ପୁରୁଷ ମନରେ ନାରୀ ପ୍ରତି ଘୃଣା (Misogynist) ଭଳି ପ୍ରସଙ୍ଗକୁ ସଙ୍କେତ କରୁଥିବା ମନେହେଲେ ହେଁ, ପ୍ରକୃତରେ ଗାଳ୍ପିକ ଏଥିରେ ମନସ୍ତତ୍ତ୍ୱର ଆହୁରି ଗଭୀରତାକୁ ପ୍ରବେଶ କରିବାକୁ ଉଦ୍ୟମ କରିଛନ୍ତି । ପ୍ରକୃତରେ ଏଥିରେ ଚରିତ୍ର ମନରେ ନାରୀ ପ୍ରତି ବିଦ୍ୱେଷ 'ମା'କୁ କେନ୍ଦ୍ରକରି ସୃଷ୍ଟି ହୋଇଛି । ପୂର୍ବେ ଆଲୋଚିତ ଗଳ୍ପରେ Electra Complex ଭଳି ଉକ୍ତ କୃତିରେ ଗାଳ୍ପିକ ପିତା ପ୍ରତି ଶିଶୁ ପୁତ୍ରର ଆକ୍ରୋଶ ବା Odipus Complex ପ୍ରସଙ୍ଗ ଓ ତାହାର ଏକ ବିସ୍ତାରିତ ପରିଣାମକୁ ଚିତ୍ରିତ କରିଛନ୍ତି । ମା ମନରେ ପିତା ପ୍ରତି ଯେଉଁ ପ୍ରେମ ଓ ସମ୍ମାନ ରହିଛି ତାର ଅଧିକାରୀ ହେବାକୁ ଚାହୁଁଥିବା ପୁତ୍ର ତାହା ନ ପାଇବା ଫଳରେ ନିଜ ଅଜାଣତରେ ସେ ଅନ୍ୟ ନାରୀମାନଙ୍କ ପାଖରେ ତାର ଦାବା କରିଛି । ଫଳରେ ଅନ୍ୟ ନାରୀଙ୍କ ନିକଟରେ ତାର ଶୃଙ୍ଗାର ପ୍ରେମର ଦାବା ନାରୀମାନଙ୍କୁ ବାତ୍ସଲ୍ୟ ପ୍ରେମର ଦାବା ମନେହୋଇଛି । "ଦିନେ ଦିନେ ଉତ୍‌କ୍ଷିପ୍ତ ହୋଇ ଉତ୍ତପ୍ତ ହୋଇ ଶୁଭଙ୍କରୀକୁ ଭିଡାଓଟରା କରେ । ମାତ୍ର ସେ ଯେମିତି ଭାବ ଦେଖାଏ- ସତେକି ଗୋଟାଏ ଚାରିବର୍ଷର ଅଝଟିଆ ଶିଶୁ ତାକୁ ଲଙ୍ଗଳା ମୁକୁଳା କରୁଛି, ତା କାନି ଧରି ଟାଣୁଛି ! ତାର ତ ମୋ ପ୍ରତି ଲଜ୍ଜା ନ ଥାଏ ! ପ୍ରଥମେ ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା- ମଝି ଆଡକୁ ଆସିଲା ବିରକ୍ତି । ଆଉ – ଆଉ ଶେଷ ଆଡକୁ କଣ ହେଲା ଜାଣନ୍ତି ? ମୋର ମୋ ଉପରେ ସନ୍ଦେହ ହେଲା- ମୁଁ କ'ଣ କେବଳ ଯଶୋଦା ନନ୍ଦନ କି ? ରାଧାବଲ୍ଲଭ ନୁହଁ? ଗୋପୀକା କାନ୍ତ ନୁହଁ ? ସବୁଠୁ ମୋର ବେଶି କ୍ଷତି କରିଛି ମା । ତା'ର ବାପାଙ୍କ ମୁହଁକୁ ସେମିତି ଚାହିଁବା ଆଉ ହସିବା- ମୋ ପକ୍ଷରେ ଏକ ଦୁଃସହ ସ୍ମୃତି । ସେ କେବଳ ବାପାଙ୍କୁ ଭଲ ପାଉଥିଲା– ବାପାଙ୍କୁ ସମ୍ମାନ କରୁଥିଲା । ମୋ ପ୍ରତି ତାର ସ୍ନେହ ଥିଲା ମାନୁଛି- ମାତ୍ର ସେ ସ୍ନେହରେ ତାର ମୋ ପ୍ରତି ସମ୍ମାନ ନଥିଲା । ସେ ମୋତେ ତାକୁ ପ୍ରେମ କରିବାକୁ ଦେଉନଥିଲା । କେବଳ ବାପା ହିଁ ଥିଲେ ତାର ପ୍ରେମିକ । ମୋର ସବୁ ଦୁର୍ଭୋଗ ସେହି ମା ଲାଗି ।" (ଗଳ୍ପ ସମଗ୍ର- ଦ୍ୱିତୀୟ ଭାଗ- ପୃ- ୫୧୨) ପ୍ରକୃତ ମନୁଷତ୍ୱକୁ ପ୍ରତିଫଳିତ କରିବାକୁ ଯାଇଁ, ଗାଳ୍ପିକ ମଣିଷର ମୂଳ ପ୍ରବୃତ୍ତି ଅପେକ୍ଷା ତା ଭିତରର ମାନବୀୟ ଗୁଣ ତୁଲ୍ୟ ବିବେକଶୀଳତାକୁ ଗୁରୁତ୍ୱ ଦେଇଛନ୍ତି 'ଲୀଳାନିଧି ବାବୁ ଓ ଗୋଟିଏ ନାରୀ' ଗଳ୍ପରେ । ବାହ୍ୟ ସ୍ୱରୂପ ମଧ୍ୟଦେଇ ମଣିଷର ଅନ୍ତର୍ନିହିତ ଚେତନାଟିକୁ ବୁଝିବା ବାସ୍ତବିକ ବଡ କଷ୍ଟ । ବିଶେଷକରି ନାରୀର ଅବଚେତନ ମନ ଓ ତା ମଧ୍ୟରେ ଅବଦମିତ ଅନେକ ଅପୂରଣୀୟ ଆଶା ଏବଂ ଏଥିପାଇଁ ଦାୟୀ ପରିସ୍ଥିତିକୁ ଗାଳ୍ପିକ ଚିତ୍ରଣ କରିଛନ୍ତି 'ଝରା ଶିଉଳୀର କାହାଣୀ' ଗଳ୍ପରେ । ରକ୍ତଗତ ସୂତ୍ରରେ ନିଜ ପୂର୍ବପୁରୁଷ ଠାରୁ ପାଇଥିବା ପୁରାଣ ଜ୍ଞାନ ପ୍ରତିଟି ଭାରତୀୟଙ୍କୁ ଏପରି ଶିକ୍ଷିତ କରିଛି ଯେ, ସେମାନେ ପ୍ରତ୍ୟେକଟି ସମସ୍ୟାକୁ ପୁରାଣର ଦୃଷ୍ଟାନ୍ତ ଦ୍ୱାରା ବୁଝିବାକୁ ସମର୍ଥ ହୋଇପାରନ୍ତି । ତେଣୁ ପ୍ରାଚୀନକୁ ନିନ୍ଦା କରିବା ସହ ଆଧୁନିକତାର ଦ୍ୱାହିଦେଇ ଗ୍ରାମ ଓ ସହର ଭେଦରେ ଭାରତୀୟଙ୍କୁ ଶିକ୍ଷିତ ଓ ଅଶିକ୍ଷିତ ଭାବେ ବାଣ୍ଟୁଥିବା ସୂତ୍ରଗୁଡିକୁ

ଗାଳ୍ପିକ ସମାଲୋଚନା କରିବା ସହ, ପ୍ରାଚୀନ ପରମ୍ପରାର ଜୟଗାନ କରିଛନ୍ତି 'ଭାରତ ମାତା ଜଗତିଆର- ହୁସିଆର ଭାଇ ହୁସିଆର' ଗଳ୍ପରେ । ଏତଦ୍ ବ୍ୟତୀତ ସ୍ୱାଧୀନତା ପାଇଁ ଲଢୁଥିବା ଭାରତର ପରାଧିନ ଅବସ୍ଥା ବିଶେଷ କରି ଗ୍ରାମର ସରଳ ଲୋକ ସ୍ୱାଧୀନତା ସଂଗ୍ରାମକୁ କୁରୁକ୍ଷେତ୍ର ଯୁଦ୍ଧ ମଧ୍ୟଦେଇ ବୁଝିବାର ଚମତ୍କାର ଦୃଷ୍ଟାନ୍ତ ଏଥିରେ ଦେଖିବାକୁ ମିଳେ । ଲୋକ କାହାଣୀ ଓ ଉପାଦାନକୁ ନେଇ ରଚିତ ଗାଳ୍ପିକଙ୍କର 'ହଇରେ ଫୁଲଗଛ ! କାହିଁକି ମଲୁ?' ଏକ ଭିନ୍ନ ସ୍ୱାଦର ସୃଷ୍ଟି । ବାଲ୍ୟ କାଳର ଚପଳାମୀ ବା ଇଦ୍ ପ୍ରବୃତ୍ତି ତୁଲ୍ୟ ତତ୍‌କାଳିକ ଆନନ୍ଦ ପାଇବାର ଅଭିଳାଷା ଓ ଉନ୍ମାଦନା ମଣିଷକୁ ଯେତେ ପୂର୍ଣ୍ଣ କରିଥାଏ । ପରିଣତ ବୟସର ବିବେକଶୀଳ ଇଗୋ ପ୍ରବୃତ୍ତି ମଧ୍ୟରେ ନିଜକୁ ବାନ୍ଧିରଖିବାର ପ୍ରୟାସ ମଣିଷକୁ ସେତେ ଶୂନ୍ୟ କରିଦିଏ । ଆତ୍ମ ବିଶ୍ଳେଷଣକୁ କେନ୍ଦ୍ରକରି ମଣିଷ ଭିତରେ ଲୁଚି ବସିଥିବା ଭିନ୍ନ ଏକ ପ୍ରବୃତ୍ତି । ଯାହାକୁ କିଛି ମାତ୍ରାରେ ଇଦ୍ ପ୍ରବୃତ୍ତି ସହିତ ତୁଳନା କରାଯାଇପାରେ । ତାହାର ବିଶ୍ଳେଷଣ ଦେଖିବାକୁ ମିଳେ 'ମମ ମାୟା ଦୂରତ୍ୟୟା...' ଗଳ୍ପରେ । ମଣିଷର ସୁପରଇଗୋ ପ୍ରବୃତ୍ତି ଭିତରେ ଲୁଚି ବସିଥିବା ଇଦ୍ ପ୍ରବୃତ୍ତି । ଅନ୍ୟ ଭାବେ କହିଲେ ଦେବତା ତୁଲ୍ୟ କାହାକୁ ସାହାଯ୍ୟ କରି ପାଉଥିବା ଆନନ୍ଦ ଭିତରେ ପ୍ରକୃତରେ ଲୁଚି ବସିଥାଏ ରାକ୍ଷାସ ତୁଲ୍ୟ ଅହଂକାର । ଏହିଭଳି ଗୁଢ ମନସ୍ତାତ୍ତ୍ୱିକ ଚିନ୍ତନକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଉପକାରୀ' ଗଳ୍ପରେ । ଏହିଭଳି ରହସ୍ୟର ଉଦ୍‌ଘାଟନ ସହିତ ଜନକଲ୍ୟାଣ ଓ ସମାଜର କଲ୍ୟାଣ ପାଇଁ ଏହିଭଳି ରାକ୍ଷାସଙ୍କୁ ସ୍ୱାଗତ ଜଣାଇଛନ୍ତି ଗାଳ୍ପିକ । ଗୋଟିଏ ଦିଗରେ ମଣିଷ ଭିତରେ ଲୁଚି ବସିଥିବା ଇଦ୍ ବା ଲୋଭ ଓ ହିଂସା ତୁଲ୍ୟ ରାକ୍ଷାସୀ ଅଥବା ପଶୁତ୍ୱ ପ୍ରବୃତ୍ତିର ଭୟଙ୍କରତା ଏବଂ ଅନ୍ୟ ଦିଗରେ ସେହି ମଣିଷ ଭିତରେ ସୃଷ୍ଟି ସୁପରଇଗୋ ତୁଲ୍ୟ ଦେବତ୍ୱ ପ୍ରବୃତ୍ତିର ସୂଚନା ଦେଖିବାକୁ ମିଳେ 'ଅନ୍ଧରାତିର ସୂର୍ଯ୍ୟ' ଗଳ୍ପରେ । "ମେଘାଦ୍ର ଧରଣୀର ବକ୍ଷ କମ୍ପିଉଠିଲା । ଆଉ ସାଙ୍ଗେ ସାଙ୍ଗେ ଏକ ଆଦିମ, ହିଂସ୍ର, ମାଂସଲୁବ୍ଧ ପ୍ରାଣୀ ବିନାଶକ, ପୈଶାଚିକ, ପାଶବିକ, ଲାଳସାର ଲହଲହ ଲୋଳ ଜିହ୍ୱାର କାମନାଗ୍ନି ଜଳିଉଠିଲା ମୃତ୍ୟୁଞ୍ଜୟ ବାବୁଙ୍କ ଦୁଇ ଆଖିରେ, ଯେଉଁ ଲାଳସା ଜଳିଉଠେ ଶିକାରୀ ଝିଟିପିଟିର ଆଖିରେ- ଶିକାରୀ ବାଘର ଦାନ୍ତ ଉପରେ- ଶିକାରୀ କୁମ୍ଭୀର ଲାଞ୍ଜ ଅଗ୍ରରେ । ସେଇ ଆଲୁଅରେ ତାଙ୍କୁ ଦେଖାଗଲା- ଅସଂଖ୍ୟ ମାଂସପିଣ୍ଡ ସାଲୁବାଲୁ – ଅନାୟାସ- ଲବ୍‌ଧ ଏଇ ସବୁ ମାଂସର କୁନ୍ଦ- ମାଂସର ଖଣ୍ଡ- ମାଂସ ମେଞ୍ଚା ମେଞ୍ଚା- ନାଲ୍ ନାଲ୍- ସ୍ନିଗ୍‌ଧ- କୋମଳ- ଉଷ୍ଣ ରକ୍ତଯୁକ୍ତ ମାଂସ । xxx ସେହି ଝଡ ତୋଫାନ କ୍ରାନ୍ତ ମେଞ୍ଚା ମେଞ୍ଚା ଦାଳିଆ ଅନ୍ଧାର ଭିତରେ ସେହି ପାଶବିକ ହିଂସ୍ରତାର ଲୋଭାତୁର ପ୍ରମତ୍ତ ଅନ୍ଧାର ଭିତରେ- ସେହି ଅସହାୟ ଅନ୍ଧମାଂସଳ ଲାଳସାର ବୀଭତ୍ସ ଅନ୍ଧାର ଭିତରେ ମୃତ୍ୟୁଞ୍ଜୟ ବାବୁଙ୍କର ସେହି ମାନବ ଶିଶୁ ଆତ୍ମାଟିର ଆକୁଳ ପ୍ରାର୍ଥନା ଏକ ପବିତ୍ର କରୁଣାର କ୍ଷୀଣ ଶୁଭ୍ର ଧାରାରେ କ୍ଷିପ୍ରତମ ଗତିରେ ବହି ଚାଲିଲା ଛଳ ଛଳ ହୋଇ ସେହି ପରମ କାରୁଣିକଙ୍କର ମହାକରୁଣାର ମହା ସମୁଦ୍ର ଭିତରକୁ । ମୃତ୍ୟୁଞ୍ଜୟ ବାବୁ ସେଇ ସ୍ରୋତରେ ଆପଣାକୁ ଭସାଇଦେଲେ ଏବଂ ଶେଷ ପର୍ଯ୍ୟନ୍ତ ସେ ସେଇ ସ୍ରୋତରେ ଭାସି ଭାସି ପାରି ହୋଇଗଲେ, ସେଇ ନାରକୀୟ ବୀଭତ୍ସ ହିଂସ୍ର ତାମସିକ ରାତିର ଘୋର ଲୋଳଜିହ୍ୱ ଅନ୍ଧକାରକୁ ।" (ଗଳ୍ପ ସମଗ୍ର- ଦ୍ୱିତୀୟ ଭାଗ- ପୃ- ୫୮୩- ୫୮୫) ବାସ୍ତବିକ ମଣିଷ ଭିତରେ ପଶୁତ୍ୱ ଭଳି ଦେବତ୍ୱ ତୁଲ୍ୟ ମାନବିକତା ମଧ୍ୟ ଲୁଚି ରହିଛି । ସେହି ସୂର୍ଯ୍ୟ ତୁଲ୍ୟ ସୁପ୍ତ ମାନବିକତା ହିଁ ଦିନେ ପୃଥିବୀର ଅନ୍ଧକାରମୟ ଭାଗ୍ୟକୁ ପରିବର୍ତ୍ତନ କରିଦେବ । ଏହିଭଳି ଏକ ସମ୍ଭାବନା ଦେଖିବାକୁ ମିଳେ ଉକ୍ତ କୃତିରେ । ଯେଉଁ ମଣିଷ ଭିତରେ ପଶୁ ତୁଲ୍ୟ ରାକ୍ଷାସ ଲୁଚି ରହି ସକଳ ପ୍ରକାରର ଅଘଟଣ ଘଟାଇ ଚାଲିଛି । ସେହି ମଣିଷ ଭିତରେ ପୁଣି ଦେବ ତୁଲ୍ୟ ମହାମାନବ ଲୁଚିରହିଛି । ଯାହା ମଧ୍ୟରେ ସଂସାରକୁ ପରିବର୍ତ୍ତନ କରିବା ବା ପାପକୁ ଧ୍ୱଂସ କରିବାର ସକଳ କ୍ଷମତା ରହିଛି । ଏହିପରି ଏକ ଚିନ୍ତାଧାରାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଚାରି ଶଠ କଥା' ଗଳ୍ପରେ । ଗାଳ୍ପିକଙ୍କର 'ନିବେଦିତାର ନୈଶାଭିସାର' ଏକ ଭିନ୍ନ ସ୍ୱାଦର ସୃଷ୍ଟି । ଏଥିରେ ଗାଳ୍ପିକ ଆତ୍ମୋପଲବ୍‌ଧି ଏବଂ ଆତ୍ମ ସମୀକ୍ଷାକୁ କେନ୍ଦ୍ରକରି ମନ ଭିତରେ ସୁପ୍ତ ଅତିମାନବକୁ ଜାଗ୍ରତ କରିବାର ସୂଚନା ଦେଇଛନ୍ତି । ପୁଣି ମାନବ କ୍ଷେତ୍ରରେ କାମ ଅତୀମାନବ କ୍ଷେତ୍ରରେ କିପରି ପ୍ରେମ ରୂପେ ପ୍ରତିଫଳିତ ତାହାର ମଧ୍ୟ ଚମତ୍କାର ଉପସ୍ଥାପନା ଉକ୍ତ କୃତିରେ ଦେଖିବାକୁ ମିଳେ । ଗୋଟିଏ ଦିଗରେ ଫ୍ରଏଡଙ୍କ ପ୍ରଦତ୍ତ ଅବଚେତନ ମନର ଅବଦମିତ କାମନା ଏବଂ ଅନ୍ୟ ଦିଗରେ ପ୍ରେମର ପ୍ରକୃତ ଉପଲବ୍‌ଧି ତୁଲ୍ୟ ନିଜ ଭିତରର ସୂକ୍ଷ୍ମ ଚେତନାକୁ ଅନୁଭବ କରିବାର ବାର୍ତ୍ତା ରହିଛି 'ଅହଲ୍ୟା ଦେବୀଙ୍କ ପ୍ରେମ ସମାଧି' ଗଳ୍ପରେ । ବ୍ୟକ୍ତି ଭିତରେ ଗୋଟିଏ ସମୟରେ ସୃଷ୍ଟି ଉଭୟ ଜୀବନ ଓ ମୃତବୃତ୍ତି ଯାହାକି ପରସ୍ପର ବିରୋଧି ପ୍ରବୃତ୍ତି ଏବଂ ଯାହାକୁ ମନସ୍ତତ୍ତ୍ୱ ଦୃଷ୍ଟିରୁ Emotional Ambivalence କୁହାଯାଏ । ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ 'ଶ୍ରୀମତୀ ରାୟ ସିଂହ' ଗଳ୍ପରେ । ମଣିଷ ଭିତରେ ଥିବା ଅନୁଭବ ଓ ଅନୁଭୂତି ଏବଂ ତାହାକୁ ପ୍ରକାଶ କରିବା ଜନିତ ଅସମର୍ଥତା । ଏହା ବ୍ୟତୀତ ଅନ୍ତରରେ ଥିବା ପର୍ଯ୍ୟନ୍ତ

ଅନୁଭବର ସତ୍ୟତା ଅନ୍ତରରୁ ବାହାରକୁ ଆସିବା ପରେ କିପରି ମିଥ୍ୟାର ରୂପ ନିଏ । ଅଥବା ଅନ୍ୟଭାବେ କହିଲେ ଜଣଙ୍କର ସତ୍ୟତା ଅନ୍ୟପାଇଁ କିପରି ପ୍ରଳାପ ହୋଇଥାଏ ତାହାର ପ୍ରତିଫଳନ ଘଟିଛି 'ଡକ୍ଟର ନୀହାରିକା ଦାସ ସମୀପେଷୁ' ଗଳ୍ପରେ । ଗୋଟିଏ ଦିଗରେ ମଣିଷ ଭିତରେ ଲୁଚି ରହିଥିବା ଅସହିଷ୍ଣୁ ପ୍ରବୃତ୍ତି ତୁଲ୍ୟ ମୃତବୃତ୍ତି ଏବଂ ଅନ୍ୟ ଦିଗରେ ସୌଭାଗ୍ୟ ଓ ଦୁର୍ଭାଗ୍ୟ କିପରି ବ୍ୟକ୍ତିର ମାନସିକ ଚିନ୍ତନ ସହିତ ଜଡିତ ତାହାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଲକ୍ଷେ ଟଙ୍କାର ଛାତି' ଗଳ୍ପରେ । ବାହ୍ୟ ଦୃଷ୍ଟିରୁ ଜଣଙ୍କୁ ଘୃଣା କରୁଥିବା ବା ତା ଠାରୁ ମୁକ୍ତି କାମନା କରୁଥିବା ମଣିଷ ଆଭ୍ୟନ୍ତରରେ କିପରି ତା ସହିତ ନିବିଡ ଭାବେ ଜଡିତ ହୋଇଯାଏ । ତାହାର ସୂଚନା ରହିଛି 'ଏ କଥା ଏହିପରି' ଗଳ୍ପରେ । ମଣିଷର ଉକ୍ତି ଓ ପ୍ରବୃତ୍ତି ଭିତରର ପାର୍ଥକ୍ୟକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଏକ ଅଭିଶପ୍ତ ସକାଳର ସମାଜସେବୀ' ଗଳ୍ପରେ । ମଣିଷର ବିଚିତ୍ର ପ୍ରବୃତ୍ତି ସହିତ ଦୁଃଖକୁ କେନ୍ଦ୍ରକରି ମଣିଷର ବିଚିତ୍ର ମାନସିକତାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ସହଯାତ୍ରିଣୀର ଦୁଃଖ' ଗଳ୍ପରେ । ହଠାତ୍ ବାସ୍ତବ ଜଗତ ସ୍ୱପ୍ନ ଜଗତ ଭଳି ଲାଗିବା ଯାହାକୁ ମନସ୍ତତ୍ତ୍ୱରେ 'Oneirophrenia' (୮) କୁହାଯାଏ । ଏହିଭଳି ଏକ ଅନୁଭୂତିକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ରାଧାକାନ୍ତ ମଠ ବେଢାର ଅଦୃଶ୍ୟ ଯାଦୁକର' ଗଳ୍ପରେ । ମାତ୍ର ଗାଳ୍ପିକ ଏଥିରେ ମନସ୍ତତ୍ତ୍ୱ ଅପେକ୍ଷା ଅଲୌକିକତା ଅଥବା ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱ ଦେଇଥିବା ଭଳି ମନେ ହୁଏ ।

ପ୍ରତିଟି ମଣିଷର ଅବଚେତନ ମନର ଗଭୀରତାକୁ ମାପିବାକୁ ଉଦ୍ୟମ କରାଯାଇଛି 'ପ୍ରଳାପଷ୍ଟ ବିଳାପଷ୍ଟ' ଗଳ୍ପରେ । ସଂସାରକୁ ପାପମୁକ୍ତ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ସନ୍ୟାସ ଦୀକ୍ଷା ନେଉଥିବା ବ୍ୟକ୍ତିମାନଙ୍କ ଜୀବନର ବ୍ୟର୍ଥତା । ଏହା ସହିତ ପାପକୁ କେନ୍ଦ୍ରକରି ସଂସାରର ସ୍ୱରୂପକୁ ଗାଳ୍ପିକ 'ଏବଂ ନୀଳାମ୍ବର ବାବା କାହିଁକି ଆତ୍ମାହୁତି ନ ଦେଇ ପାରିଲେ' ଗଳ୍ପରେ ପ୍ରତିଫଳିତ କରିଛନ୍ତି । ମଣିଷର ଅବଚେତନ ମନ ଭିତରେ ଲୁଚି ରହିଥିବା ପାପ । ଏହା ସହିତ ପାପକୁ କେନ୍ଦ୍ରକରି ସୃଷ୍ଟି ଅପରାଧବୋଧ ଏବଂ ତା'ର ଭୟଙ୍କର ପରିଣାମକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ତ୍ରିବିକ୍ରମ ବାବୁ କାହିଁକି ମୂକ ହେଲେ ?' ଗଳ୍ପରେ । ମଣିଷର ଅମଣିଷ ପଣିଆ । ଏହା ସହିତ ପ୍ରବୃତ୍ତିରେ ଏହି ମଣିଷ ପଶୁଠାରୁ ମଧ୍ୟ କିପରି ହୀନ ତାହାର ଚିତ୍ରଣ ଦେଖିବାକୁ ମିଳେ 'ମହାଦେବଙ୍କ ଷଣ୍ଢ ବିଚରାର ଇତିକଥା' ଗଳ୍ପରେ ।

**ପାରା ମନସ୍ତତ୍ତ୍ୱ :**

ବିଜ୍ଞାନ ଏବଂ ମନସ୍ତତ୍ତ୍ୱର ଏକ ନୂତନ ଗବେଷଣା ସଂପର୍କିତ ବିଷୟ ହେଉଛି 'ପାରା ସାଇକୋଲୋଜି' (Parapsychology) କିମ୍ବା 'ପାରା ମନବିଜ୍ଞାନ' ଅଥବା 'Transpersonal Psychology' । ସଂପ୍ରତି ଏହା ମନସ୍ତତ୍ତ୍ୱର ଏକ ବିଭାଗ ଭାବେ ଗୃହୀତ । ସାଧାରଣତଃ ଏହି ଅଧ୍ୟୟନରେ ମନୁଷ୍ୟ ସହ ଘଟୁଥିବା ବହୁ ଆକସ୍ମିକ, ଅତିଭୌତିକ ଏବଂ ଅଲୌକିକ ଘଟଣାବଳୀର ଅଧ୍ୟୟନ ହୋଇଥାଏ । ଅବଶ୍ୟ ଏହି ପ୍ରସଙ୍ଗଟି ଲୋକସାହିତ୍ୟ ଭଳି ବହୁ ପ୍ରାଚୀନ ହେଲେ ମଧ୍ୟ ସାଂପ୍ରତିକ ସମୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ସତ୍ୟତା ପରୀକ୍ଷା କରାଯାଉଛି । ଏହି 'Parapsychology' ରେ 'Telepathy' (ଦୂରାନୁଭୂତି), 'Clairvoyance' (ଅନ୍ତ ଇନ୍ଦ୍ରିୟ ପ୍ରତ୍ୟକ୍ଷାନୁଭୂତି ଅଥବା ସ୍ୱଷ୍ଟ ଦୃଷ୍ଟି), 'Fore Boding' (ପୂର୍ବାଭାଷ), 'Telicynesis' (କୌଣସି ବସ୍ତୁକୁ ନ ଛୁଇଁ ତାହାକୁ ଗତିଶୀଳ କରାଇବା), 'Near Death Experience' (ମୃତ୍ୟୁ ନିକଟ ଅନୁଭୂତି), 'Out Of Body Experience' (ଆତ୍ମା ଶରୀର ତ୍ୟାଗକରିବା ଜନିତ ଅନୁଭୂତି), 'Re Birth' (ପୂର୍ନଜନ୍ମ) ଭଳି ବହୁଗୁଡିଏ ପ୍ରସଙ୍ଗର ଅଧ୍ୟୟନ ହୋଇଥାଏ । (୯,୧୦,୧୧) ଏହିଭଳି ଚେତନା ଗୁଡିକ ମଧ୍ୟରୁ ଶ୍ରୀଯୁକ୍ତ ସାହୁଙ୍କ ଗଳ୍ପରେ ବିଶେଷକରି ମୃତ୍ୟୁ ନିକଟବର୍ତ୍ତୀ ଅନୁଭୂତି ଓ ଆତ୍ମା ଶରୀର ତ୍ୟାଗ କରିବା ଜନିତ ଅନୁଭୂତିର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ । ଗୋଟିଏ ଦିଗରେ ବୈରାଗ୍ୟ ତୁଲ୍ୟ ମାୟା ମୋହ ଜନିତ ସଂସାରର ନିଷ୍ଠୁର ବାସ୍ତବତାକୁ ଅନୁଭବ କରିବା ଓ ଅନ୍ୟ ଦିଗରେ ଅନୁରାଗ ତୁଲ୍ୟ ତା ଆଡକୁ ଆକର୍ଷି ଯିବା ଭଳି ଚିନ୍ତାଧାରାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'କପୋତ ପକ୍ଷୀ ଗୁରୁ ମୋର' ଗଳ୍ପରେ । ଗୋଟିଏ ଦିଗରେ ପୂର୍ଣ୍ଣ ବୈରାଗ୍ୟ ଭିତରେ ବି ଅନୁରାଗର ସ୍ପର୍ଶ ଓ ଅନ୍ୟ ଦିଗରେ ସଂସାର ନାମକ ପଙ୍କରେ ଘାଣ୍ଟି ହେଉଥିବା ମଣିଷକୁ ତାର ବାସ୍ତବତା ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ଗାଳ୍ପିକ ଲେଖିଛନ୍ତି- "ପ୍ରକୃତରେ ତାଙ୍କର ଆଉ ଅଣୁମାତ୍ର ବି ପାର୍ଥିବ ଚେତନା ନଥିଲା । ତାଙ୍କର ଆତ୍ମା ସେହି ଚିଦାନନ୍ଦ ମୟ ଅପାର୍ଥିବ ସ୍ତରରେ ଅବସ୍ଥାନ କରି ଏକ ଅପୂର୍ବ ଆନନ୍ଦ ପୁଲକାନୁଭୂତିରେ ସେ ନିମଗ୍ନ ହୋଇଯାଇଥିଲେ । ଆଉ ଏଣେ ତାଙ୍କର ଚେତନା ଶୂନ୍ୟ ପାର୍ଥିବ ଦେହଟି କବନ୍ଧ ଭଳି ପୃଥିବୀ ଉପରେ ନୃତ୍ୟ କରୁଥାଏ... କେତୋଟି ମୁହୂର୍ତ୍ତ ଯେ ତାଙ୍କର ସେହି ଅତ୍ୟୁଚ୍ଚ ଆଧ୍ୟାତ୍ମିକ ଶିଖର ଉପରେ କଟିଥିଲା ସେ କଥା ବା କିଏ କହିବ ସେଠାରେ ସମୟର ଅବସ୍ଥିତି ଅଛି କି ନାହିଁ କେଜାଣି !!

ମାତ୍ର ସେହି ସୁଉଚ୍ଚ ତୁରୀୟ ଚେତନା ସ୍ତରରେ ଅପୂର୍ବ ପୂର୍ଣ୍ଣାନନ୍ଦର ଉଲ୍ଲାସରେ ଉଲ୍ଲସିତ ହେଉଁ ହେଉଁ ଦୈବାତ୍ ବାରେକ ମାତ୍ର ସେ ତଳ ଆଡକୁ ଦୃଷ୍ଟି ନିକ୍ଷେପ କଲେ । ତଳ ଦେଶରେ ସେ କଣ ଦେଖିଲେ କୋଟି କୋଟି ସଂଖ୍ୟାରେ କୀଟ... ଏକ ପ୍ରକାଣ୍ଡ ମଳମୂତ୍ର ବିଷ୍ଠାଦି ପରିପୂର୍ଣ୍ଣ କୁତ୍ସିତ ପଙ୍କାଶୟରେ କୋଟି କୋଟି କୀଟ ବଲବଲ ହେଉଛନ୍ତି । ସେମାନେ ଭାବୁଛନ୍ତି ଧାଉଁଛନ୍ତି ବୋଲି ମାତ୍ର ସେମାନେ ଧାଇଁପାରୁ ନାହାନ୍ତି- କେବଳ ଛଟପଟ ହୋଇ କଲବଲ ହୋଇ ସେମାନେ ପଙ୍କ ଭିତରେ ଲଟପଟ ହୋଇ ନାଚୁଛନ୍ତି xxx ଆଉ ତୀର୍ଥବାସୀ ବାବୁ ସମ୍ଭାଳି ପାରିଲେ ନାହିଁ । ସେହି ଚିଦାନନ୍ଦମୟ ସୁଉଚ୍ଚ ସ୍ତର ଭିତରେ ବି ତାଙ୍କର ପାର୍ଥିବ କାରୁଣିକ ଆତ୍ମା କାନ୍ଦି କାନ୍ଦି ଚିତ୍କାର କରିଉଠିଲା । ଯାଉଛି- ଯାଉଛି ମନୁଆବୋଉ ତମକୁ ସେ ନରକରେ ଛାଡିଦେଇ ଆସି – ମୁଁ ଏଠି ଏତେ ନିଶ୍ଚିନ୍ତ ପୂର୍ଣ୍ଣ ଆନନ୍ଦ ଭୋଗ କରିପାରିବି ନାହିଁ । ଥୟ ଧର - ଥୟ ଧର- ଯାଉଛି ଯାଉଛି ମନୁଆ ବୋଉ... ! ସେହି ଅତ୍ୟୁଚ୍ଚ ଆଧ୍ୟାତ୍ମିକ ଆନନ୍ଦମୟ ଶିଖରୀ ଉପରୁ ତୀର୍ଥବାସୀ ବାବୁ ତଳକୁ ଡେଇଁ ପଡିଲେ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୨୬୫- ୨୬୬) ମନସ୍ତତ୍ତ୍ୱ ଦିଗରୁ ଏହି ପାର୍ଥିବ ଓ ଅପାର୍ଥିବ ଜଗତର ପ୍ରସଙ୍ଗକୁ ମୃତ୍ୟୁ ନିକଟବର୍ତ୍ତୀ (Near Death Experience) ଓ ଶରୀର ତ୍ୟାଗ ଜନିତ ଅନୁଭୂତି (Out of Body Experience) ଭାବେ ମଧ୍ୟ ଗ୍ରହଣ କରାଯାଇପାରେ । **ମୃତ୍ୟୁ ପରର** ଅନୁଭୂତି ଯାହା ବିଜ୍ଞାନ ପାଇଁ ଆଜି ମଧ୍ୟ ଏକ ପ୍ରଶ୍ନବାଚୀ । ଯାହାକୁ ମନସ୍ତତ୍ତ୍ୱରେ ଅବଶ୍ୟ Out of Body Experience ବୋଲି କୁହାଯାଏ । ମାତ୍ର ପୁରାଣରେ ଏହା ସ୍ୱର୍ଗ ଓ ନର୍କ ଭାବେ ଗ୍ରହଣୀୟ । ଗାଳ୍ପିକଙ୍କର 'ଗତ ଥର ମୁଁ ମଲାପରେ' ଗଳ୍ପରେ ଏହିଭଳି ଏକ ପ୍ରସଙ୍ଗର ପ୍ରତିଫଳନ ଦେଖିବାକୁ ମିଳେ । ଗାଳ୍ପିକ ଏଥିରେ ପାପ ଓ ପୂଣ୍ୟକୁ କେନ୍ଦ୍ରକରି ସ୍ୱର୍ଗ ଓ ନର୍କର ପରିକଳ୍ପନାକୁ ବ୍ୟଙ୍ଗ କରିଛନ୍ତି ।

ଏତଦ୍ ବ୍ୟତୀତ ପାପ ଓ ପୁଣ୍ୟର ବାହ୍ୟ ସ୍ୱରୂପ ଅପେକ୍ଷା ତାର ଅର୍ନ୍ତନିହିତ ସ୍ୱରୂପ ବା ସୂକ୍ଷ୍ମତାକୁ ବିବେଚନା କରିବାର ଆବଶ୍ୟକତା ରହିଛି । କାରଣ ଏହାର ଅଭାବରେ ସ୍ୱର୍ଗ ନର୍କ ଏବଂ ନର୍କ ସ୍ୱର୍ଗର ଭୂମିକା ତୁଲାଇବାକୁ ଯାଉଛି ଭଳି ଚିନ୍ତାଧାରା ଉକ୍ତ କୃତିରେ ମଧ୍ୟ ଦେଖିବାକୁ ମିଳେ । ପ୍ରକୃତରେ ଏହିଭଳି ପ୍ରସଙ୍ଗ ମାଧ୍ୟମରେ ଗାଳ୍ପିକ ପୁଣ୍ୟ ନାମରେ ଭଣ୍ଡାମି କରି ଚାଲିଥିବା ମଣିଷମାନଙ୍କର ପ୍ରକୃତ ସ୍ୱରୂପକୁ ଉଦ୍‌ଘାଟିତ କରିବାପାଇଁ ଉଦ୍ୟମ କରିଛନ୍ତି । **ଆଜିର** ଏହି ବିଜ୍ଞାନ ଯୁଗରେ ମନ୍ତ୍ର, ତନ୍ତ୍ର, ଗୁଣୀ ଗାରେଡି ଆଦି ଅବିଶ୍ୱସନୀୟ ଏବଂ ଛଦ୍ମବିଜ୍ଞାନ ଭାବେ ଗ୍ରହଣ କରାଗଲେ ମଧ୍ୟ, ପାରା ମନସ୍ତତ୍ତ୍ୱ ବିଭାଗରେ ଏହା ସଂପ୍ରତି ଏକ ଗବେଷଣାର ବିଷୟ । ଏହିଭଳି ପ୍ରସଙ୍ଗକୁ ନେଇ ଗାଳ୍ପିକ ରଚନା କରିଛନ୍ତି 'ଗୁଣିଆ ଗୁଣାର୍ଣ୍ଣବ ଅନ୍ତୁ ପ୍ରହରାଜ' ଗଳ୍ପ । ବାସ୍ତବରେ ଏଥିରେ ଗାଳ୍ପିକ ପରଲୋକର ଭୂତମାନଙ୍କ ତୁଳନାରେ ଇହଲୋକର ମଣିଷମାନଙ୍କ ଭିତରେ ଲୁଚି ବସିଥିବା ଭୂତ କେତେ ଭୟଙ୍କର ତାହାକୁ ପ୍ରତିଫଳିତ କରିଛନ୍ତି । ବିଜ୍ଞାନ ଦୃଷ୍ଟିରୁ ଅସମ୍ଭବ ମନେହେଲେ ହେଁ, ଭକ୍ତର ବିଶ୍ୱାସ ଏବଂ ଭଗବାନଙ୍କ ପ୍ରେମର ପରାକାଷ୍ଠା ଦେଖିବାକୁ ମିଳେ 'ଶିବକୂଟ' ଗଳ୍ପରେ । ଏଥିରେ ଗାଳ୍ପିକ ପ୍ରସଙ୍ଗ କ୍ରମେ କେତେକ ପଂକ୍ତିରେ ମୃତ୍ୟୁ ନିକଟବର୍ତ୍ତୀ ଅନୁଭୂତିକୁ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି । ମଣିଷ ଭିତରେ ଥିବା ଭଗବତ୍ ବିଶ୍ୱାସ ବହୁ ଅସାଧ୍ୟକୁ ସାଧନ କରିଥାଏ । ଅନ୍ୟ ଭାବେ କହିଲେ ଅଲୌକିକକୁ ଲୌକିକ ସ୍ତରକୁ ନେଇ ଆସିଥାଏ ଭଳି ଏକ ଚିନ୍ତନକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଲୌକିକ ଅଲୌକିକ' ଗଳ୍ପରେ । ଈଶ୍ୱରଙ୍କର ସାନିଧ୍ୟକୁ କେନ୍ଦ୍ରକରି ମଣିଷ ଭିତରେ ଥିବା ମୁକ୍ତି ଜନିତ ତୃଷ୍ଣାର ପ୍ରତିଫଳନ ଦେଖିବାକୁ ମିଳେ 'ତୃଷ୍ଣା' ଗଳ୍ପରେ । ମନସ୍ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଏଥିରେ ମୃତ୍ୟୁ ନିକଟବର୍ତ୍ତୀ ଅନୁଭୂତି ଏବଂ ଆତ୍ମା ଶରୀର ତ୍ୟାଗ ଜନିତ ଅନୁଭୂତିର ପ୍ରତିଫଳନ ମଧ୍ୟ ଦେଖିବାକୁ ମିଳେ ।

**ସଂକେତ ସୂଚୀ :**


1. Jones, Jim (July 17, 2009). The Complete Capitol Punishment. Nebraska: CP Publishing. p. 215. ISBN 0-9638594-3-9. Archived from the original on December 14, 2009.

2. Bearman, Steve; Korobov, Neill; Thorne, Avril (2009). "The Fabric of Internalized Sexism" (PDF). *Journal of Integrated Social Sciences*. **1** (1): 10–47. CiteSeerX 10.1.1.684.5532. Internalized sexism [...] occurs when women enact learned sexist behaviors upon themselves and other women

3. "Gender Dysphoria" (PDF). American Psychiatric Publishing. Archived (PDF) from the

original on December 29, 2016. Retrieved December 24, 2016.

4. David Ludden (ed) *Reading Subaltern Studies: Critical History, Contested Meaning and the Globalisation of South Asia*. Delhi: Permanent Black, 2003.

5. "Spivak, Gayatri." Encyclopædia Britannica. *Encyclopædia Britannica Ultimate Reference Suite*. Chicago: Encyclopædia Britannica, 2014.

6. Baumeister RF, Dale K, Sommer KL. Freudian Defense Mechanisms and Empirical Findings in Modern Social Psychology: Reaction Formation, Projection, Displacement, Undoing, Isolation, Sublimation, and Denial. J Pers. 1998;66(6):1081-1124. doi:10.1111/1467-6494.00043

7. *^ "Freud and the Psychodynamic Perspective | Introduction to Psychology".*

a. *courses.lumenlearning.com. Retrieved 2020-12-08.*

8. *Meduna, L. J. (1950). Oneirophrenia; the confused state. Champaign, IL: University of Illinois Press.*

1. Skeptical Inquirer. 43(4):8-10.

a. 10- 6-Gross, Paul R ; Levitt, Norman; Lewis, Martin W. (1996). The Flight from Science and Reason.p.565.

2. ISBN 978-0801856761.

3. 11-Friedlander, Michael W. (1998). At the Fringes of Science. Boulder, Colorado: Westview Press. P.119. ISBN 978-0-8133-2200-1.

ସହକାରୀ ପ୍ରଫେସର

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, ପଶ୍ଚିମବଙ୍ଗ

ISSN -2583-147X (P), Vol.- 9, Issue No.IX, October 2023
**Bastabatara Pariprakash Prachee**
***Peer Reviewed and Referred Research Journal***

# ଉପନ୍ୟାସ ସୃଜନରେ ଗୌରହରିଙ୍କ ଗୌରବ

**ହରେନ୍ଦ୍ର ଗାଁଣ**

**ଉପନ୍ୟାସର ଉଦ୍ଦେଶ୍ୟ :**

ମନୁଷ୍ୟ ଜୀବନ ପ୍ରବାହରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାର ନିର୍ଭୁଲ ଉପସ୍ଥାପନ, ଜୀବନର ଅନେକ ରହସ୍ୟକୁ ଭେଦକରି ବିଭିନ୍ନ ଦୃଷ୍ଟିକୋଣରୁ ସେଗୁଡ଼ିକର ପରୀକ୍ଷା, ନିରୀକ୍ଷା, ମାନବିକ ମୂଲ୍ୟବୋଧର କଳାତ୍ମକ ପରିସ୍ଫୁଟନ ଓ ସର୍ବୋପରି ଅନ୍ତର୍ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟ ଉଦ୍‌ଘାଟନ ଜନିତ, ଗଦ୍ୟ ସୃଷ୍ଟି ଶିଳ୍ପ ହିଁ ଉପନ୍ୟାସ । ସ୍ରଷ୍ଟାର ବିପୁଳ ଅଭିଜ୍ଞତା, ସୂକ୍ଷ୍ମ ଅର୍ନ୍ତଦୃଷ୍ଟି, ଗଭୀର ଉପଲବ୍ଧି ଜନିତ କାବ୍ୟିକ ପ୍ରତିଭା ଉପନ୍ୟାସ କଳାକୁ କରେ ମହିମାନ୍ୱିତ । ମନୁଷ୍ୟ ଜୀବନର ପୂର୍ଣ୍ଣଚିତ୍ର ପ୍ରଦାନରେ ଏହି ଶିଳ୍ପକଳାର ବର୍ଣ୍ଣନାତ୍ମକ ଶୈଳୀ, ଆବେଗଧର୍ମିତା, ସଂସ୍କାରପ୍ରାଣତା ଓ ରସବୋଧ ପାଠକକୁ ପ୍ରଭାବିତ କରିବା ସଙ୍ଗେସଙ୍ଗେ ଆନନ୍ଦପ୍ରଦାନ କରିଥାଏ । କଳ୍ପନା ଓ ବାସ୍ତବତାର ସୁସମନ୍ୱୟରେ ମନୁଷ୍ୟ ଜୀବନ ରହସ୍ୟର ଉନ୍ମୋଚିତ ହୋଇଥାଏ ଓ ପ୍ରକୃତ ସ୍ୱରୂପ ଫୁଟିଉଠେ । ମନୁଷ୍ୟର ହସ-କାନ୍ଦ, ସୁଖ-ଦୁଃଖ, ଆଶା-ନିରାଶା, ପାପ-ପୁଣ୍ୟ, ନ୍ୟାୟ-ଅନ୍ୟାୟ, ଶୋଷଣ-କଷଣ ଓ ମିଳନ-ବିରହ ଆଦି ବିଭିନ୍ନ ବିଷୟ ଉପନ୍ୟାସରେ ରୂପପାଏ । ଉପନ୍ୟାସ କେବଳ ମାନବ ଜୀବନର ପୂର୍ଣ୍ଣାଙ୍ଗ ଚିତ୍ର ଉପସ୍ଥାପନ କରି ନଥାଏ ବରଂ ଏଥିରେ ଜୀବନର ବହୁ ରହସ୍ୟ ମଧ୍ୟ ଉଦ୍‌ଘାଟିତ ହୋଇଥାଏ । ସଂପ୍ରତି ସାହିତ୍ୟ ଜଗତରେ ଲକ୍ଷ୍ୟ କରାଯାଏ ଯେ, ଉପନ୍ୟାସର ପ୍ରଭାବ ଅନ୍ୟାନ୍ୟ ବିଭାଗ ଅପେକ୍ଷା ଶକ୍ତିଶାଳୀ । ସାମାଜିକ ଜୀବନର ଆବଶ୍ୟକତା ଅନୁଯାୟୀ ଜନସାଧାରଣଙ୍କୁ ପରିବର୍ତ୍ତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ମନୋରଞ୍ଜନ ଓ ଜୀବନ ଦୃଷ୍ଟି ହେଉଛି ଉପନ୍ୟାସର ପ୍ରଧାନ ଉଦ୍ଦେଶ୍ୟ । ମନୋହର କାହାଣୀ କହିବାରେ ଓ ଜୀବନ୍ତ ଚରିତ୍ର ଚିତ୍ରଣରେ ଔପନ୍ୟାସିକଙ୍କୁ କେବଳ ପାରଦର୍ଶିତା ପ୍ରଦର୍ଶନ କରିବାକୁ ହୁଏ ନାହିଁ, ନିଜର ଉଦ୍ଦେଶ୍ୟ ଯଥାର୍ଥ ଭାବରେ ଫୁଟାଇବାକୁ ହୋଇଥାଏ । ଔପନ୍ୟାସିକ କେବଳ ଯେ ସମାଜରେ ବାସକରେ ତାହା ନୁହେଁ ସମାଜକୁ ସେ ଦେଖେ ଓ ସମାଜ ସଂପର୍କରେ ମଧ୍ୟ ଗଭୀର ଚିନ୍ତା କରେ । ସମାଜକୁ ଦେଖିବା ପରେ ନିଜ ରଚନାରେ ଜୀବନର ଓ ସମାଜର ବହୁମୁଖୀ ଦିଗକୁ ରୂପଦେଇ ସେ ତୃପ୍ତିଲାଭ କରେ । ସମାଜ ତା' ଉପରେ ପକାଇଥିବା ପ୍ରଭାବ ଓ ସେ ସମାଜରୁ ଆହରଣ କରିଥିବା ଅନୁଭୂତି କଲମମୁନରେ ରୂପ ଦିଏ । ଫଳରେ ଉପନ୍ୟାସ ଅନବଦ୍ୟ ରୂପଲାଭ କରେ । ଉପନ୍ୟାସର ମର୍ମବାଣୀ ସିଧାସଳଖ ପ୍ରକାଶିତ ହୋଇନଥାଏ, ପରୋକ୍ଷ ଭାବରେ ଏହା ପ୍ରକାଶ ପାଇଥାଏ । ଯେତେବେଳେ ସ୍ଥୂଳ ରୂପରେ ତାହା ପ୍ରତ୍ୟକ୍ଷ ଭାବରେ ପ୍ରକାଶିତ ହୁଏ ତାହାକୁ ଉପନ୍ୟାସର ଅସହ ଉଦ୍ଦେଶ୍ୟ ବୋଲି କୁହାଯାଏ । ତେଣୁ ସାମାଜିକ ସମସ୍ୟା, କୁସଂସ୍କାର, ଓ ତ୍ରୁଟିବିଚ୍ୟୁତି ସବୁକୁ ପ୍ରତ୍ୟକ୍ଷ, ପରୋକ୍ଷ ଭାବରେ ସାମାଜିକ ମଣିଷ ସମ୍ମୁଖରେ ଉପସ୍ଥାପିତ କରି ତା'ର ସମାଧାନରେ ମାର୍ଗ ଦେଖାଇ ଦେବା ହିଁ ଔପନ୍ୟାସିକଙ୍କ ଉଦ୍ଦେଶ୍ୟ ।

**ଗୌରହରି ଦାସଙ୍କ ଉପନ୍ୟାସର ଆଭିମୁଖ୍ୟ :**

ଆଧୁନିକ ଓଡ଼ିଆ କଥାସାହିତ୍ୟରେ ଗୌରହରି ଦାସ ଜଣେ ଆଲୋଚିତ କଥାକାର । ବିଂଶ ଶତାବ୍ଦୀର ଅଶୀଦଶକରେ କଥାସାହିତ୍ୟରେ ପାଦ ଥାପିଥିବା ଗୌରହରି ଦାସଙ୍କ ପ୍ରଥମ ଉପନ୍ୟାସ 'ଛାୟା ସୌଧର ଅବଶେଷ' (୧୯୯୬) । ଏହାପରେ ୨୦୨୨ ମସିହା ସୁଦ୍ଧା ସେ ସାତଗୋଟି ଉପନ୍ୟାସ ରଚନା କରିଛନ୍ତି । ଏକାଧାରାରେ ସେ ଜଣେ ଗାଳ୍ପିକ, ଉପନ୍ୟାସିକ, ସାମ୍ବାଦିକ, ସମ୍ପାଦକ ଓ ଅନୁବାଦକ ଭାବରେ ପରିଚିତ ।

ତାଙ୍କର ସାତଗୋଟି ଉପନ୍ୟାସ ହେଉଛି 'ଛାୟାସୌଧର ଅବଶେଷ' (୧୯୯୬), 'ନିଜ ସଙ୍ଗେ ନିଜର ଲଢ଼େଇ' (୧୯୯୯), 'ଏଇଠୁ ଆରମ୍ଭ' (୨୦୦୫), 'ଆପଣଙ୍କ ଆଜ୍ଞାଧୀନ' (୨୦୧୦), 'କେତେ ରଙ୍ଗର ଜୀବନ' (୨୦୧୩), 'ବିଡ଼ମ୍ବିତ ଅଭିସାର' (୨୦୨୨) । ସେ ତାଙ୍କର ଦ୍ୱିତୀୟ ଉପନ୍ୟାସ ପାଇଁ ୨୦୧୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଦେମୀ ଏବଂ 'କଣ୍ଢା ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ୨୦୧୨ ମସିହାରେ ସାହିତ୍ୟ ଏକାଦେମୀ ପୁରସ୍କାର ପାଇଛନ୍ତି । ମୁଖ୍ୟତଃ ଗୌରହରି ଦାସ ଚଳିତ ସମୟର ବଳିଷ୍ଠ କଥା ସାହିତ୍ୟିକ । ତାଙ୍କ କଥାସାହିତ୍ୟରେ ଅତୀତ ପ୍ରୀତି, ଗ୍ରାମ୍ୟଜୀବନର ସ୍ମୃତି, ସମକାଳୀନ ଜୀବନ ସଂଗ୍ରାମ ଓ ସମ୍ବେଦନା ଆଦି ମୁଖ୍ୟ ସ୍ୱର । ଏତଦ୍ ବ୍ୟତୀତ ଆବେଗପୂର୍ଣ୍ଣ ଶୈଳୀ ଓ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ତାଙ୍କ କଥାସାହିତ୍ୟର ଏକ ଲକ୍ଷଣୀୟ ଦିଗ ।

ମନୁଷ୍ୟ ଯେଉଁ ପରିବେଶରେ ବଞ୍ଚେ ସେଥିପ୍ରତି ସେ ସଚେତନ ଥାଏ, ତା'ର ସର୍ଜନାତ୍ମକ କଳା ମାଧ୍ୟମରେ ରୂପ ପାଏ ସାହିତ୍ୟ । ଅନୁଭୂତି ଓ ଅଭିଜ୍ଞତା କଳ୍ପନା ସମ୍ମିଶ୍ରଣରେ ସୃଷ୍ଟି କରେ ସାହିତ୍ୟର ନାନା ବିଭାଗ । ସେଥିମଧ୍ୟରୁ ଉପନ୍ୟାସ ଅନ୍ୟତମ । ବୃତ୍ତିରେ ସାମ୍ବାଦିକତାକୁ ଆଦରିଥିବା ଔପନ୍ୟାସିକ ଜୀବନରେ ନାନା ବାସ୍ତବ ଘଟଣାର ସମ୍ମୁଖୀନ ହେବାର ଫଳସ୍ୱରୂପ ବାସ୍ତବଧର୍ମୀ ଉପନ୍ୟାସର ସୃଷ୍ଟି କରିଛନ୍ତି । ତାଙ୍କ ଜୀବନ କାଳରେ ସେ ବହୁ ଖବର ସହିତ ଜଡ଼ିତ, ତେଣୁ ତାଙ୍କର ସମାଜକୁ ଦେଖିବାର ଦୃଷ୍ଟିଭଙ୍ଗୀ ନିଆରା । ସହଜ ଭାବରେ ସମାଜର ହିତ ଓ କ୍ଷତିକୁ ବିଚାର କରିପାରନ୍ତି ସେ । ଜଣେ ସେବାପରାୟଣ ବ୍ୟକ୍ତି ହୋଇଥିବାରୁ ସମାଜକୁ ଭଲ ଦିଗରେ ନେବାରେ ପ୍ରୟାସ କରିଛନ୍ତି ଉପନ୍ୟାସ ମାଧ୍ୟମରେ ଗୌରହରି । ଆଜିର ସାଧାରଣ ଓ ଅସାଧାରଣ ବ୍ୟକ୍ତି ତାଙ୍କ ଉପନ୍ୟାସର ଚରିତ୍ର ଯେଉଁ ମାନବ ତାଙ୍କ ଆଗରେ ଯାତୟାତ ହୋଇଛନ୍ତି ସେମାନଙ୍କ ଜୀବନଚର୍ଯ୍ୟା ତାଙ୍କ ଉପନ୍ୟାସର ବିଷୟବସ୍ତୁ । 'ଆପଣଙ୍କ ଆଜ୍ଞାଧୀନ' ସମଗ୍ର ଉପନ୍ୟାସର ବିଷୟବସ୍ତୁ ତାଙ୍କ ଆଖି ଦେଖା ଘଟଣା । ଖୋସାମତିର ଦୁଇଟି ଚେହେରା ଜଳଧର ଓ ସନାତନକୁ ସେ ଅନୁଭୂତିରୁ ସାଉଁଟିଛନ୍ତି । ଏହା ବ୍ୟତୀତ ତାଙ୍କ ଉପନ୍ୟାସର କୌଣସି ପରିବେଶ ମଧ୍ୟ ଆପଣାର ଅନୁଭୂତି ଦ୍ୱାରା ପରିପୁଷ୍ଟ । ଏହା ଭିତରେ ରହିଛି 'ନିଜ ସଙ୍ଗେ ନିଜର ଲଢ଼େଇ'ରେ ଦ୍ରୌପଦୀ ଦେଖିଥିବା ହତ୍ୟା ଘଟଣାକୁ ସହ୍ୟକରି ବସି ନାହିଁ । ତା' ମାନସିକତାରେ ଦେଖାଦେଇଛି ବିଭିନ୍ନ ଚିନ୍ତା, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ । ଏହି ଅନ୍ୟାୟ ବିରୋଧରେ ଲଢ଼ିବା ତାଙ୍କ ଅଧିକାଂଶ ଉପନ୍ୟାସରେ ଦେଖିବାକୁ ମିଳେ, ଯଥା- 'ଛାୟାସୌଧର ଅବଶେଷ' ଉପନ୍ୟାସରେ ମିନୁର ଅରୁନ୍ଧତୀକୁ ମୁକୁଳେଇବା, 'ନିଜ ସଙ୍ଗେ ନିଜର ଲଢ଼େଇ' ଉପନ୍ୟାସରେ ଦେବଦତ୍ତ କାଠ ବେପାରି ଡିଗଲ୍ ସହ ଝଗଡ଼ା, 'କେତେ ରଙ୍ଗର ଜୀବନ' ଉପନ୍ୟାସରେ ଉର୍ବଶୀ ସ୍ୱାମୀ ବିରୋଧରେ ପ୍ରତିଶୋଧ ନେବା ଇତ୍ୟାଦି ଘଟଣା ।

ମଣିଷକୁ ଯେପରି ନାନା ରୋଗ ହୋଇଥାଏ, ସମାଜ ମଧ୍ୟ ସେପରି କିଛି ଭାବନା ଦ୍ୱାରା ଆକ୍ରାନ୍ତ ହୋଇଥାଏ । ତା' ମଧ୍ୟରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଅନ୍ୟତମ । ମିନୁ ବେଶ୍ୟା ହେବାର ବଡ଼ କାରଣ ତାକୁ ଡାହାଣୀ ବୋଲି ସନ୍ଦେହ କରିବା ଫଳରେ ତା' ଜୀବନରେ ଭୂତ ଓ ଗୁଣିଆ ଆଦିଙ୍କ ଅତ୍ୟାଚାର ଚାଲେ । ପିଲାଦିନରୁ ନୃତ୍ୟ ଗୀତରେ ରୁଚି ରଖୁଥିବା ମିନୁକୁ ମିଳେ ସାଇପଡ଼ିଶାର ଅପମାନ । ଯେତେବେଳେ ବାପାଙ୍କ ଆଖଡ଼ା ଘରକୁ ଜୀବନ୍ତ କରାଏ, ସେ ସାଧାରଣ ଝିଅ ହୋଇ ଆଉ ସମାଜ ଆଖିରେ ନଥାଏ । 'ଏଇଠୁ ଆରମ୍ଭ' ଉପନ୍ୟାସରେ ବାପାଙ୍କ ହୁକୁମ ଅନୁଯାୟୀ ଉର୍ବଶୀକୁ ଛାଡ଼ିବାକୁ ପଡ଼ିଛି ଅଧ୍ୟାପକ ଚାକିରି, ଚୁପ୍‌ଚାପ୍ ପ୍ରେମକୁ ବଳିଦେଇ ସେ ବସିଛି ବିବାହ ବେଦୀରେ । ମୁଖ୍ୟତଃ ପ୍ରତିଭାର ତଣ୍ଟି ଚିପିବାରୁ ପ୍ରତିଶୋଧ ହୋଇଛି ଉପନ୍ୟାସର ଲକ୍ଷ୍ୟ । ସମାଜରେ ଯେଉଁମାନେ ନିଜର ସ୍ୱରକୁ ଉଠାଇ ପାରିନାହାନ୍ତି ତା'ର ପ୍ରତିନିଧି ସାଜିଛନ୍ତି ଔପନ୍ୟାସିକ । ଉପନ୍ୟାସରେ ଅତ୍ୟାଚାରିତ, ଘୃଣିତ, ଅବଶୋଷ ରହିତ ପ୍ରତ୍ୟେକ ନାରୀ ଓ ପୁରୁଷର ଜୀବନ କାହାଣୀ ଲିପିବଦ୍ଧ । ଏଥିପାଇଁ ସମାଜର ସାଧାରଣ ବର୍ଗର ଚରିତ୍ର ଉପନ୍ୟାସର ମୁଖ୍ୟ ଚରିତ୍ର ସାଜିଛନ୍ତି ।

ଔପନ୍ୟାସିକ ବିଭିନ୍ନ ଦିଗକୁ ଦୃଷ୍ଟି ନିକ୍ଷେପ କରିଥିଲେ ହେଁ ତାଙ୍କ ସମଗ୍ର ଉପନ୍ୟାସକୁ କେତୋଟି ଦିଗରୁ ଆଲୋଚନା କରାଯାଇପାରେ ଯଥା– ସାମାଜିକ, ରାଜନୈତିକ, ପ୍ରେମ ଓ ଛିନ୍ନମୂଳ ସଂସ୍କୃତି । ଗୌରହରି ଦାସଙ୍କ ସମଗ୍ର ଉପନ୍ୟାସରେ କୌଣସି ଅଲୌକିକ ଜଗତର ଆଲୋଚନା ନାହିଁ । ସଂପୂର୍ଣ୍ଣ ସାମାଜିକ କଥାବସ୍ତୁରେ ଲିଖିତ ଉପନ୍ୟାସ । ପ୍ରତ୍ୟେକ ପାଠକର ଅନୁଭୂତି

ସହିତ ଏହା ଜଡ଼ିତ । ସମାଜ ସଂପର୍କିତ ବିଷୟବସ୍ତୁଗୁଡ଼ିକ ହେଉଛି 'ଛାୟାସୌଧର ଅବଶେଷ' ଉପନ୍ୟାସରେ ବେଶ୍ୟା ଜୀବନ ବିତାଉଥିବା ମିନୁ ଅନ୍ୟ ଏକ ଝିଅକୁ ସେଠାରୁ ଉଦ୍ଧାର କର କିଭଳି ମୃତ୍ୟୁମୁଖରେ ପଡ଼ିଛି । ସମଗ୍ର ଜୀବନଟି ତା'ର ଦୁଃଖରେ ବିତିଛି । ବାପା ବୋଉ ଚାଲିଯିବା ପରେ ଦାଦା ଓ ଖୁଡ଼ିର ଚକ୍ରାନ୍ତର ଶିକାର ହୋଇଛି । 'ନିଜ ସଙ୍ଗେ ନିଜର ଲଢ଼େଇ' ଉପନ୍ୟାସରେ ସହରରେ ଘଟୁଥିବା ବିଭିନ୍ନ ଅସାମାଜିକ କାର୍ଯ୍ୟର ପ୍ରତିବାଦ କରି ଭୟଭୀତ ହେବା, 'ଏଇଠୁ ଆରମ୍ଭ' ଓ 'କେତେ ରଙ୍ଗର ଜୀବନ' ଉପନ୍ୟାସରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଦାମ୍ପତ୍ୟ ଜୀବନରେ ବିଭିନ୍ନ ସମସ୍ୟା ଦେଖାଦେବା, 'ଆପଣଙ୍କ ଆଜ୍ଞାଧୀନ' ଉପନ୍ୟାସରେ ଅନ୍ୟର ଧନସମ୍ପତ୍ତିକୁ ହାତେଇ ନେବା ପାଇଁ ଚକ୍ରାନ୍ତ କରିବା ଇତ୍ୟାଦି ଘଟଣା ଉପନ୍ୟାସର ବିଷୟବସ୍ତୁ । ରାଜନୈତିକ ଦୃଷ୍ଟିକୋଣରୁ 'ଏଇଠୁ ଆରମ୍ଭ' ଉପନ୍ୟାଟି ଲିଖିତ । ଏହା ବ୍ୟତୀତ ପ୍ରତ୍ୟେକ ଉପନ୍ୟାସରେ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଭାବ ରହିଛି । ଔପନ୍ୟାସିକ କୁହନ୍ତି ଯେ "ଖବରକାଗଜରେ ରାଜନୀତି ଯଦି ଭାତ ହୁଏ ଅନ୍ୟାନ୍ୟ ଖବର ସାହିତ୍ୟ, ସିନେମା, ବିଜ୍ଞାନ, ପରିବେଶ ଇତ୍ୟାଦି ଅନ୍ୟନ୍ୟ ତିଅଣ ।"(୧) 'ଏଇଠୁ ଆରମ୍ଭ' ଉପନ୍ୟାସରେ ଉର୍ବଶୀର ବାପା ଥିଲେ ସରପଞ୍ଚ । ରାଜନୀତିକ ପ୍ରୋତ୍ସାହନ ପାଇବା ପାଇଁ ସେ ଝିଅକୁ ଛନ୍ଦି ଦିଅନ୍ତି ଶାସକ ଦଳର ଯୁବନେତା ସଞ୍ଜୟ ହାତରେ । ସଞ୍ଜୟ ଏକ ଭୟଙ୍କର ଚରିତ୍ର ଯାହାର ଶିକାର ହୋଇଛି ଉର୍ବଶୀ । ପ୍ରତିଶୋଧ ପରାୟଣ ଉର୍ବଶୀ ବିରୋଧୀ ଦଳର ନେତାଙ୍କ ସାହାଯ୍ୟରେ ରାଉରକେଲାରେ ବିଧାୟକ ହୋଇଛି ଓ ପରିବାରକୁ ଫେରିଛି । ଉପନ୍ୟାସରେ ପ୍ରେମ, ବନ୍ଧୁତ୍ୱ, ମା'ର ମମତା ଆଦି ରହିଥିଲେ ମଧ୍ୟ ରାଜନୀତି ଓ ନିର୍ବାଚନୀ ପ୍ରସଙ୍ଗ ମୁଖ୍ୟ ହୋଇଉଠିଛି ।

ପ୍ରେମ ଗୌରହରି ଦାସଙ୍କ ଉପନ୍ୟାସରେ ଦୁଇଗୋଟି ରୂପରେ ଦେଖିବାକୁ ମିଳେ ଗୋଟିଏ ଐଶ୍ୱରୀୟ ଓ ଅନ୍ୟଟି ଦେହଗତ । ସେ ଦୁଇଗୋଟି ପ୍ରେମକୁ ଗୁରୁତ୍ୱ ଦେଇଛନ୍ତି କାରଣ ଆହାର, ନିଦ୍ରା, ମୈଥୁନ, ଏହି ତିନୋଟିରୁ ମଣିଷ ନିବୃତ୍ତ ହୋଇପାରେ ନାହିଁ । ସେଥିପାଇଁ ତାଙ୍କ ଉପନ୍ୟାସରେ ପ୍ରେମଟି ମନ ସହିତ ଦେହର ସଂପର୍କ ରହିଛି । ଏ ଦୃଷ୍ଟିକୋଣରୁ 'କେତେ ରଙ୍ଗର ଜୀବନ', 'ଏଇଠୁ ଆରମ୍ଭ', 'ଛାୟାସୌଧର ଅବଶେଷ' ଆଦି ଉପନ୍ୟାସ ଅନ୍ୟତମ । କେତେକ ସ୍ଥାନରେ ନାୟକନାୟିକା ମନକୁ ପାଶୋରି ଦେଇଛନ୍ତି ମାତ୍ର ଯୌନ ପରିତୃପ୍ତିକୁ ପାଶୋରି ପାରିନାହାନ୍ତି ।

ମଣିଷ ନିଜ ନିଜ ମଧ୍ୟରେ ଭାରସାମ୍ୟ ରଖିବା ଅର୍ଥ ଶୃଙ୍ଖଳାବଦ୍ଧ ହେବା । ମାତ୍ର ସମାଜରେ ଅଧିକ ବ୍ୟକ୍ତିଙ୍କଠାରେ ସଂପର୍କର ଦୂରତା ପରିଲକ୍ଷିତ ହେଉଛି । ଦାମ୍ପତ୍ୟ ଜୀବନ ହେଉ ଅବା ସାଧାରଣ ପାରିବାରିକ ସୂତ୍ରରେ ମଣିଷ ଆଉ ଗୁନ୍ଥା ହୋଇ ରହୁନାହିଁ । 'ନିଜ ସଙ୍ଗେ ନିଜର ଲଢ଼େଇ' ଉପନ୍ୟାସରେ ଦ୍ରୌପଦୀ ଯଦି ପରିବାର ମଧ୍ୟରେ ରହିଥାଆନ୍ତା ତେବେ ତା'ର ଅସହାୟପଣକୁ ସେ ସମସ୍ତଙ୍କ ନିକଟରେ ପ୍ରକାଶ କରିପାରି ଥାଆନ୍ତା । ସେହିପରି 'କେତେ ରଙ୍ଗର ଜୀବନ' ଉପନ୍ୟାସରେ ଅବିନାଶ ଓ ରାଜଶ୍ରୀର ସଂପର୍କ ହେଉ ଅବା ସଂଜୟ ଉର୍ବଶୀର ଦାମ୍ପତ୍ୟ ଜୀବନ ହେଉ ବହୁ ବାଦବିବାଦ ରହିଛି । ମୁଖ୍ୟତଃ ସ୍ରଷ୍ଟାଙ୍କ ଏହିସବୁ ଅନୁଭୂତି ମୂଳକ ପ୍ରସଙ୍ଗ ହେତୁ ତାଙ୍କୁ ଏଭଳି ଉପନ୍ୟାସ ଲେଖିବା ପାଇଁ ପ୍ରୋତ୍ସାହନ ମିଳିଛି ।

**ପରିବେଶ :**

ଉପନ୍ୟାସ ଏକ ବହୁଳ ପରିବେଶ ଆଲୋଚନାକୁ ସାମ୍ନା କରୁଥିବା କଥାସାହିତ୍ୟ । ସ୍ଥାନ କାଳ ପାତ୍ର ଭେଦରେ ଏହାର ପରିବର୍ତ୍ତନ ହୋଇଥାଏ । ପରିବେଶର ବର୍ଣ୍ଣନା ସବୁବେଳେ ଚରିତ୍ର ଓ କଥାବସ୍ତୁ ଉପରେ ନିର୍ଭରଶୀଳ । ନିମ୍ନରେ ଉପନ୍ୟାସର ବିଭିନ୍ନ ପରିବେଶକୁ ଆଲୋଚନା କରାଗଲା । ଉପନ୍ୟାସର ଅଧିକାଂଶ ପରିବେଶ ସହରର ପରିବେଶ ହୋଇଥିଲେ ହେଁ 'ଛାୟାସୌଧର ଅବଶେଷ' ଉପନ୍ୟାସରେ ଗାଁ'ର ପରିବେଶ ବର୍ଣ୍ଣନା ରହିଛି । 'ଛାୟାସୌଧର ଅବଶେଷ' ଉପନ୍ୟାସର ଗାଁ'ରେ ଗୋଟିଏ ଛୋଟ ପିଲାର ଦୁଷ୍ଟାମି ଖୁବ୍ ନିରୀହପଣ ପୂରିରହିଛି ଯାହାକୁ ମିନୁ ଭୁଲିପାରି ନାହିଁ । ମିନୁ ନିଜ ସାଙ୍ଗମାନଙ୍କ ସହିତ ଲୁଚିଲୁଚି ଆମ୍ବତୋଟାରକୁ ଯାଇ ଆମ୍ବ ତୋଳିବା, ଲୁଣ ଲଙ୍କା ମଡ଼େଇ ଖାଇବାର ମଜା ବେଶ୍ ନିଆରା । ଖରାବେଳଟାରେ ଆଈ ବାରଣ କରି ବାହାରପଟୁ ଛିଟିକିଣି ଦେଇ କହୁଥିଲା ଆଉ ଏ ଅଣ୍ଡିରିଚଣ୍ଡୀକୁ ପାରିହେବ ନାହିଁ ଇତ୍ୟାଦି ଘଟଣା ମିନୁର ପିଲାଦିନରେ ଦେଖା ଦେଇଥିଲା । ମାତ୍ର ବଡ଼ ହେଲାପରେ ତାକୁ ସବୁ ଦିଗରୁ ଆକଟ କରାଯାଇଛି ।

ଗାଁରେ ଏହିଭଳି ସରଳ ଜୀବନଟିଏ ରହିଥିଲେ ମଧ୍ୟ କେତେକ କୁସଂସ୍କାର ମଧ୍ୟ ଭରି ରହିଥାଏ । ମିନୁକୁ ଗୁଣିଆର ଅତ୍ୟାଚାର ପରିବେଶଟି ବେଶ୍ ବର୍ଣ୍ଣନା ଯୋଗ୍ୟ । ଔପନ୍ୟାସିକଙ୍କ ଭାଷାରେ – "ସେହି ଗଣ୍ଡା ପରି ଦିଶୁଥିବା ନୃଶଂସ ଗୁଣିଆଟା ତତଲା ଲୁହା ଖଡ଼ିକାକୁ ଆଣି ମିନୁର ଲୁଗାଟେକି ତା' ଜଙ୍ଘରେ ମାଡ଼ିଦେଲା । ମିନୁର ବାଁ ଜଂଘ ତତଲା ଲୁହାର ଧାସରେ ସିଝିଗଲା ସେ ଚିତ୍କାର କରିଉଠିଲା ତା'ର ସବୁ ଶକ୍ତି ଓ ସାମର୍ଥ୍ୟ ଲଗେଇ... ମରିଗଲି ମରିଗଲି ବୋଉ ।"(୨)

କିନ୍ତୁ ଗୋଟିଏ ଉପନ୍ୟାସକୁ ଛାଡ଼ିଦେଲେ ଅନ୍ୟସବୁ ଉପନ୍ୟାସର ପରିବେଶ ପ୍ରାୟତଃ ସହରର । ସହରର ରାଜନୀତି, ସହରର ଜନସାଧାରଣ, ସହରର ଜୀବନଶୈଳୀ ସହିତ ବିଭିନ୍ନ ଆଇ.ଟି କମ୍ପାନୀମାନଙ୍କର ବାଣିଜ୍ୟର ପରିବେଶ ବେଶ୍ ମନଛୁଆଁ । ସହରରେ ନିଜକୁ ଆପଣାର କୌଶଳରେ ବଞ୍ଚିବାକୁ ହୁଏ ତାହା ଉପନ୍ୟାସରୁ ଜଣାପଡ଼େ । ପ୍ରତ୍ୟେକ ଚରିତ୍ର ଏଠାରେ ସଂଘର୍ଷ କରିଛନ୍ତି । ଜଣକୁ ଆଗକୁ ଯିବାପାଇଁ ହେଲେ ଅନ୍ୟକୁ କେମିତି ଚକ୍ରାନ୍ତ କରି ପରାଜୟ କରିବାକୁ ହୁଏ । ପୁଣି ରାଜନୀତିରେ ଟିକଟ ପାଇବା ପାଇଁ ଉପରସ୍ଥ ନେତାମାନଙ୍କର ଅନୁଗାମୀ ହେବା ଇତ୍ୟାଦି ଘଟଣା ଉପନ୍ୟାସର ପରିବେଶକୁ ଜୀବନ୍ତ କରି ଦେଇଛି । 'କେତେ ରଙ୍ଗର ଜୀବନ' ଉପନ୍ୟାସରେ ଆଇ,ଟି କମ୍ପାନୀମାନଙ୍କ ମଧ୍ୟରେ ନିଲାମ ଧରିବାର କୌଶଳରେ କାବେରୀ ପରି ଝିଅମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଉଠିଛି । ଏକ ପରିବେଶକୁ ଦର୍ଶାଯାଇପାରେ – କାବେରୀ ଯେତେବେଳେ ଲୋକମୁଖ୍ୟ ବିଭାଗର ନିର୍ଦ୍ଦେଶକଙ୍କୁ ଭେଟିଛି ସେତେବେଳେ ସେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବାପାଇଁ କହିଛନ୍ତି । ମାତ୍ର କାବେରୀ ତାଙ୍କ ଦୁର୍ବଳତାକୁ ଜାଣି ତାଙ୍କ ପାଇଁ ଏକ ସଂଗୀତ ସନ୍ଧ୍ୟା ଆୟୋଜନ କରିଛି । ଭଲ ଭଲ ଗାୟକମାନଙ୍କୁ ନେଇ ତାଙ୍କ ଗୀତ ରେକର୍ଡ ହେବ ବୋଲି ଅନୁମତି ମାଗିଛି । ଏହା ଦ୍ୱାରା ନିର୍ଦ୍ଦେଶକଙ୍କ ମତ ବଦଳିଯାଇଛି କାବେରୀର କାର୍ଯ୍ୟ ହାସଲ ହୋଇଛି ।

ଉପନ୍ୟାସରେ ସହରର ରାଜନୀତି ସହିତ ସରକାରୀ ଚାକିରିଆଙ୍କ ଦୁର୍ଦ୍ଦଶା ଆଉ ବେଶ୍ୟାର ଅନ୍ଧାରମୟ ପରିବେଶ ବର୍ଣ୍ଣନା କରାଯାଇଛି । ରାଜନୀତିର ନିର୍ଦ୍ଧାରିତ ସମୟରେ ଉପଯୁକ୍ତ ପ୍ରାର୍ଥୀ ଚୟନ ମୁଖ୍ୟ ପ୍ରସଙ୍ଗ । ତାହା ଉପନ୍ୟାସକୁ ଜୀବନ୍ତ କରିଛି । 'ନିଜ ସଙ୍ଗେ ନିଜର ଲଢ଼େଇ' ଉପନ୍ୟାସରେ ସହରରେ ପୁଅକୁ ନେଇ ଏକା ରହୁଥିବା ଦ୍ରୌପଦୀ ଓ ଜଙ୍ଗଲ ବିଭାଗରେ କାର୍ଯ୍ୟରତ ସ୍ୱାମୀଙ୍କ ସଂପର୍କରେ ବର୍ଣ୍ଣନା ହୋଇଥିବାରୁ ସହର ଓ ଜଙ୍ଗଲ ପରିବେଶ ସ୍ଥାନ ପାଇଛି । ସହରରେ ଘଟିଥିବା ଗୋଟିଏ ହତ୍ୟାର ପରିବେଶ ନିମ୍ନରେ ବର୍ଣ୍ଣନା କରାଗଲା –

"ଚବିଶ-ପଚିଶ ବର୍ଷର ପିଲାଟିକୁ ଦିଜଣ ବଲୁଆ ଯୁବକ ସାଇକେଲ କ୍ୟାବିନ ସାମ୍ନାରେ ଘୋଷାଡ଼ି ତଳେ ପକେଇ ଦେଇଥିଲେ । ଜଣେ ପେଟ, ପିଠି, ଜଂଘକୁ ଓ ମୁହଁକୁ ମୁକା ମାରୁଥିଲା ଓ ଆରଜଣକ ଚକ୍‌ଚକ୍ କରୁଥିବା ଗୋଟାଏ ଛୁରୀ ଧରି ପିଲାଟା ଉପରକୁ ଚଢ଼ିଯାଉଥିଲା ।"(୩)

ସହରରେ ଏକ ଅସାମାଜିକ ପରିବେଶ ଲେଖକ କଲମମୁନରେ ସ୍ଥାନ ପାଇଛି । ଏତଦ୍‌ବ୍ୟତୀତ ବଭିନ୍ନ ପରିବେଶକୁ ବର୍ଣ୍ଣନା କଲାବେଳେ ଔପନ୍ୟାସିକ ସଚେତନ ମନେହୁଅନ୍ତି । ପରିବେଶ ସହିତ ଭାଷାଶୈଳୀର ସାମଞ୍ଜସ୍ୟ ବେଶ୍ ଆବେଗପୂର୍ଣ୍ଣ ହୋଇଛି ।

**ଭାଷା ଶୈଳୀ :**

ଉପନ୍ୟାସ କଥାସାହିତ୍ୟର ମୁଖ୍ୟ ଅଙ୍ଗ । ତେଣୁ ଉପନ୍ୟାସର ଭାଷା ସାଧାରଣତଃ ସରଳ ଓ ସର୍ବଜନବୋଧ ହେବା ଉଚିତ । ଉପନ୍ୟାସର ଅନ୍ୟାନ୍ୟ ଉପାଦାନ ଭଳି ଭାଷା ପ୍ରତି ଲେଖକ ଦୃଷ୍ଟି ଦେବା ଉଚିତ । ଉପନ୍ୟାସରେ ଭାଷାର କୌଶଳ ପ୍ରୟୋଗ ନିମନ୍ତେ ବିଭିନ୍ନ କ୍ଷେତ୍ର ରହିଛି । ଗୋଟିଏ ସଫଳ ଉପନ୍ୟାସ ସଫଳ ଭାଷା ପ୍ରୟୋଗ ଉପରେ ନିର୍ଭର କରିଥାଏ । ଉପନ୍ୟାସର ଚରିତ୍ରସବୁ ସମାଜର ବିଭିନ୍ନ ସ୍ତର ଓ ବିଭିନ୍ନ ପରିବେଶରୁ ଆନୀତ । ଏହାକୁ ଆଖି ଆଗରେ ରଖି ଔପନ୍ୟାସିକ ପରିବେଶ ଓ ବିଷୟବସ୍ତୁକୁ ନେଇ ଭାଷା ସୃଷ୍ଟି କରିବା ଉଚିତ । ପତ୍ରୋଚିତ ସଂଳାପ ଓ ପରିବେଶ ବର୍ଣ୍ଣନା ମଧ୍ୟରେ ଭାଷାର ବିବିଧତା ଦେଖାଦେବା ଅନୁଚିତ । ସଂକ୍ଷିପ୍ତ ବାକ୍ୟ, ବ୍ୟଞ୍ଜନାତ୍ମକ ଶବ୍ଦ ନିର୍ବାଚନ, ରୂପକଳ୍ପ, ଚିତ୍ରକଳ୍ପ ଦ୍ୱାରା ବକ୍ତବ୍ୟ ସ୍ପଷ୍ଟ ହେବା ଉଚିତ । ଗୌରହରି ଦାସଙ୍କ ଉପନ୍ୟାସର ଭାଷାଶୈଳୀ ସାଧାରଣ ଓ ସରଳ ଶୈଳୀ, ଯାହା ପାଠକକୁ ଉପନ୍ୟାସରେ ବାନ୍ଧି ରଖିବାରେ ସାହାଯ୍ୟ କରେ । ସମଗ୍ର ଉପନ୍ୟାସ ପ୍ରଥମ ପୁରୁଷ ଶୈଳୀରେ ରଚିତ ଓ ମଝିରେ ମଝିରେ ଚରିତ୍ରର ସଂଳାପ ରହିଛି ସରଳଭାଷା ଶୈଳୀରେ ରଚିତ ତାଙ୍କ

ଉପନ୍ୟାସ ପାଠକକୁ ବାନ୍ଧି ରଖିବାର ପ୍ରୟାସ କରାଯାଇଛି । ସରଳ ଗାଉଁଲି ଶବ୍ଦ ବ୍ୟତୀତ ଅନ୍ୟାନ୍ୟ ଶବ୍ଦର ବ୍ୟବହାର ହୋଇଛି । କଠିନ ଶବ୍ଦର ବ୍ୟବହାର ଖୁବ୍ କମ୍ । ଗୌରହରି ଦାସଙ୍କ ସରଳ ଭାଷାର ବର୍ଣ୍ଣନା ନିମ୍ନରେ ପ୍ରଦାନ କରାଗଲା । "ଚୁଲିରେ ବସିଥିବା ତତଲା ବାଲି ଉପରେ ଧାନ ମୁଠାଏ ପକେଇ ଦେଲେ ଯେମିତି ଚଡ଼ଚଡ଼ ହୋଇ ଖଇଗଣ୍ଡାକ ଫୁଟିଉଠେ, ସେମିତି ଗାଁ ଲୋକଙ୍କ ତୁଣ୍ଡରେ ମିନୁର ଚର୍ଚ୍ଚା ଫୁଟିଉଠେ । ସେଇ ଚର୍ଚ୍ଚା ହୁଏ ଗାଧୁଆ ତୁଠରେ, ବରଗଛ ତଳ ଠାକୁରାଣୀ ମଣ୍ଡପରେ ଓ ସ୍କୁଲ୍ ଯାଉଥିବା ସାନ ବଡ଼ ପିଲାଙ୍କ ମେଳରେ ।"[୪]

ସରଳ ଭାଷା ବ୍ୟତୀତ ସଂକ୍ଷିପ୍ତ ବାକ୍ୟ ଗୌରହରି ଦାସଙ୍କ ଉପନ୍ୟାସର ମୁଖ୍ୟ ବୈଶିଷ୍ଟ୍ୟ । ଛୋଟ ଛୋଟ ବାକ୍ୟଗୁଡ଼ିକ ପୂର୍ଣ୍ଣ ଅର୍ଥପ୍ରକାଶ କରିଛନ୍ତି ତାଙ୍କ ଉପନ୍ୟାସରେ । ଏହାଦ୍ୱାରା ପାଠକ ଉପନ୍ୟାସକୁ ବୁଝିବାରେ ଅସୁବିଧା ହୁଏ ନାହିଁ । ନିମ୍ନରେ କେତେକ ସଂକ୍ଷିପ୍ତ ବାକ୍ୟର ଉଦାହରଣ ଦିଆଗଲା । "ନଈ ପୋଖରୀ ଶୁଖି ଯାଆନ୍ତି, ମିନୁର ଲୁହ ଶୁଖେ ନାହିଁ ।"[୫] "ସେ ନିଜ ପେଟ ଭିତରେ ସବୁଯାକ ଭୟ ଓ ଗୋପନୀୟତାକୁ ଲୁଚେଇ ରଖିପାରୁନଥିଲା ।"[୬] ଉପନ୍ୟାସର ଭାଷା ସରଳ ହୋଇଥିଲେ ହେଁ ସ୍ଥାନେ ସ୍ଥାନେ ପୌରାଣିକ ବକ୍ତବ୍ୟର ବର୍ଣ୍ଣନା ବ୍ୟଞ୍ଜନାତ୍ମକ ଭାଷାର ପ୍ରମାଣ ଦିଏ । ଯଥା- "ନା ପ୍ରତି ନାରୀ ଚାହେଁ ତା' ସ୍ୱାମୀ ଭୀମ ପରି ବଳଶାଳୀ, ଅର୍ଜୁନ ପରି କଳାକୁଶଳୀ ଓ ଯୁଧିଷ୍ଠିର ପରି ନ୍ୟାୟବନ୍ତ ହୁଅନ୍ତୁ । ତା' ସାଙ୍ଗରେ ନକୁଳ ଓ ସହଦେବ ପରି ବାଧ୍ୟ ଆଉ ବଶମ୍ବଦ । ଆଉ କ'ଣ ? ହଁ, କର୍ଣ୍ଣଙ୍କ ପରି ସ୍ୱାଭିମାନୀ ପୁରୁଷ ମଧ୍ୟ ନାରୀଟିଏ ଚାହେଁ । ଅଥଚ ସବୁଯାକ ଗୁଣ କୌଣସି ଗୋଟେ ପୁରୁଷ ନିକଟରେ ଖୋଜିପାଇବା କଦାପି ସମ୍ଭବ ନୁହେଁ ।"[୭]

ଏହିଭଳି ଭାବରେ ଭାଷାଶୈଳୀରେ ଭିନ୍ନତା ରହିଥିଲେ ମଧ୍ୟ ଭାବବସ୍ତୁରେ ଏକ ଅନ୍ତଃସଂହତି ଲକ୍ଷଣୀୟ ।

**ବକ୍ତବ୍ୟ :**

ସମାଜରେ ଭଲମନ୍ଦ ଲୋକ ବାସ କରନ୍ତି । ମନ୍ଦଲୋକ କାର୍ଯ୍ୟକଳାପ ଅନ୍ୟମାନଙ୍କ ଉପରେ କୁପ୍ରଭାବ ପକାଇଥାଏ । ଏହା ବିରୋଧରେ ସ୍ୱର ଉଠାଇବା ସାଧାରଣ ସଂସ୍କାରଚେତ୍ ମନୁଷ୍ୟର କର୍ତ୍ତବ୍ୟ । ଏହା ଦ୍ୱାରା ସମାଜର ଭବିଷ୍ୟତ ମଙ୍ଗଳମୟ ହୋଇଥାଏ । ମଣିଷ ବିବେକବାନ୍ ନିଃସ୍ୱାର୍ଥପର ଜୀବିକା ନିର୍ବାହ କରିବା ଉଚିତ ଓ ଅସହାୟ ମଣିଷମାନଙ୍କ ପ୍ରତି ସହାନୁଭୂତି ରହିବା ଆବଶ୍ୟକ । ନାରୀ ଓ ପୁରୁଷ ମଧ୍ୟରେ ଥିବା ବୈଷମ୍ୟକୁ ଦୂର କରିବାରେ ସେ ବିଶ୍ୱାସୀ । ଗୋଟିଏ ପୁରୁଷର ସପକ୍ଷରେ ଅନେକ ସ୍ୱରଉତ୍ତୋଳନ ହୋଇପାରେ କିନ୍ତୁ ନାରୀର ଦୁଃଖଯନ୍ତ୍ରଣା ସମସ୍ତଙ୍କୁ କ୍ଷୀଣ ମାତ୍ରାରେ ଦେଖାଯାଏ । ନାରୀର ମନଗହନର ଅତଳକୁ ଭେଦ କରିବା ପୁରୁଷର ଯଥେଷ୍ଟ ସମ୍ଭବ ହୋଇନାହିଁ । ନୂଆକରି ନାରୀଟିଏ ଅଗକୁ ପାଦ କାଢ଼ିଲେ ପଛରୁ ଅସଂଖ୍ୟ ହାତ ତାକୁ ଜାବୁଡ଼ି ଧରନ୍ତି । ଗୌରହରି ଦାସ ତାଙ୍କ ଉପନ୍ୟାସରେ ସେହି ହାତମାନଙ୍କୁ ସବୁ ଦିଗରୁ ସତର୍କ କରିଦେଇଛନ୍ତି । ଏହା ବ୍ୟତୀତ ପ୍ରତ୍ୟେକ ନାରୀର ଅଧିକାରକୁ ସେ ଦାବି କରିଛନ୍ତି । ନାରୀର ସ୍ୱାଧୀନତାକୁ ସେ ସ୍ୱୀକାର କରିଛନ୍ତି । ତାଙ୍କର ଅଧିକାଂଶ ଉପନ୍ୟାସ ଅସହାୟ ନାରୀର କରୁଣ ବାସ୍ତବତାକୁ ଫୁଟାଇଛି ।

ମଣିଷ ସତ୍ୟ ଓ ନ୍ୟାୟ ପଥର ଯାତ୍ରୀ ହେବା ଆବଶ୍ୟକ । ମାତ୍ର ବର୍ତ୍ତମାନ ସମାଜରେ ସତ୍ୟ ପଥରେ ଚାଲୁଥିବା ବ୍ୟକ୍ତିର ଜୀବନ କଣ୍ଟକିତ । ପ୍ରତ୍ୟେକ ମଣିଷ ଜୀବନରେ ନିର୍ଣ୍ଣୟ ନେବାବେଳେ ଅନ୍ୟର ଯେପରି କ୍ଷତି ନ ହୁଏ ସେଥିପ୍ରତି ଧ୍ୟାନ ଦେବା ଉଚିତ । କିନ୍ତୁ କେତେକ ରାଜନୈତିକ ନେତା ଓ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ସାଧାରଣ ତଳିଆ କର୍ମଚାରୀ ଅସୁବିଧାରେ ପଡ଼ନ୍ତି । ମାନବିକତା ଦୃଷ୍ଟିକୋଣରୁ ଏସବୁ ଲୋପ ହେବା ଆବଶ୍ୟକ । ଉପନ୍ୟାସରେ ଦାମ୍ପତ୍ୟ ଜୀବନର ଦୁର୍ଦ୍ଦଶା ଉପସ୍ଥାପନା କରି ସଚେତନ କରାଇଛନ୍ତି । ବାସ୍ତବିକ୍ ସମାଜକୁ ପରିବର୍ତ୍ତନ କରିବାର ପ୍ରୟାସ ପ୍ରତ୍ୟେକ ଉପନ୍ୟାସରେ ଦେଖାଯାଏ, ଯାହା ଗୋଟିଏ ସ୍ରଷ୍ଟା ନିକଟରେ ନିତାନ୍ତ ଆବଶ୍ୟକ । ଔପନ୍ୟାସିକଙ୍କ ଆଶା ଏ ସୃଷ୍ଟି ସମସ୍ତଙ୍କର, ଏହାକୁ ସୁରକ୍ଷା କରିବା ମନୁଷ୍ୟର କର୍ତ୍ତବ୍ୟ । ଔପନ୍ୟାସିକଙ୍କର ସାମାଜିକ ପ୍ରତିବଦ୍ଧତା ସ୍ପଷ୍ଟ ହୁଏ ପ୍ରତ୍ୟେକ ଉପନ୍ୟାସରେ । ଦଳିତ, ନିଷ୍ପେଷିତ ତଥା ନିର୍ଯ୍ୟାତିତ ମଣିଷର ଦୁଃଖ ତାଙ୍କୁ ବିଗଳିତ କରିଛି । ଅର୍ଥ ଓ କ୍ଷମତାସମ୍ପନ୍ନ ବ୍ୟକ୍ତିର ପାଦତଳେ ନ୍ୟାୟ ଭୂଲୁଣ୍ଠିତା । ମାନବିକ ମୂଲ୍ୟବୋଧର ଜୟଗାନ କରିଛି ତାଙ୍କର ପ୍ରତ୍ୟେକ ଉପନ୍ୟାସ । ଏକ ସୁସ୍ଥ ସୁନ୍ଦର ସମାଜ ଓ ପୃଥିବୀର ପରିକଳ୍ପନା କରିଛନ୍ତି ଉପନ୍ୟାସିକ ।

### ଗୌରହରି ଦାସଙ୍କ ବୈଶିଷ୍ଟ୍ୟ :

ଗୌରହରି ଦାସଙ୍କ ଉପନ୍ୟାସର କେତେକ ବୈଶିଷ୍ଟ୍ୟ ଏଠାରେ ଆଲୋଚନା କରାଯାଇପାରେ । ତାଙ୍କ 'ଛାୟାସୌଧର ଅବଶେଷ' ଉପନ୍ୟାସର କଥାବସ୍ତୁ ମୁଖ୍ୟତଃ 'ଆଖଡ଼ା ଘର' (୧୯୮୯), 'ସ୍ୱପ୍ନ ପାଇଁ ରାତି ନାହଁ?' (୧୯୯୧) ଗଳ୍ପ ଦୁଇଟିରୁ ଗ୍ରହଣ କରାଯାଇଛି । ସାଧାରଣତଃ ନାରୀ ଚରିତ୍ର ତାଙ୍କ ଉପନ୍ୟାସରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ସେ ବିଶେଷ ଭାବରେ ଅସହାୟ, ନିଷ୍ପେଷିତ ଚରିତ୍ରକୁ ଆଧାର କରି ଲେଖୁଛନ୍ତି । ପ୍ରତ୍ୟେକ ଉପନ୍ୟାସରେ ରହିଛି ମୁଖବନ୍ଧ ଯାହା ଉପନ୍ୟାସକୁ ହୃଦୟଙ୍ଗମ କରିବାରେ ସହାୟକ ହୁଏ । ତାଙ୍କ ମୁଖବନ୍ଧ ମଧ୍ୟ ଗଳ୍ପଶୈଳୀରେ ବା କଥନଭଙ୍ଗୀରେ ଲିଖିତ । ତାଙ୍କର ରଚନା ଶୈଳୀରେ ମଧ୍ୟ କଥନଭଙ୍ଗୀ ରହିଛି ଯାହା ପାଠକକୁ ମଧ୍ୟ ଆକୃଷ୍ଟ କରେ । ପ୍ରତ୍ୟେକ ଉପନ୍ୟାସରେ ପ୍ରଥମ ପୁରୁଷୀୟ ଶୈଳୀ ଗ୍ରହଣ କରାଯାଇଛି ଏବଂ ପ୍ରାୟ ପ୍ରତ୍ୟେକଟିରେ ଫ୍ଲାସ୍‌ବ୍ୟାକ୍ ଶୈଳୀ ରହିଛି । ଏହା ରଚନାକୁ ଅଧିକ ବିଶ୍ୱସନୀୟ କରିଛି ।

ବାସ୍ତବିକ୍ ଗୌରହରି ଦାସଙ୍କ ଉପନ୍ୟାସକୁ ଆଲୋଚନା କଲାବେଳେ ଆମେ ତାଙ୍କୁ ଏକ ସମାଜ ସଚେତନ ସ୍ରଷ୍ଟା ଭାବରେ ଭେଟୁ । ପ୍ରତ୍ୟେକ ଉପନ୍ୟାସରେ ଦାର୍ଶନିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ । ସରଳ ସାବଲୀଳ ଭାଷାଶୈଳୀ ପୁଣି କଥନଭଙ୍ଗୀରେ ଉପସ୍ଥାପନା ବେଶ୍ ବୋଧଗମ୍ୟ । ସହର ସଭ୍ୟତା ସହିତ ଗ୍ରାମ୍ୟ ସଭ୍ୟତାର ସଂପର୍କ ତାଙ୍କ ଉପନ୍ୟାସରେ ଦେଖିବାକୁ ମିଳେ । ଅସହାୟ ମଣିଷର ସ୍ୱର ଉପନ୍ୟାସର ବିଷୟବସ୍ତୁ । ଏଥିସହିତ ଅନୁଭୂତିମୂଳକ କଥାବସ୍ତୁ ରୂପପାଇ ଉପନ୍ୟାସକୁ ଜୀବନ୍ତ କରାଇଛି, ଯାହା ଅସ୍ୱୀକାର କରାଯାଇନପାରେ ।

**ସହାୟକ ସୂଚୀ :**


୧. ଗାଁଣ, ହରେନ୍ଦ୍ର : ସାକ୍ଷାତକାର, ତା.୧୩/୧୦/୧୯, ଭୁବନେଶ୍ୱର

୨. ଦାସ, ଗୌରହରି : ଛାୟାସୌଧର ଅବଶେଷ, ପୃ.୭୪

୩. ଦାସ, ଗୌରହରି : ନିଜ ସଙ୍ଗେ ନିଜର ଲଢ଼େଇ, ପୃ.୧୪୦

୪. ଦାସ, ଗୌରହରି : ଛାୟାସୌଧର ଅବଶେଷ, ପୃ.୧୨

୫. ତତ୍ରୈବ, ପୃ.୧୩

୬. ଦାସ, ଗୌରହରି : ନିଜ ସଙ୍ଗେ ନିଜର ଲଢ଼େଇ, ପୃ.୧୬୬

୭. ଦାସ, ଗୌରହରି : କେତେ ରଙ୍ଗର ଜୀବନ, ପୃ.୫୨୭

୮. ଦାସ, ଗୌରହରି : ପଞ୍ଚପର୍ବ (ପାଞ୍ଚଟି ଉପନ୍ୟାସର ସମାହାର), ଫ୍ରେଣ୍ଡସ୍ ପବ୍ଲିସର୍ସ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ-୨୦୧୯



ଅଧ୍ୟାପକ, ନୀଳମଣି ମହାବିଦ୍ୟାଳୟ,
ରୂପ୍‌ସା, ବାଲେଶ୍ୱର
ଦୂରଭାଷ : ୮୫୯୯୮୯୬୮୬୧

ISSN -2583-147X (P), Vol.- 9, Issue No.IX, October 2023
**Bastabatara Pariprakash Prachee**
***Peer Reviewed and Referred Research Journal***

# ଲୋକକଥା କଳ୍ପନାରେ ଉତ୍ତରଅଶୀ ଓଡ଼ିଆ ଉପନ୍ୟାସ

**ଖଗେଶ୍ୱର ମେହେର**

ଆଧୁନିକ କଥାସାହିତ୍ୟ (Fiction) ରେ ଲୋକକଥାର ଏକ ସ୍ୱତନ୍ତ୍ର ଧାରା ତଥା ପ୍ରୟୋଗ ଅନୁଭୂତ ହୋଇଥାଏ । 'ଲୋକକଥା' (Folktale) ପ୍ରାଚୀନ କଥାସାହିତ୍ୟ ପରଂପରାର ଏକ ସର୍ବପ୍ରାଚୀନ ବିଭାଗ । ଶବ୍ଦର ବ୍ୟବହାର କରି ଭାଷାକୁ ଅଭିବ୍ୟକ୍ତିର ମାଧ୍ୟମ ରୂପେ ଗ୍ରହଣ କରିବା ପରେ 'କଥା' (Tale) ହେଉଛି ମଣିଷର ମୌଳିକ ସାହିତ୍ୟ ନିର୍ମାଣର ପ୍ରାଥମିକ ପ୍ରୟାସ । ତେଣୁ, ସାହିତ୍ୟରେ ଲୋକକଥାର ପ୍ରୟୋଗ ତଥା ବର୍ଣ୍ଣନା ପରିଲକ୍ଷିତ । ଲୋକକଥାରେ ଲୋକର ବଞ୍ଚୁଥିବା ବାସ୍ତବ ଜୀବନର ବର୍ଣ୍ଣନା ପରିବର୍ତ୍ତେ ବଞ୍ଚିବାକୁ ଚାହୁଁଥିବା ଜୀବନର ବର୍ଣ୍ଣନା ଅଧିକ ରହିଥାଏ । ଫଳରେ ଲୋକକଥା ଭିତରେ ଅଦ୍ଭୁତ, ଅସାଧାରଣ, ଉଦ୍ଭଟ ଓ ଅଲୌକିକ ଭାବରେ ବର୍ଣ୍ଣନା କରାଯାଇଥିବା ସାଧାରଣ ଘଟଣା ଓ ଚରିତ୍ରସମୂହହିଁ ସ୍ଥାନିତ ହୋଇଥାଏ । ପୁଣି, ଏହା ଭିତରେ ବହୁଳ ଭାବରେ ସ୍ଥାନ ପାଇଥିବା ଦେବତା, ଅସୁର, ଯକ୍ଷ, ପରୀ, ବ୍ରହ୍ମରାକ୍ଷସ, ଭୂତ-ପ୍ରେତ, ସର୍ପ ଇତ୍ୟାଦି ଜୀବନ (କାଳ୍ପନିକ ଓ ବାସ୍ତବ)ର ବିଶେଷ ଭୂମିକା ରହିଥାଏ; ଯେଉଁଥିରୁ କବି ଲୋକର ସାମୂହିକ ମାନସିକତାର ତଥା ତା'ର ଆଶା, ଆକାଂକ୍ଷା, ସ୍ୱପ୍ନ ଓ ସମ୍ଭାବନାର ସ୍ୱରୂପକୁ ପାଠକ ଅନୁଭବ କରିଥାଏ । ସୁତରାଂ, ଏଥିରେ ଲୋକର ଉଭୟ ଜୀବନ (ବଞ୍ଚୁଥିବା ଓ ବଞ୍ଚିବାକୁ ଚାହୁଁଥିବା ଜୀବନ)ର କଥା ପ୍ରତ୍ୟକ୍ଷ ଭାବରେ ପ୍ରତିଫଳିତ ନହୋଇ ପ୍ରତୀକାତ୍ମକ ରୀତିରେ ପ୍ରକାଶିତ ହୋଇଥାଏ । ପୁଣି, ଏଥିରେ ଲୋକର ବାସ୍ତବ ଜୀବନର ଅଭାବପୂର୍ଣ୍ଣ କଥା ରହିଥାଏ । ଏହି ହିସାବରେ ଦେଖିଲେ, ଲୋକକଥା, ଲୋକ-ମାନସର ଏକ ଅତି ପ୍ରିୟ ଅଥଚ କଳାତ୍ମକ ବିଭବଟିଏ । ଏହି କଳାତ୍ମକତାର ପରିପ୍ରକାଶ ଆଧୁନିକ କଥାସହିତ୍ୟରେ ବେଶ୍ ବିଦ୍ୟମାନ । ଅର୍ଥାତ୍, ଲୋକକଥା କଳ୍ପନାର ଏକ ଚମତକାର ପ୍ରୟୋଗ ଆଧୁନିକ କଥାସାହିତ୍ୟ 'ଉପନ୍ୟାସ'ରେ ବେଶ୍ ପରିଲକ୍ଷିତ । ତେଣୁ, ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଏହି ଲୋକକଥା କଳ୍ପନାର ପ୍ରୟୋଗକୁ ନିମ୍ନରେ ଲକ୍ଷ୍ୟ କରାଯାଇପାରେ ।

୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଲୋକକଥା କଳ୍ପନାର ଏକ ସ୍ୱତନ୍ତ୍ର ଭିତ୍ତି ତଥା ପ୍ରୟୋଗ ଅନୁଭୂତ ହୋଇଥାଏ । ଉକ୍ତ କାଳର ପ୍ରମୁଖ ଔପନ୍ୟାସିକଗଣ, ଯଥା- ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋଜ ଦାସ, ହୃଷୀକେଶ ପଣ୍ଡା, ରାଜେନ୍ଦ୍ର କିଶୋର ପଣ୍ଡା, ଭୀମ ପୃଷ୍ଟି ପ୍ରମୁଖଙ୍କ ଉପନ୍ୟାସରେ ଲୋକକଥାର ଚମତ୍କାର ପ୍ରୟୋଗ ଘଟିଅଛି । ଯଥା- ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଅନୁ ହଜିଯିବା ପରେ' (୧୯୯୫); ମନୋଜ ଦାସଙ୍କ 'ଗୋଧୂଳିର ବାଘ' (୧୯୯୨), 'କନିକ ଉପତ୍ୟକାର କାହାଣୀ' (୧୯୯୪), 'ଅମୃତଫଳ' (୧୯୯୬), 'ତନ୍ଦ୍ରାଲୋକର ପ୍ରହରୀ' (୨୦୦୦), 'ଶେଷ ତାନ୍ତ୍ରିକର ସନ୍ଧାନରେ' (୨୦୧୮); ହୃଷୀକେଶ ପଣ୍ଡାଙ୍କ 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ' (୧୯୮୬), 'ଗର୍ବ କରିବାର କଥା' (୨୦୧୦); ଭୀମ ପୃଷ୍ଟିଙ୍କ 'କୁଆଡ଼େ ଚାଲିଛ ରୁହ' (୨୦୧୧) ଇତ୍ୟାଦି ଉପନ୍ୟାସ ଏହାର ଉଲ୍ଲେଖନୀୟ ଦୃଷ୍ଟାନ୍ତ ।

ଏହି କ୍ରମରେ ପ୍ରଥମେ ଆସିବା ଔପନ୍ୟାସିକ ପଣ୍ଡାଙ୍କର ଦ୍ୱିତୀୟ ଉପନ୍ୟାସ 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ' (୧୯୮୬) ଆଡ଼କୁ । ଲୋକକଥା ଦୃଷ୍ଟିରୁ ଏଥିରେ ରହିଛି ଏକ ପରୀ କାହାଣୀର ଚିତ୍ର । ଏହି ଚିତ୍ରଟି ପ୍ରକାଶ ପାଇଛି ଉପନ୍ୟାସର ନାୟିକା କୁନ୍ତୀ ଜୀବନର କାହାଣୀକୁ ବର୍ଣ୍ଣନା କଲାବେଳେ; ଯେଉଁଠି କୁନ୍ତୀ ଜୀବନର ବାସ୍ତବତା ପ୍ରକାଶିତ ହୋଇଛି । ଔପନ୍ୟାସିକଙ୍କ ଭାଷାରେ, "କୁନ୍ତୀର ମନେପଡ଼ିଲା ଏକ ନିର୍ଦ୍ଦିଷ୍ଟ ରାଜପୁତ୍ର ଓ ପରୀକାହାଣୀ କଥା; ଯାହା ସେ ଅନେକ ଦିନ ଆଗରୁ ବୁଢ଼ୀମା' ପାଖରୁ ଶୁଣିଥିଲା । ସେଥିରେ ପରୀଟି ପ୍ରାକୃତରେ କୌଣସି ଅଭିଶାପ ହେତୁ କାଚକେନ୍ଦୁ ପରି ପାଣି ଓ ଶଙ୍ଖମଲମଲ ପଥରର ଗୁଠ ନିକଟରେ କାନ୍ଦୁଥିଲା । ଗପ ଶେଷରେ ରାଜକୁମାରର ବୀରତ୍ୱ ହେତୁ ପରୀ ମୁକ୍ତ ହୋଇ ସ୍ୱର୍ଗକୁ ଫେରିଗଲା ଓ ଗଲାବେଳେ 'ପରଜନ୍ମରେ ମିଳନ ହେବ' ବୋଲି କହିଗଲା । x x x  କିନ୍ତୁ ଏହି ଦୁଃଖୀ ଅନ୍ତ କାହାରି ପସନ୍ଦ

ହେଲାନାହିଁ ଓ ବୁଢ଼ୀମା' ବ୍ରମ୍ମ ହୋଇ ପରୀକୁ ରାଜକୁମାର ସାଙ୍ଗେ ବାହା କରେଇଦେଲା । କୁନ୍ତୀ ଜାଣିଥିଲା ଇଚ୍ଛାକଲେ ଜଳପରୀ ହୋଇ ସେ ଖୋଜି ଆଣିବ ତା ଅତୀତ, ପାଣିତଳେ ଲୁଚିଯାଇଥିବା କାନକୋଳି ବଣ, କାଇଁଚ ମାଳି ଓ ନଈରେ ସ୍ୱପ୍ନରେ ବୁଲୁଥିବା ପରୀକାହାଣୀର ରାଜକୁମାର । x x x ଯାତ୍ରାରେ ଯୁଦ୍ଧ, ଯୁଦ୍ଧବାଦ୍ୟ ଓ ଖଳନାୟକ ହାତରେ ରାଜକୁମାର ହତ୍ୟା ହେବାକୁ ଯାଉଥିବା ମୁହୂର୍ତ୍ତରେ ରାଜକୁମାରୀର କୌଶଳ ଦ୍ୱାରା ଶେଷ ମୁହୂର୍ତ୍ତରେ ଉଦ୍ଧାର ।"(୪) ତେବେ, ଉପନ୍ୟାସଟିରେ ନାୟକ ଗୋବିନ୍ଦ ଓ ନାୟିକା କୁନ୍ତୀ ଚରିତ୍ରକୁ ନେଇ ଅନେକ ସମୟରେ ଏହି ପରୀକାହାଣୀର ଚିତ୍ର ପ୍ରକାଶ ପାଇଛି । ଗୋବିନ୍ଦ କୁନ୍ତୀକୁ ଭଲପାଇ, ତା'ଠୁ ଦୂରେଇଯାଇ ଶେଷରେ 'ଭାଗଚାଷୀ ଆନ୍ଦୋଳନ'ରେ ସାମିଲ ହୋଇଯାଇଛି । ଜୀବନସାରା କୁନ୍ତୀ ଅବିବାହିତା ହୋଇ ରହିଯାଇଛି । ପରିଶେଷରେ ତା'ଜୀବନର ସୂର୍ଯ୍ୟାସ୍ତ ଆସି ଯାଇଛି । ସେ ଚାଲିଯାଇଛି ହରିଣ ପିଠିରେ କେଉଁ ଏକ ଅଜଣା ସୂର୍ଯ୍ୟାସ୍ତକୁ । ଏ କଥାକୁ କହିବାକୁ ଯାଇ ଶେଷରେ ଲେଖକ କହୁଛନ୍ତି- "ମୋ କଥାଟି ସରିଲା/ଫୁଲଗଛଟି ମରିଲା ।"(୬) ଏଠାରେ କଥାଟି ସରିଯାଉଛି ଓ କଥକ ଆରମ୍ଭ କରୁଛି ଅନ୍ତିମ କଥାନି । କିନ୍ତୁ ପ୍ରକୃତରେ ଏଠି ନା କଥାଟି ସରୁଛି, ନା କଥକ । ମଣିଷର ଜୀବନ ତ ଜନ୍ମ ଓ ମୃତ୍ୟୁରେ ବନ୍ଧା । ଭାରତୀୟ ଦର୍ଶନରେ ମଣିଷ ଜନ୍ମ ଓ ମୃତ୍ୟୁର ପରିଧି ଭିତରେ ବଞ୍ଚେନାହିଁ । ମୃତ୍ୟୁ ଏକ ଏକ ନୂତନ ଜୀବନର ଆଦ୍ୟ ସୋପାନକୁ ଉନ୍ମୁକ୍ତ କରିଥାଏ । ଫଳତଃ ଏଠାରେ ଜୀବନ ବୃତ୍ତାକାର ଅନୁଭୂତିର କ୍ଷେତ୍ର ମାତ୍ର । ତେଣୁ, ଏଠାରେ କଥାଟିଏ କହିଲାବେଳେ କଥକ ଏହିପରି ଆରମ୍ଭ କରିଥାଏ । ତେବେ, ଏଠାରେ, କଥକ ହୃଷୀକେଶ ପଣ୍ଡା ଉପନ୍ୟାସର ନାୟିକା କୁନ୍ତୀ ଜୀବନର ଅନ୍ତିମ କଥାଟିକୁ କହିଛନ୍ତି ଉକ୍ତ ଦୃଷ୍ଟାନ୍ତ ମାଧ୍ୟମରେ ।

ପରୀ କାହାଣୀଧର୍ମୀ ଲୋକକଥା ପ୍ରୟୋଗର ଅନ୍ୟତମ ଦୃଷ୍ଟାନ୍ତ ହେଲା ଔପନ୍ୟାସିକ ମନୋଜ ଦାସଙ୍କ 'କନକ ଉପତ୍ୟକାର କାହାଣୀ' (୧୯୯୪) । ବାସ୍ତବରେ ଏହା ପରୀକାହାଣୀଧର୍ମୀ ଏକ କ୍ଷୁଦ୍ର କିଶୋରୀ ଉପନ୍ୟାସ । କିନ୍ତୁ, ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏହା ଉପଭୋଗ୍ୟ । ଜୀବନକୁ ସରସ, ସୁନ୍ଦର, ଜୀବନ୍ତ ଓ ହସହସ କରିବାର ମାର୍ଗ ପୁଣି ଉନ୍ମୋଚିତ ହୋଇଛି ଏଥିରେ । ଈର୍ଷା, ଲୋଭ ଓ ଅଜ୍ଞାନତା ମଣିଷର ଶତ୍ରୁ ଏବଂ ସଂଗ୍ରାମ ଓ ସଂଘର୍ଷ ଜୀବନକୁ କରେ ସୁନ୍ଦର ଓ ଉପଭୋଗ୍ୟ । ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧ ଓ ଭଲପାଇବାର ମାନସିକତାହିଁ ମଣିଷକୁ କରେ ପ୍ରାଣବନ୍ତ । ସୂର୍ଯ୍ୟ କେବଳ ଆଲୋକର ଉତ୍ସ ନୁହେଁ, ଜ୍ଞାନର ମଧ୍ୟ ଉତ୍ସ । ଜୀବନର ଏହି ମନ୍ତ୍ର ଓ ଆଚରଣରେ ଏହାର ଉଚ୍ଚାରଣ ମଣିଷକୁ କେବଳ ସନ୍ତୋଷ ଦିଏନାହିଁ, ତାକୁ କରେ ପୁଣି ସ୍ୱୟଂସଂପୂର୍ଣ୍ଣ । ମହତ୍ତର ଜୀବନର ଏହି ଉଦ୍ଦେଶ୍ୟକୁ ରୂପାୟନ କରିଛନ୍ତି କଥାକାର ମନୋଜ ଦାସ । ତେବେ ଉପନ୍ୟାସଟି ପ୍ରାଚୀନ ଲୋକକାହାଣୀର ଆଙ୍ଗିକ (Form) ରେ ହିଁ ମୁଖ୍ୟତଃ ରଚିତ । ଏହାର କଥାବସ୍ତୁ, ଚରିତ୍ର, ବର୍ଣ୍ଣନାଶୈଳୀ ଆଦି ମୁଖ୍ୟତଃ ପ୍ରାଚୀନ ଲୋକକାହାଣୀ ଆଧାରିତ ଏଥିରେ ଏକ ସୁବର୍ଣ୍ଣ ପ୍ରତିମାର କାହାଣୀ ରହିଛି ଓ ସେହି ପ୍ରତିମାଟିକୁ ରାଜୁ ନାମକ ଜଣେ ବାଳକ ଜୀବନ୍ୟାସ ଦେଇଛି । ପ୍ରତିମାଟି କିଭଳି ଜୀବନ୍ୟାସ ପାଇପାରିବ, ସେଥିପ୍ରତି ରାଜୁ ଆପ୍ରାଣ ଚେଷ୍ଟା କରିଛି । ପରିଶେଷରେ ସେ ସନ୍ତୋଷ ରାଜ୍ୟରେ ପହଞ୍ଚିବ ଓ ସେଠାକାର ଜଣେ ଦୟାଳୁ ସାଧୁଙ୍କଠାରୁ ତିନୋଟି ବର ପ୍ରାପ୍ତ ହୋଇଛି । ସେହି ତିନୋଟି ବର ହେଲା- ସୁବର୍ଣ୍ଣ ପ୍ରତିମାର ଜୀବନ, ଜ୍ଞାନବିଜ୍ଞାନ ରାଜ୍ୟର ମଣିଷମାନଙ୍କ ପାଇଁ ହସ ଓ ସନ୍ତୋଷ ରାଜ୍ୟର ରାଜକନ୍ୟାପାଇଁ ସଂଗୀତ ଗାନର କ୍ଷମତା । ଉପନ୍ୟାସଟିରେ ଚିତ୍ରିତ କନକ ଉପତ୍ୟକାର ସୁବର୍ଣ୍ଣ ପ୍ରତିମାର ଯେଉଁ ମୁଦିଟି ରାଜୁ ପିନ୍ଧିଥିଲା, ତାହା ସୁବର୍ଣ୍ଣ ପ୍ରତିମାକୁ ପିନ୍ଧାଇ ଦେବାପରେ ସେ ଜୀବନ୍ୟାସ ପାଇଛି । ସନ୍ତୋଷ ରାଜ୍ୟର ରାଜକୁମାରୀର ଜୀବନ ଏହି ସୁବର୍ଣ୍ଣ ପ୍ରତିମାରେ ରହିଛି ବୋଲି ଜାଣି ରାଜୁ ବେଶ୍ ଆନନ୍ଦିତ ହୋଇଛି । ଏହି କାହାଣୀଟି ଭିତରେ ସୁବର୍ଣ୍ଣ ପ୍ରତିମା, ରାଜକନ୍ୟା, ରାଜୁ, ସମେତ ଯୋଗୀ, ସାଧୁ, ରାଜା, ଯାଦୁକର ଆଦି ଚରିତ୍ର ରହିଛନ୍ତି । ଏଥିରେ ଚିତ୍ରିତ ସୁବର୍ଣ୍ଣ ପ୍ରତିମା ଚରିତ୍ରଟି ଏକ ପରୀରେ ପରିଣତ ହୁଏ । ଯାହାକି, ଉପନ୍ୟାସଟିରେ ରହିଛି ଏକ ପରୀକାହାଣୀର ଚିତ୍ର । ତେବେ, ପରୀକାହାଣୀ ଭଳି କୁହୁକ-ବର୍ଣ୍ଣନା, ଫାଣ୍ଟାସି, ହାସ୍ୟବ୍ୟଙ୍ଗ ଆଦି ଶୈଳୀର ପ୍ରୟୋଗ ମଧ୍ୟ ଘଟିଛି ଏଥିରେ ଓ ଉପନ୍ୟାସଟିରେ କନକ ଉପତ୍ୟକା ଭଳି ଏକ ରହସ୍ୟାତ୍ମକ ଉପତ୍ୟକାର ପରିକଳ୍ପନା କରିଛନ୍ତି ଔପନ୍ୟାସିକ; ଯେଉଁଠି ଅନେକ କୁହୁକ ବିଜଡ଼ିତ ଘଟଣା ଘଟି ଯାଉଛି । ଉପନ୍ୟାସଟିରେ ଏକ କୁହୁକମୟ ଚରିତ୍ର ହେଉଛି ରାଜୁ । ସେ ନିଜ ଉପରେ ନୂଆ କରି ଶିଖିଥିବା ବିଜ୍ଞାନର ପ୍ରୟୋଗ କରିବା, ଚାହୁଁଚାହୁଁ ଶକ୍ତି ତରଙ୍ଗରେ ପରିଣତ ହୋଇ ଅଦୃଶ୍ୟ ହୋଇଯିବା, ଅଦୃଶ୍ୟ ଶକ୍ତି ତରଙ୍ଗକୁ ପୁଣି ନିଜ କଳେବରରେ ପରିଣତ କରିବା ଆଦି ଘଟଣା ବେଶ୍ କୁହୁକମୟ ମନେହୋଇଥାଏ । ପୁଣି ଏଥିରେ ରହିଛି ଏକ ସୁବର୍ଣ୍ଣ ପ୍ରତିମା; ଯିଏ ପରୀରେ ପରିଣତ ହୁଏ । ଏହା ମଧ୍ୟ ଏକ କୁହୁମମୟ ଚରିତ୍ର । ଏହା ବ୍ୟତୀତ ଏଥିରେ ରହିଛି ପୁଣି ଏକ ଯାଦୁକର ଚରିତ୍ର । ଏ ଚରିତ୍ରଟି ମଣିଷକୁ ଭାଲୁ କରିଦେବା ଓ ଭାଲୁକୁ ପୁଣି ମଣିଷ କରିଦେବା ବାସ୍ତବିକ କୁହୁକମୟ ବା ଫାଣ୍ଟାସି ପରି ମନେହୁଏ । ତା'ଛଡ଼ା ଉପନ୍ୟାସଟିରେ ତରଭୁଜ ତଥା ନକ୍ଷତ୍ର

ଫଳର ପରିକଳ୍ପନା ମଧ୍ୟ ବାସ୍ତବିକ କୁହୁକମୟ ବା ଫାଣ୍ଟାସିଧର୍ମୀ । ଯଥା– ସନ୍ତୋଷ ରାଜ୍ୟର ନୀଳପର୍ବତରେ, ଅନନ୍ୟ ବୃକ୍ଷରେ ବର୍ଷକରେ ଥରେମାତ୍ର ଫଳୁଥିବା ନକ୍ଷତ୍ର ଫଳ ଖାଇଲେ ଯାଇ ରାଜାର ଲକ୍ଷ୍ୟ ପୂରଣ ହେବା; ପୁଣି ନକ୍ଷତ୍ର ଫଳଟି ପାଚିଲାଣି କି ନାହିଁ, ତାକୁ ଦେଖିବାକୁ ରାଜକନ୍ୟା ହରିଣ, ଶଶକ, ଗୁଣ୍ଡୁଚିମୂଷା, ଚଢ଼େଇ ତଥା ଛଅଁାଣ ଆଦିଙ୍କୁ ପଠାଇବା, ସେମାନଙ୍କ ସହ କଥାବାର୍ତ୍ତା କରିବା; ପୁଣି ଦୁଃଖ-ସୁଖ ବାଣ୍ଟିବା ଆଦି ଫାଣ୍ଟାସି ଶୈଳୀର ଅନ୍ୟତମ ନିଦର୍ଶନ । ଏଥିରେ ଫାଣ୍ଟାସି ଶୈଳୀ ବ୍ୟତୀତ ହାସ୍ୟ-ବ୍ୟଙ୍ଗର ଉଦ୍ରେକ ମଧ୍ୟ ହୋଇଛି । ଯଥା– ରାଜା ବିଜ୍ଞମଣ୍ଡଳୀ ଗଠନ କରିବା ଓ ନିଜକୁ ଅତି ବିଜ୍ଞ ମନେକରିବା ହାସ୍ୟରସର ଉଦ୍ରେକ କରିଥାଏ । ପୁଣି, ରାଜାଙ୍କୁ ଖୁସି କରିବା ନିମିତ୍ତ ନାୟକମାନଙ୍କୁ ଶୀର୍ଷାସନରେ ରହି ସଂଗୀତଗାନ କରିବାପାଇଁ ନିର୍ଦ୍ଦେଶ ଦେବା ମଧ୍ୟ ହାସ୍ୟାକର ମନେ ହୋଇଥାଏ । ମୋଟ ଉପରେ ଦେଖିଲେ, ଏକ ପ୍ରାଚୀନ ଲୋକକାହାଣୀର ଆଙ୍ଗିକ ମାଧ୍ୟମରେ ମଣିଷର ଆତ୍ମିକ ଚେତନାର ଉତ୍ତରଣର ବାର୍ତ୍ତା ଏଥିରେ ପ୍ରଦତ୍ତ ହୋଇଅଛି; ଯାହାକି ପ୍ରାଚୀନ ଲୋକକଥା କଳ୍ପନାଭିତ୍ତିରେ ଉକ୍ତ ଉପନ୍ୟାସଟିରେ ମୂଲ୍ୟକୁ ଅସ୍ୱୀକାର କରିହୁଏନାହିଁ ।

ଲୋକକଥା କଳ୍ପନାର ଅନ୍ୟତମ ଉଲ୍ଲେଖନୀୟ ନିଦର୍ଶନ ହେଉଛି ଔପନ୍ୟାସିକ ଭୀମ ପୃଷ୍ଟିଙ୍କ 'କୁଆଡ଼େ ଚାଲିଛ ରୁହ' (୨୦୧୧) ଉପନ୍ୟାସଟି । ଏଥିରେ ଏକ ଭିନ୍ନ କଥାବସ୍ତୁ ଗ୍ରହଣ କରିଛନ୍ତି ଲେଖକ । ଏ ଉପନ୍ୟାସଟି ହେଉଛି ଜଣେ ମଣିଷର ମୃତ୍ୟୁପରର କାହାଣୀ ଏ କାହାଣୀ ଭିତରେ ଲେଖକ ଅତିକଳ୍ପନା (Fantasy) ର ପ୍ରୟୋଗ କରିଅଛନ୍ତି । ଯେପରି– ଶବଟି ପଡ଼ିଛି ଏବଂ ସେଠୁ ବାହାରିଯାଇଥିବା ଆତ୍ମାଟି ପୁଣି ଏକ ମଣିଷ ହୋଇ ଭେଟୁଛି ବିଭିନ୍ନ ମଣିଷଙ୍କୁ ଓ ସେମାନଙ୍କ ସହ ବିତାଉଛି ସମୟ । ଏହା ଅତିକଳ୍ପନାର ଏକ ପରିପ୍ରକାଶ । ମୃତ୍ୟୁପରର ଜୀବନ ସବୁବେଳେ ରହସ୍ୟମୟ, କୌତୁହଳପ୍ରଦ ଏବଂ ଜିଜ୍ଞାସାର ବିଷୟ । ତେବେ, ଏଥିରେ ପ୍ରେତଲୋକର କାହାଣୀକୁ ଏକ ଫାଣ୍ଟାସିରେ ପରିଣତ କରିଅଛନ୍ତି ଔପନ୍ୟାସିକ । ପ୍ରାଚୀନ କାହାଣୀମାନଙ୍କର କାୟା ପ୍ରବେଶର କଥା ବର୍ଣ୍ଣନା କରାଯାଇଛି ଏବଂ ଅନ୍ୟର କାୟାରେ ପ୍ରବେଶ କରି ଅନୁଭୂତି ସଂଗ୍ରହ ସମ୍ପର୍କରେ କିଛି ଭୌତିକ ଏବଂ ଅତିଭୌତିକ କଥାର ଅବତାରଣା କରାଯାଇଛି । କିନ୍ତୁ, ଏ ଉପନ୍ୟାସଟିରେ କଥାକାରଙ୍କର ପରିବେଷଣ ଶୈଳୀ ଏକ ଭିନ୍ନ ସ୍ୱାଦ ଦିଏ । ଉପନ୍ୟାସଟିରେ ଫାଣ୍ଟାସିର ବର୍ଣ୍ଣନା ହୋଇଛି ଏହିପରି– "ସେ ଭୟରେ ସେହି ଗଛ ଉପରକୁ ଚଢ଼ିଗଲା । ସେ ଗଛରେ ଚଢ଼ିଛି କି ନାହିଁ ଚାହୁଁ ଚାହୁଁ ଫୁଲମାନେ ମାଟିକୁ ଖସିପଡ଼ିଲେ । ଭୂଇଁରେ ଫୁଲ ଫୁଟି ଚାହୁଁ ଚାହୁଁ ଫଳ ହୋଇଯାଇଥିଲା । ଚାହୁଁ ଚାହୁଁ ଫଳ ପାଚି ମଞ୍ଜି ଚାରିଦିଗକୁ ବିଞ୍ଚି ହୋଇପଡୁଥିଲା । ସେଥିରୁ ଚାହୁଁ ଚାହୁଁ ଗଛରୁ ଫୁଲ ତଳେ ପଡ଼ି, ଚାହୁଁ ଚାହୁଁ ଫଳ ପଚି, ମଞ୍ଜି ବିଞ୍ଚିହୋଇ ପଡ଼ି ଗଛ ଉଠିଯାଇଥିଲା ଚାହୁଁ ଚାହୁଁ ।"[୭] ଏଥିରେ ଚିତ୍ରିତ ମଣିଷ ଚରିତ୍ରଟି ମୃତ୍ୟୁପରେ ଉଭୟ ପ୍ରେତଲୋକ ଏବଂ ଇହଲୋକର ବିଭିନ୍ନ ଚରିତ୍ରଙ୍କ ସହ ସାକ୍ଷାତ୍ କରିଛି । ସମାଜରେ ପ୍ରେମ, ପ୍ରତାରଣା, ଶଠତା, ପାପଗର୍ଭ, ଆତ୍ମହତ୍ୟା ଆଦିକୁ ବିଭିନ୍ନ ଚରିତ୍ର ମାଧ୍ୟମରେ ଭେଟିଛି । ତେବେ, ଉପନ୍ୟାସଟିରେ ଯେଉଁ ବର୍ଣ୍ଣନା ହୋଇଛି, ତାହା ରାତି ନଅଟାରୁ ତା'ପରଦିନ ସକାଳ ପର୍ଯ୍ୟନ୍ତ, ଅତିବେଶୀରେ ମାତ୍ର ଦଶଘଣ୍ଟା ପର୍ଯ୍ୟନ୍ତ । ଏଥିରେ ମରିଯାଇଥିବା ନାୟକଟି ପ୍ରେତ ରୂପରୁ ତା' କାୟାରୂପକୁ ପୁନର୍ବାର ଫେରିବାକୁ ଚାହିଁଛି । ଏହି ଧରଣର ବିଷୟ-ବର୍ଣ୍ଣନା ଔପନ୍ୟାସିକ ଚନ୍ଦ୍ରଶେଖର ରଥଙ୍କ 'ନବଜାତକ' (୧୯୮୧) ଉପନ୍ୟାସଟିରେ ମଧ୍ୟ ହୋଇଥିବାର ପରିଲକ୍ଷିତ ହୁଏ । ଏ ଉପନ୍ୟାସ ସଂପର୍କରେ ଲେଖକ କହନ୍ତି– "କୌଣସି ଅସାମାନ୍ୟ ଭୂମିରେ ସ୍ୱପ୍ନାବିଷ୍ଟ ବିଚରଣ କରୁଥିଲାବେଳେ ସମ୍ଭବ-ଅସମ୍ଭବ ଅନେକ ତନ୍ତୁବିସ୍ତାର ଏକ ରୂପ ପରିଗ୍ରହ କଲା । ତା'ର କିଛି ଅଂଶ ଅବିଚଳିତ, ଗମ୍ଭୀର, କାଳ-ସମ୍ମତ ଏବଂ ପରିଚିତ, ଅଥଚ ଅନ୍ୟ ଅଂଶଟି ଏକ ଭାସମାନ, ଅଜ୍ଞାତ, ସ୍ୱର୍ଣ୍ଣାଭ ମେଘଖଣ୍ଡର ସୁଦୂର ପ୍ରତିଶ୍ରୁତି ପରି ଅପରିମେୟ । ସେ ସମଗ୍ର ରୂପଟିର ନାମ 'ନବଜାତକ' ।"[୮] ତେବେ ଉପନ୍ୟାସଟିରେ ଔପନ୍ୟାସିକ ଲୌକିକ ଭୂମିରେ ଅଲୌକିକତାର ସ୍ପର୍ଶ ବା ଉପଲବ୍ଧିକୁ ଦର୍ଶାଇଅଛନ୍ତି । ଏଥିରେ ଚିତ୍ରିତ ବୃହତ୍ ଓ ଦୀକ୍ଷୀତ ଦୁଇଟି ଅଦ୍ଭୁତ ଚରିତ୍ର । ସେମାନଙ୍କ ବୟସର ସୀମା ନାହିଁ । ସେମାନେ ଜୀବନ୍ମୁକ୍ତ ଓ ବ୍ରହ୍ମଲୀନ । କାରଣ, ସେମାନେ କାଳକୁ ଅତିକ୍ରମ କରିଅଛନ୍ତି । ବାସ୍ତବରେ ଏ ଉପନ୍ୟାସଟି ଏକ ଅଲୌକିକ ଜଗତ ଏବଂ ଅଲୌକିକ ଚରିତ୍ରର କାହାଣୀ । ଏଥିରେ ବୃହତ୍ ଏକ ବାୟବ୍ୟ ପୁରୁଷ; ଯିଏକି ଏକ ଜଗତରେ ପ୍ରତିଷ୍ଠିତ ଏକ ସ୍ୱୟଂସିଦ୍ଧ ସତ୍ତା । ସେହିପରି ଦୀକ୍ଷିତ ଭିକ୍ଷୁ ମଧ୍ୟ ଏକ ଲୋକାନ୍ତରିତ ତୈଜସ ପୁରୁଷ; ଯିଏକି କାୟା ପ୍ରବେଶ ପରେ ପରେ ଦୀକ୍ଷିତ ଭିକ୍ଷୁଙ୍କ ନାମ-ରୂପକୁ ସ୍ୱୀକାର କରିଛନ୍ତି । ଉପନ୍ୟାସଟିରେ 'ଅତିକଳ୍ପନା' (Fantasy) ର ବିଶେଷ ପ୍ରୟୋଗ ହୋଇଥିବାର ପରିଲକ୍ଷିତ ହୁଏ । ଯଥା– "ବୃହତ୍‌ଙ୍କ ସହିତ ସାଧନାର ଗୋଟିଏ ସ୍ତରରେ ଚେତନା ଭୂମିରେ ଏମାନଙ୍କର ପରିଚୟ ରହିଛି । କିନ୍ତୁ ତାଙ୍କୁ ସଶରୀର ଏମାନେ କେହି ଦେଖି ନାହାନ୍ତି, ଶୁଣିଛନ୍ତି କେବଳ । ଜାଣିଛନ୍ତି ଯେ ନଈକୂଳର ବାଲିବନ୍ତ ଉପରେ ସେ ଅଦୃଶ୍ୟ ହୋଇଥାଆନ୍ତି; କେଉଁ କାଳୁ କେଉଁ କାଳ ପର୍ଯ୍ୟନ୍ତ କେହି କହିପାରିବେ ନାହିଁ । ଦୀକ୍ଷିତ ଭିକ୍ଷୁଙ୍କ ସହିତ ତାଙ୍କର ଗଭୀର ଆଳାପ ହୁଏ । ତାଙ୍କ ଦୁହିଁଙ୍କର ସଂପର୍କ ବିଷୟରେ

କେହି କିଛି ଜାଣନ୍ତି ନାହିଁ । ଏତିକି କେବଳ ସହରରୁ ଶୁଣିବାକୁ ମିଳେ ଯେ ଦୀକ୍ଷିତ ତ ଭିକ୍ଷୁ ମୃତ୍ୟୁପରେ ପୁଣି ଶରୀରକୁ ପ୍ରବେଶ କରିଛନ୍ତି । ଆହୁରି ଶୁଣିବାକୁ ମିଳେ ଯେ ଏକ ଅଦ୍ଭୁତ ରୂପ ସେ ସହର ଉପାନ୍ତରେ ଦେଖାଦେଇଥିଲା । ତାକୁ ବୃହତ୍ ଆସି ନେଇ ଯାଇଥିଲେ । ତା'ପର ତାକୁ କିମ୍ବା ବୃହତ୍‌ଙ୍କୁ କେହି ଦେଖି ନାହାନ୍ତି । ସେଇ ଘଟଣା ପରେ କିନ୍ତୁ ଦୀକ୍ଷିତ ଭିକ୍ଷୁ ପୁଣି ଆବିର୍ଭୂତ ହୋଇଛନ୍ତି । କିପରି କ'ଣ ହେଲା କେହି କହିପାରିବେ ନାହିଁ ।"[୯] ମୋଟ ଉପରେ ଦେଖିଲେ, ଜାତକ କଥାର ଶୈଳୀରେ ଉପନ୍ୟାସଟିର କଥା-କଳ୍ପନା ନିର୍ମିତ ହୋଇଛି; ଯାହାକି ଲୋକକଥା କଳ୍ପନା ଆଧାରରେ ଉପନ୍ୟାସଟିର ମୂଲ୍ୟକୁ ଅସ୍ୱୀକାର କରାଯାଇନପାରେ ।

ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଅନୁ ହଜିଯିବା ପରେ' (୧୯୯୫) ଲୋକକଥା କଳ୍ପନାର ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତ । ଏଥିରେ ରହିଛି ଅତିକଳ୍ପନା ବା ଫାଣ୍ଟାସିର ଚିତ୍ର; ଯାହା ଅନେକ ସମୟରେ ଉଦ୍ଭଟ, ଅବାସ୍ତବ ତଥା କୁହୁକମୟ ମନେହୋଇଥାଏ । ତେବେ, ଏଥିରେ ରହିଛି ଲୋକକଥା କଳ୍ପନାରେ ନିହିତ 'ଗାଳଗଳ୍ପ' ବା 'ଗାଲୁଗଳ୍ପ' (Fantasy Tale) ର ଚିତ୍ର । ଏହି ଧରଣର ଗଳ୍ପଗୁଡ଼ିକ ସଂପୂର୍ଣ୍ଣ ଭାବରେ ଅବାସ୍ତବ । ବାସ୍ତବ ଜଗତରେ ଯାହା ସମ୍ଭବ ନୁହେଁ କିମ୍ବା ଚିନ୍ତା କରାଯାଇନପାରେ, ତାହା ଏଥିରେ ରୂପାୟିତ ହୋଇଥାଏ । ବାସ୍ତବତା ବା ପ୍ରାକୃତିକତା ସହିତ ଏହାର ସମ୍ବନ୍ଧ ନାହିଁ । ସଂପୂର୍ଣ୍ଣ ଉଦ୍ଭଟ କଳ୍ପନାର ଏହା ପରିପ୍ରକାଶ । ଅନେକ ଅସମ୍ଭବ କଥା ଏଥିରେ ସାଧରିତ ହୋଇଥାଏ । ଆଖି ପିଛୁଳାକେ ମଣିଷ ଜୀବଜନ୍ତୁରେ ପରିଣତ ହୋଇଥାଏ । ନିହାତି କପୋଳକଳ୍ପିତ ଓ ଉଦ୍ଭଟ ଚିନ୍ତାଧାରା ଏହି ଗଳ୍ପଗୁଡ଼ିକରେ ଦେଖାଯାଇଥାଏ । ଡଃ କୃଷ୍ଣଚରଣ ବେହେରାଙ୍କ ଭାଷାରେ, "ଗାଳଗଳ୍ପ ଅପାର୍ଥିବ, ସୃଷ୍ଟିଛଡ଼ା ଗଳ୍ପ । ଏହାର ଘଟଣା, ପରିବେଶ, ଚରିତ୍ରଗୁଡ଼ିକର କାର୍ଯ୍ୟକଳାପ କେବଳ ଅବାସ୍ତବ ନୁହେଁ; ଏ ବିଶ୍ୱ ପ୍ରକୃତିରେ ଏକାବେଳକେ ଅସମ୍ଭବ ମଧ୍ୟ ।"[୧୦] ଏହି ହିସାବରେ ଦେଖିଲେ, ଆଲୋଚ୍ୟ ଉପନ୍ୟାସଟିରେ ଅନେକ ଅବାସ୍ତବ, ଉଦ୍ଭଟ ପରିକଳ୍ପନାର ଚିତ୍ର ନିହିତ । ଯାହାକି ଉପନ୍ୟାସଟିରେ ଚିତ୍ରିତ ମାଡ଼ାମ୍ କ୍ୟୁରି, ଡ. ଫ୍ରୟଡ଼ ପ୍ରଭୃତି ଚରିତ୍ର ମାଧ୍ୟମରେ ଏହି ଧରଣର ଚିତ୍ରକୁ ମୁଖ୍ୟତଃ ଲକ୍ଷ୍ୟ କରିହୁଏ । ଯେପରି- ମାଡ଼ାମ୍ କ୍ୟୁରି ତାଙ୍କ ଶରୀରର ଆକାରକୁ ପ୍ରାୟ ବାରଫୁଟ ଉଚ୍ଚତା ପର୍ଯ୍ୟନ୍ତ ବୃଦ୍ଧି କରିବା, ସାଧାରଣତଃ ଗାଲୁ ବା ଅବାସ୍ତବ (Fantasy) ପରି ମନେହୁଏ । ଠିକ୍ ସେହିପରି ପ୍ରଫେସର ଫ୍ରୟଡ଼ ତାଙ୍କର ଶରୀରକୁ ମହମବତୀର ଶିଖା ପରି ଜଳେଇବା, ମୁଖ୍ୟତଃ ଅବାସ୍ତବ ବା ଗାଲୁ (Fantasy) ପରି ମନେହୁଏ । ଔପନ୍ୟାସିକଙ୍କ ଭାଷାରେ- "କହୁ କହୁ ଅଣ୍ଟାରେ ସମୁଦାୟ ଉପର ଅଂଶଟା ତାଙ୍କ ଶରୀରର ଥଲ୍ ଥଲ୍ ହେବାପରି ଜଣାଗଲା । ଯେମିତିକି ଗୋଟିଏ ଜଳନ୍ତ ମହମବତୀର ଶିଖା! ଅଣ୍ଟା ଉପରକୁ ମହମବତୀର ଶିଖାପରି ଜଳୁଥାନ୍ତି ପ୍ରଫେସର ଆଉ ପବନରେ ସେ ଶିଖା ମଧ୍ୟ ଦୋହଲୁଥାଏ ରୀତିମତ୍ । ଦୋହଲୁ ଦୋହଲୁ ଅଣ୍ଟା ଉପରୁ ମୁଣ୍ଡ ପର୍ଯ୍ୟନ୍ତ ଅଂଶଟା ପ୍ରଫେସରଙ୍କର ହଠାତ୍ ଲିଭିଗଲା ପୂରାପୂରି । କେବଳ ଅଣ୍ଟାତଳକୁ ପ୍ୟାଣ୍ଟ୍ ଆଉ ଜୋତାର କବନ୍ଧଟା ଠିଆ ହୋଇଥାଏ ଦୃଢ଼ଭାବେ ଖୁଣ୍ଟଟିଏ ଭଳି ।"[୧୧] ତେବେ, ଉପନ୍ୟାସଟିର ଅନେକ ସ୍ଥାନରେ ଔପନ୍ୟାସିକ ଅତିକଳ୍ପନା (Fantasy) ର ପ୍ରୟୋଗ କରିଅଛନ୍ତି; ଯାହା ଅନେକାଂଶରେ କୁହୁକ (Magic) ଭଳି ମନେ ହୋଇଥାଏ । ଘଟଣାକ୍ରମେ ଉପନ୍ୟାସଟିରେ ପରିକଳ୍ପିତ କାଳ୍ପନିକ ଜଗତଟି ଏଇ ସ୍ଥୂଳ ଜଗତର ଊର୍ଦ୍ଧ୍ୱରେ ରହି ବର୍ଣ୍ଣିତ ହୋଇଅଛି; ଯେଉଁଠି ଏକ ପ୍ରଶିକ୍ଷଣ କେନ୍ଦ୍ର ରହିଛି ଓ ସେହି ପ୍ରଶିକ୍ଷଣ କେନ୍ଦ୍ରଟିରେ ଏଇ ବାସ୍ତବ ପୃଥିବୀରୁ ୧୨୦ ଜଣ ପ୍ରତିନିଧିଙ୍କୁ ନିର୍ବାଚିତ କରାଯାଇ ପ୍ରଶିକ୍ଷଣ ଦିଆଯାଇଅଛି । ଉକ୍ତ ପ୍ରଶିକ୍ଷଣ କେନ୍ଦ୍ରଟିର ଉପନ୍ୟାସର ନାୟକ ଅନୁରାଗ ଭଳି ସର୍ବମୋଟ ୧୨୦ ଜଣ ପ୍ରତିନିଧିଙ୍କୁ ମାଡ଼ାମ୍ ମେରି କ୍ୟୁରି, ଡ, ଫ୍ରୟଡ଼, ପ୍ରଫେସର ନିତ୍‌ସେ ପ୍ରମୁଖ ପ୍ରଶିକ୍ଷଣ ଦେଉଅଛନ୍ତି ଯେ, ବିନାଶପଥରେ ଅଗ୍ରଗତି କରୁଥିବା ଏଇ ପୃଥିବୀକୁ ରକ୍ଷା କରିବା ନିମନ୍ତେ । ଉପନ୍ୟାସଟିର ଅନେକ ସ୍ଥଳରେ ଔପନ୍ୟାସିକ କୁହୁକ ବିଜଡ଼ିତ ବା କଳ୍ପନା ପ୍ରସୂତ ଘଟଣା, ପରିବେଶ ଆଦିର ବର୍ଣ୍ଣନା ମଧ୍ୟ ଦେଇଛନ୍ତି; ଯେଉଁ ବର୍ଣ୍ଣନା ଭିତରେ ଗନ୍ଧର୍ବ, କିନ୍ନର, ପରୀ, ବଣ, ହ୍ରଦ, ଉପତ୍ୟକା, ଜହ୍ନରାତି ଆଦିର ବର୍ଣ୍ଣନା ରହିଛି । ଏଇ ଧରଣର ବର୍ଣ୍ଣନା ଔପନ୍ୟାସିକ କୃପାସାଗର ସାହୁଙ୍କ 'ଶେଷ ଶରତ' (୨୦୦୬) ଉପନ୍ୟାସଟିରେ ମଧ୍ୟ ରହିଥିବାର ପରିଲକ୍ଷିତ ହୁଏ । ଯେପରି- "ସମ୍ମୁଖରେ ଦଣ୍ଡାୟମାନ ଥିଲା ହିମାଳୟ ନାମକ ନଗାଧିରାଜ । ପୃଥିବୀର ଉଚ୍ଚତମ ଶୃଙ୍ଗମାନ ଏହି ପର୍ବତ ଶୃଙ୍ଖଳାରେ ବିରାଜମାନ । ସମସ୍ତଙ୍କ ମସ୍ତକରେ ଶୋଭା ପାଉଥିଲା ଗୋଟିଏ ଗୋଟିଏ ତୁଷାର କିରୀଟ । ସେ ପର୍ବତ ଶୃଙ୍ଖଳାର ପାଦଦେଶରେ ଚାରିଆଡ଼େ ବ୍ୟାପି ରହିଥିଲା ଚିରହରିତ ପାଇନ୍ ବଣ । ନଭଶ୍ଚୁମ୍ବୀ ଓକ୍ ବୃକ୍ଷମାନଙ୍କରେ ମେଘମାନେ ନେଉଥିଲେ ସାମୟିକ ଆଶ୍ରୟ । ସାରସ ଶୁଣିଥିଲା ଯେ ଏ ସ୍ଥାନରେ ନୈସର୍ଗିକ ସୁଷମାର ମୁଗ୍ଧ ହୋଇ ଏଇଠି କୁଆଡ଼େ ଦେବତା, ଗନ୍ଧର୍ବ, ଯକ୍ଷ ଓ କିନ୍ନରମାନେ ଚିରସ୍ଥାୟୀ ବସବାସ କରନ୍ତି ।"[୧୨] ଏଠାରେ ଲେଖକ ହିମାଳୟ ପର୍ବତମାଳାର ପ୍ରାକୃତିକ ପରିବେଶର ବର୍ଣ୍ଣନା ମାଧ୍ୟମରେ ଦେବତା, ଗନ୍ଧର୍ବ, ଯକ୍ଷ ଓ କିନ୍ନରମାନଙ୍କର କଥା କହିବାକୁ ଚାହିଁଛନ୍ତି ଉପନ୍ୟାସଟିରେ ଚିତ୍ରିତ ସାରସ ଚରିତ୍ର ମାଧ୍ୟମରେ । ଏଗୁଡ଼ିକ କୁହୁକ-ବାସ୍ତବବାଦୀ

ଇଲାକା ଭିତରେ ଏକ ଏକ ଚରିତ୍ର ପାଲଟିଯାଆନ୍ତି ଏବଂ ମଣିଷ ଜୀବନର ବାସ୍ତବତାକୁ ଇଙ୍ଗିତ କରନ୍ତି । ଉପନ୍ୟାସଟିରେ ଇକୋକ୍ରିଟିସିଜିମ୍ ବା ପରିବେଶ ଅଧ୍ୟୟନର ସ୍ୱର ଅନୁରଣିତ ହୋଇଥିଲେହେଁ କୁହୁକ ବିଜଡ଼ିତ ଯେଉଁ ପ୍ରକୃତି, ପରିବେଶ, ପାହାଡ଼, ବୃକ୍ଷ, ଅରଣ୍ୟ, ନଦୀ, ହ୍ରଦ, ଦେବତା, ଗନ୍ଧର୍ବ, ଯକ୍ଷ, କିନ୍ନର ତଥା ପଶୁ-ପକ୍ଷୀମାନଙ୍କର କଥା ପ୍ରକାଶିତ ହୋଇଅଛି, ତନ୍ମଧ୍ୟରେ ଲୋକକଥା କଳ୍ପନାର କିଛି ଉପାଦାନ ରହିଅଛି ବୋଲି କୁହାଯାଇପାରେ । ଯାହାକି, ଉପନ୍ୟାସଟିରେ ମାନବ ମନର ସ୍ୱପ୍ନ ତଥା କଳ୍ପନାକୁ ବେଶ୍ ରହସ୍ୟାତ୍ମକ ରୀତିରେ ଏଗୁଡିକ କୁହୁକ-ବାସ୍ତବତା (Magic-realism) ଆଧୁନିକ କଥାକଳ୍ପନାର ଏକ ପ୍ରମୁଖ ଅଂଶ । କଥାକଳ୍ପନା ଦୃଷ୍ଟିରୁ ଆଲୋଚ୍ୟ ଉପନ୍ୟାସଟିରେ କୁହୁକ ବିଜଡ଼ିତ ଘଟଣା, ପରିବେଶ ଆଦିର ବର୍ଣ୍ଣନା ରହିବା ସହିତ ଉପନ୍ୟାସଟି ଏକ ରୂପକଧର୍ମୀ ରଚନା ମଧ୍ୟ ହୋଇପଡ଼ିଛି । କାରଣ, ଉପନ୍ୟାସଟିରେ ସାଇବେରିଆରୁ ଚିଲିକାକୁ ଉଡ଼ି ଉଡ଼ି ଆସିଥିବା ସାରସ-ସାରସୀଙ୍କ କଥାକୁ ଲେଖକ କାନାଡ଼ାରୁ ଗବେଷଣାପାଇଁ ଚିଲିକାକୁ ଆସିଥିବା ପକ୍ଷୀ ବିଶାରଦ ହ୍ୟାରି କ୍ରିଷ୍ଟେନ୍ ଓ ତାଙ୍କ ପତ୍ନୀ ସାରାଙ୍କ ପ୍ରସଙ୍ଗ ମାଧ୍ୟମରେ କହିବାପାଇଁ ଚେଷ୍ଟା କରିଛନ୍ତି; ଯାହାକି ଉପନ୍ୟାସଟି ରୂପକଧର୍ମୀ ହୋଇପଡ଼ିଛି ବୋଲି କୁହାଯାଇପାରେ । ତେବେ, ଲୋକକଥା କଳ୍ପନା ଅନୁସାରେ ପଶୁ-ପକ୍ଷୀ ସମ୍ବନ୍ଧୀୟ ରଚନାଗୁଡ଼ିକ ମୁଖ୍ୟତଃ ରୂପକ ଶ୍ରେଣୀର । ଏହି ଧରଣର ରଚନାମାନଙ୍କରେ ରହିଥିବା ପଶୁ-ପକ୍ଷୀଗୁଡ଼ିକ ମଣିଷ ଭଳି କଥାବାର୍ତ୍ତା କରି ମାନବ ସମାଜକୁ ବାର୍ତ୍ତା ମଧ୍ୟ ଦେଇଥାନ୍ତି । ଏହି ହିସାବରେ ଦେଖିଲେ, ଲୋକକଥା କଳ୍ପନା ଦୃଷ୍ଟିରୁ ଆଲୋଚ୍ୟ 'ଶେଷ ଶରତ' ଉପନ୍ୟାସଟିର ମୂଲ୍ୟକୁ ଏକାନ୍ତ ଭାବେ ଅସ୍ୱୀକାର କରାଯାଇନପାରେ । କାରଣ, ଉପନ୍ୟାସଟିରେ ସାରସ-ସାରସୀ ଆଦି ପକ୍ଷୀମାନଙ୍କ ସହାୟତାରେ ଚିଲିକାର ପ୍ରାକୃତିକ ପରିବେଶରେ ଅବକ୍ଷୟ କଥାକୁ ଦର୍ଶାଇ ଦିଆଯାଇଛି ।

ଲୋକକଥା କଳ୍ପନାର ଅନ୍ୟତମ ସଫଳ ଅଭିବ୍ୟକ୍ତି ହେଉଛି ମନୋଜ ଦାସଙ୍କ 'ଅମୃତଫଳ' (୧୯୯୬) ଉପନ୍ୟାସ । ଏଥିରେ ଲୋକକଥା କଳ୍ପନା ଭିତରେ ରହିଥିବା ଫାଣ୍ଟାସି, କୁହୁକମୟତା ଆଦି ଚିତ୍ର ପ୍ରକାଶିତ । ତେବେ, ଉପନ୍ୟାସଟିରେ ପରିକଳ୍ପିତ 'ଅମୃତଫଳ' ଏକ ଅବାସ୍ତବ ଫଳ; ଯାହା କୁହୁକମୟ ଏବଂ ଏହି କୁହୁକମୟ ପରିକଳ୍ପନା ପୁଣି ଫାଣ୍ଟାସି ପରି ଲାଗେ । ଏହି ଫଳଟି ଉପନ୍ୟାସଟିରେ ଚିତ୍ରିତ ରାଜା ଭର୍ତ୍ତୃହରି ଓ ବ୍ୟବସାୟୀ ଅମରନାଥଙ୍କ ଚେତନାର ଉତ୍ତରଣର ପ୍ରତୀକ ସାଜିଛି । ଏହାକୁ ପୁଣି ଏକ ବିଭୂତିର ବାହକ ହିସାବରେ ନିଆଯାଇଛି ଉପନ୍ୟାସଟିରେ । ମୋଟାମୋଟି ଭାବରେ ମଣିଷର ଆତ୍ମିକ ଚେତନାର ଉତ୍ତରଣ କଥାହିଁ କହୁଛି ଏହି ଫଳଟି । ତେବେ, ଉପନ୍ୟାସଟିରେ ଉକ୍ତ ଫଳଟିର ବର୍ଣ୍ଣନା ହୋଇଛି ଏହିପରି- "ଯଥେଷ୍ଟ । ଏହାଠୁଁ ଅଧିକ ଶୁଣିବାକୁ ମୁଁ ଆଶା କରୁ ନଥିଲି । ଏହା ଅବଶ୍ୟ ଫଳଟିଏ । କିନ୍ତୁ ଅଦ୍ୱିତୀୟ । ଅତୀତରେ କେବେ ଫଳି ନାହିଁ । ଭବିଷ୍ୟତରେ 'ଲିବ କି ନାହିଁ, ଫଳିଲେ କେବେ ଫଳିବ, ତାହା କହିବା ସମ୍ଭବପର ନୁହେଁ । ଶୁଣ ରାଜା, ମୁଁ ଯୋଗସମାଧିର ଏକ ସ୍ତରରେ ମଧ୍ୟେ ମଧ୍ୟେ ନାନା ପ୍ରକାର ଅତିଭୌତିକ ଶକ୍ତିସମୂହଙ୍କୁ ଆବାହନ କରିଥାଏ । ମୋ କୁଟୀର ଭିତରକୁ ମାଡ଼ିଆସିଥିବା ଗୋଟାଏ ଲତା ଭିତରେ ମୋ ତପଃଶକ୍ତି ଆବାହିତ ଏକ ବିଶେଷ ବିଭୂତି ସଞ୍ଚାରିତ ହୋଇ ଏ ଫଳଟିରେ ପରିଣତି ଲଭିଛି । ଯିଏ ଏହାକୁ ଭକ୍ଷଣ କରିବ, ସେ ହେବ ଦୀର୍ଘଜୀବୀ; ରହିବ ନୀରୋଗ ଏବଂ ହେବ ଉଜ୍ଜ୍ୱଳ ସ୍ୱାସ୍ଥ୍ୟ ଓ ଶକ୍ତିର ଅଧିକାରୀ । ମୁମୂର୍ଷୁ ବା ମୃତପ୍ରାୟ ବ୍ୟକ୍ତି ଏହା ଭକ୍ଷଣ କଲେ ପାଇବ ଜୀବନ୍ୟାସ । ତମେ ପ୍ରଜାବତ୍ସଳ ରାଜା । ତମେ ଦୀର୍ଘଜୀବୀ ଓ ସୁସ୍ଥସବଳ ରହିଲେ ଉପକୃତ ହେବେ ଅସଂଖ୍ୟ ନରନାରୀ । ଅତଏବ ତମେ ହିଁ ଯୋଗ୍ୟ । ଗ୍ରହଣ କର ଏ ଅମୃତଫଳ ।"(୧୪) ଏଠାରେ ଚଣ୍ଡମୁନି ନିଜର ଯୋଗସାଧନା ବଳରେ ନାନାପ୍ରକାରର ଆଧିଭୌତିକ ଶକ୍ତି ସମୂହକୁ ପୁଞ୍ଜିକରି ଏ ଅସାଧାରଣ ଫଳଟିକୁ ନିର୍ମାଣ କରିଛନ୍ତି ଓ ତାକୁ ରାଜା ଭର୍ତ୍ତୃହରିଙ୍କୁ ପ୍ରଦାନ କରୁଛନ୍ତି; ଯାହା ଏକାନ୍ତ ଦୁର୍ଲ୍ଲଭ ତଥା ଅଲୌକିକ, ଅଥଚ ତହିଁରେ ଜୀବନ ରହସ୍ୟ କଥା ସୂଚୀତ । ସୁତରାଂ, ଉପନ୍ୟାସଟିରେ ଏ ଫଳଟି ରାଜା ଭର୍ତ୍ତୃହରିଙ୍କର ଚେତନାକୁ ବଦଳାଇ ଦେବା ସହିତ ବ୍ୟବସାୟୀ ଅମରନାଥଙ୍କର ଚେତନାକୁ ମଧ୍ୟ ବଦଳାଇ ଦେଇଛି । ଉପନ୍ୟାସଟିରେ ଏ ଫଳଟିକୁ ଏକ କାହାଣୀ ଛଳରେ ପ୍ରକାଶ କରାଯାଇଛି; ଯାହାକି ଲୋକକଥା କଳ୍ପନା ଆଧାରରେ ଉକ୍ତ ଉପନ୍ୟାସଟିର ମୂଲ୍ୟକୁ ଏକାନ୍ତଭାବେ ଅସ୍ୱୀକାର କରାଯାଇନପାରେ ।

ଏହା ବ୍ୟତୀତ ଔପନ୍ୟାସିକ ମନୋଜ ଦାସଙ୍କ 'ଗୋଧୂଳିର ବାଘ' (୧୯୯୫), 'ତନ୍ଦ୍ରାଲୋକର ପ୍ରହରୀ' (୨୦୧୦), 'ଶେଷ ତାନ୍ତ୍ରିକର ସନ୍ଧାନରେ' (୨୦୧୮), ଗୌରହରି ଦାସଙ୍କ 'ଏଇଠୁ ଆରମ୍ଭ' (୨୦୦୫), କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ' (୨୦୦୭), ହୃଷୀକେଶ ପଣ୍ଡାଙ୍କ 'ଗର୍ବ କରିବାର କଥା' (୨୦୧୦) ପ୍ରଭୃତି ଉପନ୍ୟାସରେ ମଧ୍ୟ ଲୋକକଥା କଳ୍ପନାର ଉପାଦାନ ନିହିତ । 'ଗୋଧୂଳିର ବାଘ'ରେ ବାଘୁଣୀ ପ୍ରସଙ୍ଗ, 'ତନ୍ଦ୍ରାଲୋକ ପ୍ରହରୀ' ଓ 'ଶେଷ ତାନ୍ତ୍ରିକର ସନ୍ଧାନରେ' ଗୁଣି-ଗାରେଡ଼ି ତଥା ତନ୍ତ୍ର-ମନ୍ତ୍ର ଆଦି ବିଷୟ, 'ଗର୍ବ କରିବାର କଥା'ରେ ଖମ୍ବ ଆଳୁ ପ୍ରସଙ୍ଗ ଏ କ୍ଷେତ୍ରରେ ବିଚାର୍ଯ୍ୟ । 'ଏଇଠୁ ଆରମ୍ଭ' ଉପନ୍ୟାସରେ ନାୟିକା ଉର୍ବଶୀର 'ମାନସରୋବର ହଂସ ଏବଂ

ଛଦ୍ମବେଶୀ ସନ୍ନ୍ୟାସୀ' କାହାଣୀରୁ ସ୍ମୃତିଚାରଣ ଲୋକକଥା କଳ୍ପନାର ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତ । ସେହିପରି ଲୋକକଥା ଏବଂ କଥାକଳ୍ପ (Myth) କୁ ବିଘଟିତ କରି ଔପନ୍ୟାସିକ କଇଳାଶ ପଟ୍ଟନାୟକ ତାଙ୍କର 'ସ୍ଥାବର ଜଙ୍ଗମ'କୁ ଏକ ସମୁନ୍ନତ ରୂପ ପ୍ରଦାନ କରିଛନ୍ତି । ଏଥିରେ ଜୀବନ ବଞ୍ଚିବାର ଅପରିସୀମ ସଂଗ୍ରାମର ଚିତ୍ର ରହିଛି । ସବୁଠାରୁ ବିଶେଷ କଥା ହେଉଛି ଏହାର ପ୍ରତ୍ୟେକ ଚରିତ୍ର ମାନବେତର । ଶାଳଗଛ, ମହୁମାଛି, ଶାଗୁଆନ୍, ଗୁଣ୍ଡୁଚିମୂଷା, ଚଢ଼େଇ, ଶାଗୁଣା, ପିମ୍ପୁଡ଼ି, କୁକୁର, କାଉ, ବରଗଛ ଇତ୍ୟାଦି ଉପନ୍ୟାସଟିର ଚରିତ୍ର ସାଜିଛନ୍ତି । ସେମାନଙ୍କ ପ୍ରକୃତିଦତ୍ତ ଜୀବନକୁ ଆଧୁନିକ ମଣିଷହିଁ ନଷ୍ଟଭ୍ରଷ୍ଟ କରୁଛି । ଏହି କଥାକୁ କଥାକଳ୍ପନା ଆଧାରରେ ଏଠି ପ୍ରକାଶ କରୁଛନ୍ତି ଔପନ୍ୟାସିକ ।

ସୁତରାଂ, ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ କଥାକଳ୍ପନା ଆଧାରରେ ଲୋକକଥା କଳ୍ପନାର ମହତ୍ତ୍ୱ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଆଧୁନିକ ମଣିଷ ଜୀବନର ଅନେକ ଜଟିଳ ରହସ୍ୟକୁ କଥାକଳ୍ପନା ଆଧାରରେ ସଂପ୍ରତି ଔପନ୍ୟାସିକମାନେ ପ୍ରକାଶ କରିବାରେ ବେଶ୍ ତତ୍ପର । "ମଣିଷର ପ୍ରାଚୀନତମ ପ୍ରକାଶକ୍ଷେତ୍ର କଥାକଳ୍ପନା ଏଯାବତ୍ କାଳର ଆଲେକ୍ୟକୁ ବହନ କରି ମାନବ ସମାଜକୁ ବୁଦ୍ଧିମନ୍ତ କରିଆସିଛି । ଅତୀତଠାରୁ ଆରମ୍ଭ କରି ସାମ୍ପ୍ରତିକ କାଳଖଣ୍ଡର ବିଶାଳ ପରିଧି ମଧ୍ୟରେ କଥା ପରମ୍ପରାକୁ ଅନୁଧ୍ୟାନ କରେ ବାସ୍ତବିକ ବିସ୍ମିତ ହେବାକୁ ପଡ଼େ । ଯଥାର୍ଥରେ ଏକ ଦୀର୍ଘ ଯାତ୍ରାପଥରେ କଥାକଳ୍ପନା ଜୀବନର ଆଲେଖ୍ୟକୁ ଅତି ବିଶ୍ୱସ୍ତ ଭାବରେ ରୂପାୟିତ କରିଆସିଛି । ନା ପରମ୍ପରା ଏହାକୁ କରିଛି ସୀମାବଦ୍ଧ, ନା ଆଧୁନିକତାର ପ୍ରଲେପ ଏଥିରେ ଆଣିଛି ପରିବର୍ତ୍ତନ । ଯଥାର୍ଥରେ କହିବାକୁ ଗଲେ ସମୟ ଏକ ଅପ୍ରତିହତ ଧାରା ।"(୧୪)) ସେହି ଧାରା ଭିତରେ କଥାକଳ୍ପନାର ସ୍ୱର ବିଦ୍ୟମାନ । କଥାକଳ୍ପନାର ଏହି ଧାରା ଦୃଷ୍ଟିରୁ ଲୋକକଥା କଳ୍ପନାର ମହତ୍ତ୍ୱ ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ; ଯାହାକି ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର କଥାକଳ୍ପନା ଧାରା ବିଚାରରେ ଲୋକକଥା କଳ୍ପନାର ଗୁରୁତ୍ୱକୁ ଅସ୍ୱୀକାର କରିହୁଏନାହିଁ ।

**ପ୍ରାନ୍ତଟୀକା :**


୧) ପଣ୍ଡା, ହୃଷୀକେଶ – 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ: ୧୯୯୮, ପୃ-୩୭-୩୮ ।

୨) ତତ୍ରୈବ, ପୃ-୮୪ ।

୩) ପୃଷ୍ଟି, ଭୀମ – 'କୁଆଡ଼େ ଚାଲିଛ ରୁହ ପଞ୍ଚଭୂତ', ସ୍ୱସ୍ତିକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୨, ପ୍ରଥମ ପ୍ରକାଶ: ୨୦୧୧, ପୃ-୩୭ ।

୪) ରଥ, ଚନ୍ଦ୍ରଶେଖର – 'ନବଜାତକ: ଉପନ୍ୟାସ ସମାହାର', ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨, ପ୍ରଥମ ପ୍ରକାଶ: ୨୦୧୩, ପୃ-୪୦୩ ।

୫) ତତ୍ରୈବ, ପୃ-୩୮୮-୩୮୯ ।

୬) ବେହେରା, ଡଃ କୃଷ୍ଣଚରଣ – 'କଥା ସାହିତ୍ୟ', ସାଥୀ ମହଲ, କଟକ, ପ୍ରକାଶକାଳ-୧୯୬୮, ପୃ-୨୭ ।

୭) ଆଚାର୍ଯ୍ୟ, ଶାନ୍ତନୁ କୁମାର – 'ଅନୁ ହଜିଯିବା ପରେ', ବିଦ୍ୟାପୁରୀ, ବାଲୁବଜାର, କଟକ-୨, ପ୍ରଥମ ପ୍ରକାଶ-ନଭେମ୍ବର ୧୯୯୫, ପୃ.-୩୮ ।

୮) ସାହୁ, କୃପାସାଗର – 'ଶେଷ ଶରତ', କୁସୁମିତା ପବ୍ଲିକେଶନ୍ସ, ଭୁବନେଶ୍ୱର, ପ୍ରଥମ ପ୍ରକାଶ: ୨୦୦୬, ପୃ-୧୮ ।

୯) ଦାସ, ମନୋଜ – 'ଅମୃତଫଳ', ବିଦ୍ୟାପୁରୀ, ବାଲୁବଜାର, କଟକ-୨, ଚତୁର୍ଦ୍ଦଶ ମୁଦ୍ରଣ: ଜାନୁଆରୀ ୨୦୧୫, ପୃ-୭୦-୭୧ ।

୧୦) ପଟ୍ଟନାୟକ, ଡଃ ଦେବୀପ୍ରସନ୍ନ – 'ଓଡ଼ିଆ କଥା କଳ୍ପନାରେ ଉତ୍ତର ଆଧୁନିକତା ଓ ଅନ୍ୟାନ୍ୟ ପ୍ରସଙ୍ଗ', ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୧, ଦ୍ୱିତୀୟ ସଂସ୍କରଣ : ୨୦୧୭, ପୃ-୧୩୫ ।



ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବଣାଇଁଗଡ଼ ମହାବିଦ୍ୟାଳୟ, ବଣାଇଁଗଡ଼
ଦୂରଭାଷ : ୭୬୦୬୦୧୬୦୩୧

## ଜାନୁଆରୀ - ୨୦୨୩

ମୟୂରଭଞ୍ଜ ଆଦିବାସୀଙ୍କର ନିଚ୍ଛକ ରୂପକାର ଗାଳ୍ପିକ ବସନ୍ତ କୁମାର ଶତପଥୀ

– ଗୌତମସେନ୍ ହାଁସଦାଃ

ଯନ୍ତ୍ରଣାର ଅନ୍ୟରୂପ "ଶୋଷ' : ରୂପକାର ଜୟଦ୍ରଥ ସୁନା

– ସୁବାଷ ଚନ୍ଦ୍ର ଭୋଇ

ସାମାଜିକ ଦାୟବଦ୍ଧତା ଓ ଫକୀରମୋହନଙ୍କ ପ୍ରବନ୍ଧ ସାହିତ୍ୟ

– ଜୟନ୍ତ କୁମାର ଦାସ

କେନ୍ଦୁଝରର କାଠି କଣ୍ଢେଇ ନାଚ ଓ ଯଶସ୍ୱୀ କଳାକାର ମାଗୁଣି ଚରଣ କୁଅଁର

– ପ୍ରଜ୍ଞା ପ୍ରଣତି ସିଂହ

ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପରେ ସାମ୍ୟବାଦୀ ପ୍ରସଙ୍ଗ

– ଡ. ଶାନ୍ତନୁ କୁମାର ନାୟକ

ଇତିହାସବୋଧ ଭୀମଭୋଇ

– ସଂଘମିତ୍ରା ବେହେରା

## ଫେବୃୟାରୀ - ୨୦୨୩

ମାତୃଭାଷା ଦିବସର ରକ୍ତ କଥା

– ଜ୍ୟୋତି ନନ୍ଦ

ଓଡ଼ିଆ ଭାଷାର ଅସ୍ମିତା : ଶିଳାଲେଖ

– ଡ. ନଗେନ କୁମାର ଦାସ

ଇଂରାଜୀ ପରିପ୍ରେକ୍ଷୀରେ ସ୍ଥାନୀୟ ଭାଷା: ଜ୍ଞାନ, ଶକ୍ତି, ଓ ପରିଚିତି

– ସଞ୍ଜୟ କୁମାର ବାଗ

ଶାସ୍ତ୍ରୀୟ ଓଡ଼ିଆ ଭାଷା : ଶିକ୍ଷା ଓ ନିଯୁକ୍ତି

– ଡ. ଇନ୍ଦ୍ରମଣି ସାହୁ

ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ସାଂପ୍ରତିକ ସ୍ଥିତି

– ରୁଦ୍ର ନାରାୟଣ ମହାପାତ୍ର

ଭୂଲିଆ ଭାଷାର କାଳ : ଏକ ଭାଷାତାତ୍ତ୍ୱିକ ଅନୁଶୀଳନ

– ଡ. ନୀଳମଣି ମେହେର

## ମାର୍ଚ୍ଚ - ୨୦୨୩

ଆମ ଅଭିଲେଖରେ ଆମ ଭାଷା କଥା

- ଡକ୍ଟର ଦେବାଶିଷ ମହାପାତ୍ର

ମାଦଳା ପାଞ୍ଜିରେ ପ୍ରାଚୀନ ଓଡ଼ିଆ ଭାଷା

- ଡକ୍ଟର ଅମ୍ବରୀଶ ଶତପଥୀ

ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ : 'ରୁଦ୍ର ସୁଧାନିଧି'

– ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଟୋଇ

ସାରଳା ମହାଭାରତର ଆଦିପର୍ବରେ ବ୍ୟାକରଣ ଚର୍ଚ୍ଚା (ପ୍ରସଙ୍ଗ : କ୍ରିୟାପଦ)

- ସତ୍ୟବ୍ରତ ସେଠୀ

ଜଗନ୍ନାଥ ଦାସଙ୍କ ଭାଗବତ : ଏକ ଭାଷାତାତ୍ତ୍ୱିକ ବିଶ୍ଳେଷଣ

– ଡ. କଳ୍ପତରୁ ନାୟକ

ଭାଷାବିତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ

– ଡକ୍ଟର ଆଶୁତୋଷ ରାଉତ

## ଅପ୍ରେଲ - ୨୦୨୩

ଆଦର୍ଶବାଦର ଆଶାବାଦୀ : ସାମ୍ୟ-ବାଦୀ

– ଡକ୍ଟର ଅରବିନ୍ଦ ଦାସ

ସଂରଚ୍ନାବାଦ ଅନ୍ତର୍ଭୁକ୍ତ ପେରୋଲ୍ ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'

– ଡ. ରବୀନ୍ଦ୍ର କୁମାର ଦାସ

ଗୋପବନ୍ଧୁଙ୍କ ସାହିତ୍ୟରେ ମାନବୀୟ ଦୃଷ୍ଟିକୋଣ-

– ଡ. ଜୟନ୍ତ କୁମାର ଦାସ

କୁନ୍ତଳାକୁମାରୀଙ୍କ କବିତାରେ ଉତ୍କଳୀୟତା

– ଗାୟତ୍ରୀ ମହାପାତ୍ର

ସମ୍ବଲପୁର ଜିଲ୍ଲାର ସୌଖୀନ ନାଟ୍ୟାନୁଷ୍ଠାନ

– ଶୁଭ୍ରାଂଶୁ ବେହେରା

ସାତଭାୟାର ଲୋକସଂସ୍କୃତି

– ସୁବ୍ରତ ପାତ୍ର

ଅନାମଗୋଷ୍ଠୀ ଓ ସୁରେନ୍ଦ୍ରମହାନ୍ତି

– ସୁବାସ ଚନ୍ଦ୍ର ଭୋଇ

## ମଇ - ୨୦୨୩

କାବ୍ୟର ପ୍ରେରଣା ଓ ପ୍ରୟୋଜନ

– ଡକ୍ଟର ଶରତ କୁମାର ଜେନା

ଓଡ଼ିଶାର ଲୋକୋକ୍ତିରେ ଉଦ୍ଭିଦ ଜଗତ

– ଡକ୍ଟର ବସନ୍ତ କୁମାର ସାହୁ

ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ

– ବର୍ଷା ମିଶ୍ର

ଦିଲ୍ଲୀଶ୍ୱରଙ୍କ ନାଟ୍ୟଜଗତ

– ଜ୍ୟୋତିସ୍ମିତା ସାହୁ

ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ନାଟ୍ୟଜଗତ

– ପ୍ରମୋଦିନୀ ସ୍ୱାଇଁ

'ଆଗ୍ନେୟଗିରିରେ ବଣଭୋଜି' ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ
– ପବିତ୍ର ଦାସ

## ଜୁନ୍ – ୨୦୨୩

ସୁରେନ୍ଦ୍ରନାଥ ଶତପଥୀଙ୍କ ପୌରାଣିକ ଉପନ୍ୟାସ :
ଏକ ମୁଗ୍ଧ ଦୃଷ୍ଟିପାତ
– ସୋନିପ୍ରିୟା ପଲେଇ

କେନ୍ଦୁଝରେ ଗଣ୍ଡ ଜନଜାତିର ପ୍ରଚଳିତ ମକର ପର୍ବ
– ଉଜସ୍ୱିନୀ ନାଏକ

ନାଟ୍ୟକାର ମନ୍ମଥ ଶତପଥୀଙ୍କ ନାଟକରେ
ନୂତନ ପରୀକ୍ଷା ଓ ପ୍ରୟୋଗ
– ଚିନ୍ମୟ ସାମଲ

ଗୋଇନ୍ଦା ଉପନ୍ୟାସର ନାମକରଣଗତ ବୈଚିତ୍ର୍ୟ
– ପ୍ରତୀଚୀ ନନ୍ଦ

ହୃଷୀକେଶ ମଲ୍ଲିକଙ୍କ କାବ୍ୟମାନସ: ଏକ ଆକଳନ
– କନକପ୍ରଭା ମନ୍ତ୍ରୀ

ଓଡ଼ିଆ ସ୍ତମ୍ଭ ସାହିତ୍ୟ : ପ୍ରବାସୀ ଓଡ଼ିଆ ସ୍ତମ୍ଭକାର
– ଚନ୍ଦ୍ରିକାରାଣୀ ପଣ୍ଡା

ଓଡ଼ିଶାର ବୌଦ୍ଧ ଧର୍ମ ଓ ଓଡ଼ିଆ
ପ୍ରାଚୀନ ସାହିତ୍ୟରେ ଏହାର ପ୍ରଭାବ
– ରୁବିନା ପାତ୍ର

## ଜୁଲାଇ – ୨୦୨୩

ଶାସ୍ତ୍ରୀୟ ଓଡ଼ିଆ ଭାଷା : ଶିକ୍ଷା ଓ ନିଯୁକ୍ତି
– ଡ. ଇନ୍ଦ୍ରମଣି ସାହୁ

ଡାନିଲୋଡୋଲ୍‌ସି : ସିସିଲିର ଗାନ୍ଧୀ
ଇଟାଲୀରେ ଅହିଂସା
– ସାଇ ଶ୍ରୀଲୋକନାଥ ପ୍ରସାଦ ସେଠୀ

ବୋଲି
– ଡ. ଅନନ୍ତ କିଶୋର ଜେନା

ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପରେ
ପ୍ରକୃତି ଓ ପରିବେଶର ଚିତ୍ର
– ମେନକା ସାହୁ

ଜଣେ ପାଠକ ଦୃଷ୍ଟିରେ କରୁଣା ଓ କାରୁଣ୍ୟର କାରିଗର
ବ୍ୟାସକବି ସେନାପତିଙ୍କ ସରସ୍ୱତୀ ରେବତୀ
– ଡକ୍ଟର ସନ୍ତୋଷ କୁମାର ନାୟକ

ଗାନ୍ଧୀବାଦର ତଳେ
– ପ୍ରତୀଚୀ ନନ୍ଦ

ମଧ୍ୟକାଳୀନ ଓଡ଼ିଆ ପଦିଆ ସାହିତ୍ୟ
– ବିଜୟଲକ୍ଷ୍ମୀ ଦାଶ

ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସମୀକ୍ଷା: ବିଚାର ଓ ବିମର୍ଶ
– ସନ୍ତୋଷ ଭୋଇ

## ଅଗଷ୍ଟ – ୨୦୨୩

ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ 'ଉର୍ମିଳା':
ଏକ ପାଠକୀୟ ଅଭିବ୍ୟକ୍ତି
– ସ୍ନିଗ୍ଧା ଶୁଭଦର୍ଶିନୀ

ରୂପାନ୍ତରରେ ନୀଳମାଷ୍ଟ୍ରାଣୀ
– ପ୍ରକାଶ ଚନ୍ଦ୍ର ପ୍ରଧାନ

ସ୍ୱିଫ୍ଟଲେଟ ପକ୍ଷୀ ଲାଳର ବସାରୁ ବ୍ୟଞ୍ଜନ ବ୍ୟବସାୟ
- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ପୂର୍ବ ଓ ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଲୋକନୃତ୍ୟ : ଏକ ଦୃଷ୍ଟିପାତ
- ରୁବିନା ପାତ୍ର

ଓଡିଆ କ୍ଷୁଦ୍ରଗଳ୍ପ : ପ୍ରବାସୀର ଅନ୍ତରଙ୍ଗ ଜୀବନପ୍ରବାହ
- ମମତାମୟୀ ଦାଶ

ଶ୍ରୀଜଗନ୍ନାଥ ସାଂସ୍କୃତିକ ଚେତନା ବନାମ ବ୍ରହ୍ମତତ୍ତ୍ୱ
– ଡକ୍ଟର ସନ୍ତୋଷ କୁମାର ନାୟକ

## ସେପ୍ଟେମ୍ବର – ୨୦୨୩

ଓଡ଼ିଆ ଅସ୍ମିତାର କର୍ଣ୍ଣଧାର 'ଉତ୍କଳଗୌରବ ମଧୁସୂଦନ'
– ଡକ୍ଟର ସାରଦା ପ୍ରସାଦ ମହାନ୍ତି

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରିପ୍ରେକ୍ଷୀରେ
'ଉତ୍କଳ ଦୁର୍ଦ୍ଦଶା' ନାଟକ
– କନକ ବର୍ଦ୍ଧନ ସାହୁ

ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଜଗତ
– ଜ୍ଞାନୀ ଦେବାଶିଷ ମିଶ୍ର

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗୋଦାବରୀଶ ମିଶ୍ରଙ୍କ ଭୂମିକା
– ମାନସ ନାଏକ

ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷାରେ ଗୌରୀଶଙ୍କରଙ୍କ ଭୂମିକା
– ଜ୍ଞାନରଞ୍ଜନ ତ୍ରିପାଠୀ

ଜଳମଗ୍ନ ହୀରାକୁଦ ଓ ଓଡ଼ିଆ ଉପନ୍ୟାସ
– ଡକ୍ଟର ଆଲୋକ ବରାଳ

ସ୍ତମ୍ଭ ରଚନା : ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ
– ଚନ୍ଦ୍ରିକାରାଣୀ ପଣ୍ଡା

ଧର୍ମୀୟ ସଂସ୍କାର ଆନ୍ଦୋଳନ :
ଶଙ୍କରଦେବ, ମାର୍ଟିନ୍‌ଲୁଥର କିଂ ଓ ଶ୍ରୀଚୈତନ୍ୟ
– ଡକ୍ଟର ପ୍ରତୀଚୀ ନନ୍ଦ

## ଅକ୍ଟୋବର - ୨୦୨୩

ଉତ୍ତର ଅଶୀ ଓଡ଼ିଆ କବିତାରେ ଦଳିତ ସ୍ୱର
– ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ

ପ୍ଲାଟୋଙ୍କ ଆଦର୍ଶବାଦ
– ଡକ୍ଟର ଶରତ କୁମାର ଜେନା

ଊନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଫକୀରମୋହନ
– ଡକ୍ଟର ଅରବିନ୍ଦ ଦାସ

ପରମ୍ପରା ଓ ଆଧୁନିକତାର ମାନଦଣ୍ଡରେ 'ପାଟଦେଈ'
– ଡକ୍ଟର ପ୍ରମିଳା ପାଟ୍ଟଜୋଶୀ

ଇତିହାସ ଓ ସାହିତ୍ୟ
– ଜ୍ଞାନୀ ଦେବାଶିଷ ମିଶ୍ର

## ନଭେମ୍ବର - ୨୦୨୩

ଓଡ଼ିଆ ତୁଳନାତ୍ମକ ସାହିତ୍ୟାଲୋଚନାର ଧାରାରେ
ଜିଓଫ୍ରେ ଚସର ଓ ସାରଳା ଦାସ
– ଡ. ଇନ୍ଦ୍ରମଣି ସାହୁ

ଓଡ଼ିଆ ପ୍ରବଚନରେ ସମାଜ ଓ ଜନଜୀବନର ଚିତ୍ର
– ଚୂଳରାଜ ମେହେର

ସାଂପ୍ରତିକ ଓଡ଼ିଆ ଗଳ୍ପର ଭାଷା (୧୯୮୦-୨୦୨୩)
– ମମତା ସେନାପତି

ପଦ୍ମଜ ପାଳଙ୍କ ଉପନ୍ୟାସ : ଯୌନ-ପ୍ରସଙ୍ଗ
– ଯୁଗିରାମ ପୁଟେଲ

କବି ଗୋପବନ୍ଧୁଙ୍କ ବ୍ୟଥିତ ପ୍ରାଣ ଓ
ଅନ୍ତିମ ଅଶ୍ରୁର କବିତା : ଏକ ଅନୁଭବ
– ଡକ୍ଟର ସନ୍ତୋଷ କୁମାର ନାୟକ

## ଡିସେମ୍ବର - ୨୦୨୩

ଦେହ ଓ ଦହନ ପ୍ରସଙ୍ଗ ଗୋପୀନାଥ ମହାନ୍ତିଙ୍କ
ଉପନ୍ୟାସ : ଏକ ଆଲେଖ୍ୟ
– ଯୁଗିରାମ ପୁଟେଲ

ହିତୈଷିଣୀର ସମ୍ପାଦନା ଓ ନୀଳମଣି ବିଦ୍ୟାରତ୍ନ
– ଡ. ସନ୍ତୋଷ କୁମାର ପଣ୍ଡା

ମହାପାତ୍ର ନୀଳମଣି ସାହୁଙ୍କର ଗଳ୍ପ ଏକ ଦୃଷ୍ଟିପାତ
– ଡକ୍ଟର ସ୍ୱପ୍ନାରାଣୀ ସିଂ

ଉପନ୍ୟାସ ସୃଜନରେ ଗୌରହରିଙ୍କ ଗୌରବ
– ହରେନ୍ଦ୍ର ଗାଁଣ

ଲୋକକଥା କଳ୍ପନାରେ ଉତ୍ତରଅଶୀ ଓଡ଼ିଆ ଉପନ୍ୟାସ
– ଖଗେଶ୍ୱର ମେହେର

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ